
ତୃରଷ-17

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

❋ ଚତୁର୍ଥ ପୁଷ ❋ ଚତୁର୍ଥ ପାଖୁଡ଼ା ❋ ସପ୍ତଦଶ ସଂଖ୍ୟା ❋

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଭନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଭନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ॥

❋ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଦଶ ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ ❋ ଦ୍ୱାଚତ୍ୱାରିଂଶତ୍

# ପ୍ରବେଶ ପରିଚିତି

❋ ଚତୁର୍ଥ ପୁଷ୍ପ ❋
ଚତୁର୍ଥ ପାଖୁଡ଼ା
ସପ୍ତଦଶ ସଂଖ୍ୟା
ଦ୍ୱିତୀୟ ସଂସ୍କରଣ - ୨୦୦୮

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ ।
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀ ପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ଆବାହନୀ ସଙ୍ଗୀତ | ୨ |
| ଜଣାଣ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମରେ ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ (ରଚ୍ଚାଂଶ) : | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ- ଆହ୍ୱାନ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି-ମୋହନବଂଶୀ | ୧୮ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୭ |
| କଲ୍ୟାଣ ହେଲି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୪ |
| ମାଳିକା ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା | ୩୬ |
| ପୁରାଣ ପୃଷ୍ଠାରୁ : ରଚ୍ଚାଂଶର ମୀମାଂସାଖଣ୍ଡ | ୩୯ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୪୧ |
| ପଞ୍ଚସଖା ସ୍ମୃତି ଯଜ୍ଞାନୁଷ୍ଠାନ ଉପଲକ୍ଷେ : | |
| ପଞ୍ଚସଖା : ପଞ୍ଚ ଅନିର୍ବାଣ ଦୀପଶିଖା | ୪୩ |
| ଆଶ୍ରମ ସନ୍ଦେଶ | ୪୫ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।


# ଅର୍ଘ୍ୟ ସ୍ତମ୍ଭ

''ଧନଂ ନ ପ୍ରାର୍ଥୟାମ୍ୟହମ୍
ନଜନଂ ନଚ ପୌରୁଷମ୍ ।
ଗୋପଲକ୍ଷ୍ମୀଃ ନଯାଚେଽହମ୍
ସଦା ବୈପାତୁ ସଙ୍କଟାତ୍ ।।''

## ମଙ୍ଗଳାଚରଣ

## ଶ୍ରୀପଦ ପାଦୁକା ସ୍ତୁତି

ନମଇଁ ଶ୍ରୀପଦ ପାଦୁକା ।
ବନ୍ଧୁ ସ୍ୱଜନ ଦିବ୍ୟ ସଖା ।। ୧ ।।
ନମଇଁ ପାଦୁକା ସନ୍ନିଧେ ।
ଲଭିବା ପାଇଁ ବର ମୋଦେ ।। ୨ ।।
ନମଇଁ ଶ୍ରୀପଦ ଯୁଗଳ ।
ପାରିହେବାକୁ ଭବ ଜଳ ।। ୩ ।।
ନମଇଁ ଦୈବତ ସୁନ୍ଦର ।
ଯା'ପାଦ ସେବେ ପୁରନ୍ଦର ।। ୪ ।।
ନମଇଁ ଚରମ ପୁରୁଷ ।
ଖଣ୍ଡ ସକଳ ପଉରୁଷ ।। ୫ ।।
ନମଇଁ ସର୍ବ ସିଦ୍ଧିଦାତା ।
ନିଖିଳ ବ୍ରହ୍ମାଣ୍ଡ କରତା ।। ୬ ।।
ନମଇଁ ପୁରୁଷ ଉତ୍ତମ ।
କରୁଣାକର ନରୋତ୍ତମ ।। ୭ ।।
ନମଇଁ ସର୍ବ ଧ୍ୟାନମୂଳ ।
ସୃଷ୍ଟିତତ୍ତ୍ୱର ଆଦିମୂଳ ।। ୮ ।।
ନମଇଁ ମୁକ୍ତିମୋକ୍ଷ ଦାତା ।
ମହତୀ ପ୍ରଳୟ କରତା ।।୯।।
ନମଇଁ କରୁଣାସାଗର ।
ଭବ ବନ୍ଧନୁ ପାରିକର ।।୧୦।।
ନମଇଁ ଶ୍ରୀପାଦୁକା ପ୍ରାନ୍ତେ ।
ଚରମ ପ୍ରାପ୍ତିପାଇଁ ଅନ୍ତେ ।।୧୧।।
ନମଇଁ ସ୍ୱର୍ଣ୍ଣକ୍ଷେତ୍ର ପତି ।
ହେ ନାଥ ! ଅଗତିର ଗତି ।।୧୨।।
ନମଇଁ ଶ୍ରୀଯଦୁନନ୍ଦନ ।
ନିଖିଳ ବିଶ୍ୱର ବନ୍ଦନ ।।୧୩।।
ନମଇଁ ସୁକାନ୍ତି ତନୟ ।
ଦୂରିତକର ସର୍ବଭୟ ।।୧୪।।
ନମଇଁ ଶରଣ ରକ୍ଷଣ ।
ଅଭୟେ ଦିଅହେ ଶରଣ ।।୧୫।।
ନମଇଁ ଗୁରୁଙ୍କର ଗୁରୁ ।
କେଶବଚନ୍ଦ୍ର କଳ୍ପତରୁ ।।୧୬।।
ନମଇଁ ସଦା ଭାବଭୋଳ ।
ଅକୂଳେ ବାରେ ଦିଅ କୂଳ ।।୧୭।।
ନମଇଁ ପ୍ରାଣର ଠାକୁର ।
ଶ୍ରୀପଦ ଚିହ୍ନିଣ କିଙ୍କର ।।୧୮।।
ନମଇଁ ଶ୍ରୀପାଦୁକା ଦେବ ।
କୃପାରୁ ସର୍ବସିଦ୍ଧି ହେବ ।।୧୯।।
ନମଇଁ ଦେବ ଆଦିକନ୍ଦ ।
ଦିଅ କିଙ୍କରେ ପୂର୍ଣ୍ଣାନନ୍ଦ ।।୨୦।।
ନମଇଁ ଶ୍ରୀପଦ ପାଦୁକା ।
ସଂସାର ସାଗର ନଉକା ।।୨୧।।




## ଆବାହନୀ ସଂଗୀତ

ସାଜରେ ସାଜରେ ସାଜ
ଜାଗରେ ଜାଗରେ ଜାଗ
ଜାଗିଉଠ ଆଜି ଧର୍ମ ସଂସ୍ଥାପନେ
ଡାକନ୍ତି ପରମ ପୂଜ୍ୟ ।। (ଘୋଷା)
ଉଡ଼େ ଫରଫର କେତନୀ କେତନ
କହି ଉଠେ କାନେ ସର୍ବେ ସମାନ
ଛୋଟବଡ଼ ପଣ ତେଜିବା ମନରୁ
ଧରିବା ସଉଜଧୈର୍ଯ୍ୟ ।। (୧)

ଶପଥ କରିବା ସୁପଥ ଧରିବା
ଶ୍ରୀଗୁରୁ ଶ୍ରୀପଦ ସୁମରି ଚଳିବା
ଭ୍ରାତୃତ୍ୱ ପ୍ରେମରେ ମଜ୍ଜିବା ସରବେ
ବାହି ନେବା ନିଜ କାର୍ଯ୍ୟ ।। (୨)

ସତ୍‌ସଙ୍ଗ ପରା ମୁକତି ପସରା
ଝରି ପଡୁଅଛି ମୁକତିର ଧାରା
ଜୟ ଗୁରୁସ୍ୱାମୀ ଜଗତର ସ୍ୱାମୀ
ନିରତେ ଅନ୍ତରେ ଭଜ ।। (୩)

*ଜୟକାର ଧ୍ୱନି – ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀ ଜି – ଜୟ ! (୩ ଥର)*

# ବୈଣାଣି

ଧନ୍ୟ ଭାଗ୍ୟ ମୋର ଦର୍ଶନ ଯା' କଲି
ଏ ମୋ ନେତ୍ର ଦୁଇଘେନି ।
କଳିର ଠାକୁର ଶ୍ରୀ କେଶବ ଚନ୍ଦ୍ର
ଚରଣ କମଳ ବେନି ।।୧।।

ନେତ୍ରଭରି ତାଙ୍କ ଦେଖିଲି ଶ୍ରୀମୁଖ
ବଚନ ଅମୃତ ପାଇ ।
ସୁଖ ସରୋବରେ ମନ ନେତ୍ର ହୃଦ
ହୋଇଗଲା ମୋର ଧୋଇ ।।୨।।

ସତ୍ତ୍ୱ ସ୍ୱରୂପ ସେ ଦୟାବୃଷ୍ଟି କରି
ଅନାଇ ଯା' ଦେଲେ ମୋତେ ।
କର୍ମ ଉପାସନା ଜ୍ଞାନଜାତ ଭ୍ରମ
ସଂଶୟ ମେଣ୍ଟିଲା ଯେତେ ।।୩।।


ହରି ଲୀଳା କହି ତନୁ ଉଲ୍ଲସାଇ
ମାନସ ମୋ କଲେ ସ୍ଥିର ।
ପ୍ରଭୁ ପାଦ ଧାୟି ସ୍ମିତ ବଦନରେ
ତୋଷିଲି ମୋର ଅନ୍ତର ।।୪।।

ଶ୍ରୀ ପ୍ରଭୁଙ୍କ ସଙ୍ଗେ ସାଧୁ ସମାଗମ
ଧନ୍ୟ ଧନ୍ୟ ମୋର ଗୁରୁ ।
ଏ ଦୀନ ଜୀବନ ହୋଇଲା ସାର୍ଥକ
ଦେଖି ବାଞ୍ଛାକଳ୍ପତରୁ ।।୫।।

ହେ କେଶବଚନ୍ଦ୍ର ହେ ଗୁରୁଗୋବିନ୍ଦ
ତୁମରି ଆଶ୍ରୟ ନେଲି ।
ଏ ଜୀବନେଥିଲା ଯେ ଆଶା ଭରସା
ପଛକୁ ପକାଇ ଦେଲି ।।୬।।

ଭକ୍ତିର ଭିକାରୀ କରିଦିଅ ପ୍ରଭୁ
ଦେଇ ନାମ ଭିକ୍ଷାଝୁଲି ।
ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ରରେ ନାଚି ଆନନ୍ଦରେ
ସବୁ ଦୁଃଖଯିବି ଭୁଲି ।।୭।।

✡




**ମୁଖଶାଳା**

''କର୍ମ ଫଳ ଘେନି ଜନ୍ମ ଲଭୁଛନ୍ତି
ଜୀବଗଣ ବସୁଧାରେ
ଫଳ ଭୁଞ୍ଜିସାରି ଯାଉଛନ୍ତି ପୁଣି
କୃତକର୍ମ ଅନୁସାରେ ।।'' - (ସ୍ୱଭାବ କବି ଗଙ୍ଗାଧର ମେହେର)

ପୂର୍ବ ଜନ୍ମଜନ୍ମାନ୍ତର ଅର୍ଜିତ କର୍ମଫଳ ଘେନି ଏହି ଧରାଧାମରେ ଜୀବଗଣ ଜନ୍ମଲାଭ କରନ୍ତି, କରିଛନ୍ତି ଓ କରୁଛନ୍ତି ମଧ୍ୟ । ପ୍ରତ୍ୟେକେ ନିଜନିଜର କୃତକର୍ମ ଫଳ ଏହି ଧରାପୃଷ୍ଠରେ ଭୋଗ କରି ପୁନଶ୍ଚ ଦେହତ୍ୟାଗ କରନ୍ତି । ଭୋଗ ହୋଇ ପାରି ନ ଥିବା କର୍ମଫଳ ଭୋଗ ନିମନ୍ତେ ପୁନର୍ବାର ଜନ୍ମଲାଭ କରନ୍ତି । କର୍ମଫଳ ବନ୍ଧନରେ ଆବଦ୍ଧଜୀବର ତେଣୁ ମୁକ୍ତି କାହିଁ ? ନାହିଁ । ନାହିଁ । ଆତ୍ମା ବାରମ୍ବାର ଦେହଧରେ, ପୁଣି ଦେହ ଛାଡ଼େ ! ପଞ୍ଚଭୂତର ଶରୀର ଏହି ମରଲୋକରେ ପଞ୍ଚଭୂତରେ ବିଲୀନ ହୁଏ ।

''ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି ।
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ଯେ ।। - (ଭକ୍ତ କବି ଭକ୍ତଚରଣ ଦାସ)

ମାୟାମୋହବଦ୍ଧ ହୋଇ ଜୀବକୁଳ ଯାହା ପ୍ରକୃତରେ ତାଙ୍କର ନୁହେଁ, ତାହାକୁହିଁ ତାଙ୍କର ମନେ କରି 'ମୋର, ମୋର' ଚିତ୍କାର କରି ଗଗନ ପବନ ପ୍ରକମ୍ପିତ କରୁଅଛନ୍ତି । ଧନ, ଜନ, ଗୋପ, ଲକ୍ଷ୍ମୀ, ସ୍ତ୍ରୀ, ପୁତ୍ରକନ୍ୟା, ବନ୍ଧୁବାନ୍ଧବ ଏପରିକି ନିଜର ଦେହ ମଧ୍ୟ କ'ଣ ସତରେ ଆମ ନିଜର ?

''ଗଲେଣି ତୋ ସଙ୍ଗରୁ ଯେତେକ ଜନ ।
ଗଣ୍ଠିରେ ବାନ୍ଧିନେଲେ କେ କେତେଧନରେ ।। - (ଭକ୍ତକବି ଭକ୍ତଚରଣ)
ସବୁ ପରା ଏଇ ମାଟିରେ ପଡ଼ି ରହିଥିବ । କାହାକୁ ନେଇ ସାଥିରେ ଯିବୁରେ ବାୟା !

ଶାସ୍ତ୍ର ଗାଏ -

''ଧନାନି ଗେହେ ପଶବଶ୍ଚ ଗୋଷ୍ଠେ
ଭାର୍ଯ୍ୟା ଗୃହଦ୍ୱାରୀ ଜନାଃ ଶ୍ମଶାନେ ।
ଦେହ ଚିତାୟାଂ ପରଲୋକ ମାର୍ଗେ
କର୍ମାନୁଗଗଚ୍ଛତି ଜୀବଃ ଏକଃ ।।''

ଘରେ ପଡ଼ିରହିଥିବ ତୋର ସକଳ ସଞ୍ଚିତ ଧନଧାନ୍ୟ । ଗାଈଗୋରୁ ଆଦି ପଶୁ ଗୋଠରେ ରହି ଘାସ ଚରୁଥିବେ । ତୋଠି ଆପଣା ଭାର୍ଯ୍ୟା ଗୋବରପାଣି ଧରି ଘରଦ୍ୱାର ପର୍ଯ୍ୟନ୍ତ ମାତ୍ର ଯିବ । ଏରୁଣ୍ଡୀବନ୍ଧ ସୁଦ୍ଧା ଡ଼େଇଁବ ନାହିଁ । ପୁଅ, ପୁତୁରା

ଭଣଜା, ଙ୍କାଙ୍କ ତୋତେ ଶ୍ମଶାନ ପର୍ଯ୍ୟନ୍ତ ସାଙ୍ଗ ଦେଇ ବୋହି ନେବେ ସିନା ! ତୋର ଅତି ଆପଣାର ଏହି ଦେହଟି ଚିତାଗ୍ନିରେ ଜଳିପୋଡ଼ି ମୁଠାଏ ପାଉଁଶ ମାତ୍ର ହୋଇଯିବ । କିନ୍ତୁ, ରେ ଅଧମ ! ଥରେ ଚିନ୍ତା କରି ଦେଖ, ତୋରି ଜୀବ (ଆତ୍ମା) ପରଲୋକ ମାର୍ଗରେ ତୋରି କଳାକର୍ମଙ୍କୁ ଅନୁସରଣ କରି ଚାଲିଯିବ । ଏହାହିଁ ଏହି ଜୀବାତ୍ମାର ପ୍ରକୃତି ।

**ଗୀତାର** ପଞ୍ଚଦଶ ଅଧ୍ୟାୟ (ପୁରୁଷୋତ୍ତମ ଯୋଗଃ)ର ସପ୍ତମ, ଅଷ୍ଟମ, ନବମ ଓ ଦଶମ ଏହି ଚାରିଗୋଟି ଶ୍ଳୋକକୁ ଏ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା -

ଭଗବାନ କୃଷ୍ଣକେଶବ ଅର୍ଜନକ୍ଷମ ଜୀବ ଅର୍ଜୁନଙ୍କୁ ବୁଝାଇ କହୁଛନ୍ତି : ''ଏହି ସଂସାରରେ ମୋର ହିଁ ସନାତନ ଜୀବରୂପକ ଅଂଶ ପ୍ରକୃତିସ୍ଥିତ ମନ ଓ ପଞ୍ଚଇନ୍ଦ୍ରିୟକୁ ଏହି ସଂସାର ରୂପକ କର୍ମଭୂମିରେ ଆକର୍ଷଣ କରିଥାଏ ।'' ବ୍ରହ୍ମ ହିଁ ସ୍ୱୟଂ ପ୍ରକାଶ, ତାଙ୍କରି ପ୍ରକାଶରେ ହିଁ ଜଗତ ପ୍ରକାଶିତ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ନକ୍ଷତ୍ରଗଣ ମଧ୍ୟ ତାଙ୍କରି ପ୍ରକାଶରେ ଉଦ୍ଭାସିତ । ତାଙ୍କୁ ପୁଣି କିଏ ପ୍ରକାଶ କରିବ ? ''ବାୟୁ ଯେପରି ପୁଷ୍ପାଦିରୁ ଗନ୍ଧ ଆହରଣ କରେ, ସେହିପରି ଜୀବ (ଆତ୍ମା) ଯେତେବେଳେ ଗୋଟିଏ ଦେହ ପରିତ୍ୟାଗ କରି ଅନ୍ୟ ଦେହରେ ପ୍ରବେଶ କରନ୍ତି, ସେତେବେଳେ ଏହି ପଞ୍ଚଇନ୍ଦ୍ରିୟ ଓ ମନକୁ ସଙ୍ଗରେ ନେଇଯାଆନ୍ତି ।'' ପୁଣି, ''ଦେହସ୍ଥିତ ଜୀବାତ୍ମା ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଓ ମନକୁ ଆଶ୍ରୟ କରି ଶବ୍ଦାଦି ବିଷୟକୁ ଉପଭୋଗ କରନ୍ତି । ଜୀବାତ୍ମା କିପରି ଭାବରେ ସତ୍ତ୍ୱାଦି ଗୁଣଯୁକ୍ତ ହୋଇ ଦେହରେ ଅବସ୍ଥାନ କରି ବିଷୟ ସମୂହ ଭୋଗ କରନ୍ତି ଅବା କିପରି ଭାବରେ ଦେହରୁ ବାହାରିଯାଇ ପାରନ୍ତି ତାହା ଅବିବେକୀଗଣ ଜାଣି ପାରନ୍ତି ନାହିଁ (କାରଣ ସେମାନଙ୍କର ମନ ବିଷୟ ଆକର୍ଷଣରେ ବହିର୍ମୁଖ ହୋଇଥାଏ), କିନ୍ତୁ (ଅନ୍ତର୍ମୁଖୀ) ଜ୍ଞାନୀଗଣ ଜ୍ଞାନନେତ୍ର ଦ୍ୱାରା ସେହି ଆତ୍ମାକୁ (ସୂକ୍ଷ୍ମଶରୀର - ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚପ୍ରାଣ, ବୁଦ୍ଧି ଓ ମନକୁ) ଦର୍ଶନ କରି ଥାଆନ୍ତି । ଏହାହିଁ ଆଧ୍ୟାତ୍ମବାଦରେ ଜିନ୍, ଯେଉଁ ଜିନ୍ ନିର୍ବାଚନ କରି ଠାକୁରେ ଧର୍ମଧାରା ଓ କର୍ମଧାରା ଦେଉଅଛନ୍ତି । ଆତ୍ମସ୍ୱରୂପ (ସୂକ୍ଷ୍ମଶରୀର ବା ଜିନ୍) ଦର୍ଶନ ହିଁ ଆମ୍ଭମାନଙ୍କର ସାଧନାଧାରାର ପ୍ରଥମ ପ୍ରାପ୍ତି । ଚରମ ପ୍ରାପ୍ତି ହିଁ ଆମର ପରମ ଲକ୍ଷ୍ୟ । ଏହିଲକ୍ଷ୍ୟ ପଥରେ ଆମ୍ଭେମାନେ ପ୍ରତ୍ୟେକେ କେତେଦୂର ଆଗେଇଯାଇ ପାରିଛୁ, ଆତ୍ମସମୀକ୍ଷା କରିବାର ସନ୍ଧିକ୍ଷଣ ଉପନୀତ ।।

*ଅଳମତି ବିସ୍ତରେଣ !*

*ବିନୀତ,*

*କେଶବଦାସ ବୃନ୍ଦାବନ ।।*

-୦-

ଶାକ୍ତ ଶକ୍ତି (ମହାମାୟା)ଙ୍କ ଅଧିନ । କିନ୍ତୁ ଶକ୍ତି ବୈଷ୍ଣବଙ୍କ ଅଧିନ ।
ମୋହମାୟାଦି ବନ୍ଧନର ଉର୍ଦ୍ଧ୍ୱକୁ ଯାଇ ସମଭାବରେ ବୁଡିରହି ବ୍ରହ୍ମଙ୍କୁ ସର୍ବତ୍ର ଅନୁଭବ କରୁଥିବା ବ୍ୟକ୍ତି ହିଁ ବୈଷ୍ଣବ ।

ଚରମରେ !!❋❋❋

# ଚିନ୍ତନ : ଏ ପାଖୁଡ଼ାର

ଅନେକ ଦିବ୍ୟାତ୍ମା ଏ ଧରାଧାମକୁ ଅବତରଣ କରି ଆସିଛନ୍ତି ପୁରାଣପୁରୁଷ ଲୀଳାମୟ ଠାକୁରଙ୍କର କର୍ମଧାରାରେ ସହଯୋଗ କରି ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ନିମିତ୍ତ । କିନ୍ତୁ ଭାଗ୍ୟର ବିଡ଼ମ୍ବନା ! କଳିର କଳୁଷବିଷ ପ୍ରଭାବରୁ ସେମାନେ ସମସ୍ତେ ପରସ୍ପର ସହିତ ସହଯୋଗ, ଭ୍ରାତୃତ୍ୱ, ସମ୍ବେଦନଶୀଳତା ରକ୍ଷାକରି ଧୈର୍ଯ୍ୟ ଧରିବାରେ ଅସମର୍ଥ ହୋଇପଡୁଛନ୍ତି । ପଦବୀ ଯେ ବିପଦ : ଏହା ଏଯାବତ୍ ତାଙ୍କର ହୃଦ୍‌ବୋଧ ହୋଇନାହିଁ, ହୋଇପାରୁ ନାହିଁ । ଧର୍ମଧାରା ଧରି କର୍ମଯୋଗ ଅଭ୍ୟାସ ତ କରୁନାହାଁନ୍ତି, ଯେଉଁମାନେ ବି ଏତକ କରୁଛନ୍ତି - କରୁଛନ୍ତି କେବଳ ଧର୍ମକୁ ଆଖିଠାର ମାରି । ନା ଅଛି ନିଷ୍ଠା, ନା ଅଛି ଆନ୍ତରିକତା । ନା ଅଛି ତ୍ୟାଗ, ନା ଅଛି ବ୍ରତ !! ଲୋଲୁପ ଦୃଷ୍ଟି ରଖିଛନ୍ତି ପଦବୀ ଉପରେ । ଶ୍ରୀପଦରେ ଅବିରତ ଲୟ ରଖିପାରିଛନ୍ତି କେତେ ଜଣ ?

''ଚରମ'' ର ଚତୁର୍ଥପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟା ଠାରୁ ଏଣିକି ନିୟମିତ ଭାବରେ ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କର ଆଶୀର୍ବାଦରୁ ସଂପାଦନା ''ମୁଖଶାଳା''ରେ 'ଚିନ୍ତନ : ଏ ପାଖୁଡ଼ାର' ସ୍ତମ୍ଭ ନୂତନକରି ସଂଯୋଜନା କରିବାର ପ୍ରତିଶ୍ରୁତି ଦେଉଛି । ପଢ଼ି ଦେଖନ୍ତୁ ତ ! ଏହା ଆପଣମାନଙ୍କର ଚିନ୍ତା ଚେତନାର ସରହଦ୍‌କୁ ସ୍ପର୍ଶ କରି ପାରୁଛି କି ନାହିଁ !!!

## ପଦବୀ.........

ଧରାପୃଷ୍ଠରେ ହେଉ ବା ଦେବଲୋକରେ ହେଉ ସବୁଠି ପଦବୀ ଅପରିହାର୍ଯ୍ୟ । ପଦବୀ ସୃଷ୍ଟି ଦ୍ୱାରା ଆଧାତ୍ମିକ କାର୍ଯ୍ୟ ହେଉ ଅଥବା ଜାଗତିକ କାର୍ଯ୍ୟ ହେଉ ସବୁଥିରେ ଶୃଙ୍ଖଳାରକ୍ଷା ହୋଇଥାଏ । ଧର୍ମ ଜୀବନର ପ୍ରତ୍ୟେକ ବଳୟକୁ ସ୍ପର୍ଶ କରେ, କରିଛି । ଏହି ପ୍ରତ୍ୟେକ ବଳୟର ସୁନିୟନ୍ତ୍ରଣ ପାଇଁ ଶୃଙ୍ଖଳା ଏକାନ୍ତ ଆବଶ୍ୟକ । ପଦବୀ ସୃଷ୍ଟି ଏହି ଶୃଙ୍ଖଳାରକ୍ଷା ଉଦ୍ଦେଶ୍ୟରେ ହିଁ ସୃଷ୍ଟ । ସୁରଲୋକରେ ସୃଷ୍ଟିର କଲ୍ୟାଣ ପାଇଁ ଇନ୍ଦ୍ର, ଚନ୍ଦ୍ର, ବରୁଣ, ବାୟୁ, ଅଗ୍ନି, ଯମ ଇତ୍ୟାଦି ପଦବୀ ସୃଷ୍ଟି ହୋଇଅଛି । ପ୍ରତ୍ୟେକ ନିଜ ନିଜ ପଦବୀର ମର୍ଯ୍ୟାଦା ରକ୍ଷା କରିବା ସହିତ ଅନ୍ୟମାନଙ୍କର ପଦବୀର ମର୍ଯ୍ୟାଦା ମଧ ରକ୍ଷା କରୁଅଛନ୍ତି । ଏହା ଦ୍ୱାରା ପ୍ରତ୍ୟେକେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଅନ୍ୟମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନରେ ପ୍ରତିଯୋଗୀ ନ ହୋଇ ସହଯୋଗୀ ହୋଇଥାନ୍ତି । ଏହାହିଁ ପଦବୀର ମର୍ଯ୍ୟାଦା ଓ ଏହାଦ୍ୱାରା ପାରସ୍ପରିକ ସହଯୋଗ ମନୋବୃତ୍ତି, ସହାବସ୍ଥାନନୀତି, ସମ୍ବେଦନଶୀଳତା, ବିଶ୍ୱଭ୍ରାତୃତ୍ୱ ଆଦି ସୁରକ୍ଷିତ ହୋଇଥାଏ ।

ଋଷି ମଣ୍ଡଳରେ ମଧ ପଦବୀ ରହିଛି । ଦେବର୍ଷି ନାରଦ, ବ୍ରହ୍ମର୍ଷି ବଶିଷ୍ଠ, ରାଜର୍ଷି ଜନକ ଇତ୍ୟାଦି ଋଷିମଣ୍ଡଳର ପଦବୀର ଏକ ଏକ ଉଦାହରଣ । ଆଧାତ୍ମିକ ମାର୍ଗରେ ବିଭିନ୍ନ ସୋପାନ ରହିଅଛି । ସେହି ସୋପାନରେ ଆରୋହଣ

କରି ଯୋଗମାର୍ଗରେ ଗତି କରୁଥିବା ସାଧକମାନଙ୍କୁ ମଧ ବିଭିନ୍ନ ପଦବୀ ପର୍ଯ୍ୟାୟଭୁକ୍ତ କରାଯାଇ ଜଗତର ମଙ୍ଗଳ ସାଧନ କରାଯାଇଛି । ସେମାନଙ୍କ ମଧ୍ୟରୁ କିଏ ଯୋଗୀ ତ କିଏ ତପସ୍ୱୀ, କିଏ ଋଷି ତ ପୁଣି କିଏ ମୁନି । ସେମାନଙ୍କ ମଧ୍ୟରେ କାହିଁ ଦ୍ୱନ୍ଦ୍ୱ ? କାହିଁ ସଂଘର୍ଷ ??

ସୂକ୍ଷ୍ମ ଜଗତ ବା ଓଁକାର ମଣ୍ଡଳରେ ନିରାକାର ବ୍ରହ୍ମ ସୂକ୍ଷ୍ମାକାରରେ ଜଗତର ସୃଷ୍ଟି, ଜଗତର ପାଳନ, ଏବଂ ଜଗତର ପ୍ରଳୟପାଇଁ ତିନିଗୁଣରେ ତିନୋଟି ପଦବୀ ସୃଷ୍ଟି କରି ନାହାଁନ୍ତି କି ? ତୁମେ ଜାଣ ପରା, ଜଗତ ସୃଷ୍ଟି ପାଇଁ ରଜଃ ଗୁଣରେ ବ୍ରହ୍ମା ଏବଂ ସାବିତ୍ରୀଙ୍କ ପଦବୀ, ସତ୍ତ୍ୱ ଗୁଣରେ ଜଗତର ପରିପାଳନ ପାଇଁ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କର ପଦବୀ ସୃଷ୍ଟି ହୋଇଛି । ସେହିପରି ଜଗତର ପ୍ରଳୟ ପାଇଁ ତମ ଗୁଣରେ ଶିବ ଏବଂ ପାର୍ବତୀଙ୍କର ପଦବୀ ସୃଷ୍ଟି କରାଯାଇ ଶିବଲୋକରେ ଜ୍ଞାନମଣ୍ଡଳ ରଖାଯାଇଛି । ଯେଉଁ ବ୍ୟକ୍ତିର ହୃଦୟରେ ଶିବଲୋକରୁ କ୍ଷରିତ ଜ୍ଞାନର ଉଦୟ ହୁଏ, ତାହାର ଅନ୍ତଃକରଣରେ ସୂକ୍ଷ୍ମ ପ୍ରଳୟ ସଂଘଟିତ ହୁଏ ।

ଜାଗତିକ କ୍ଷେତ୍ରରେ ମଧ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ପଦବୀମାନ ରହିଛି । କିନ୍ତୁ ସେସବୁ ପଦବୀର ମର୍ଯ୍ୟାଦାରେ ଅହଂକାର ଅନ୍ଧ ହେବାର ସୂଚନା ମିଳେନା । ଛୋଟ ଉଦାହରଣଟିଏ ଦେଉଛି ଶୁଣ, ପରିବାରର କର୍ତ୍ତା ମଧ ଏକ ପଦବୀ, ପରିବାର କର୍ତ୍ତା ଯେପରି ସର୍ବତ୍ୟାଗ ସ୍ୱୀକାର କରି ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସ୍ନେହ, ଶ୍ରଦ୍ଧା, ସଦିଚ୍ଛାରେ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ ଏବଂ ପ୍ରତି କ୍ଷେତ୍ରରେ ନିଜର ସୁଖ ସୁବିଧା ଓ ସଂଭୋଗକୁ ଜଳାଞ୍ଜଳି ଦେଇଥାଏ, ସେହିପରି ଅନ୍ୟ ସମସ୍ତ ସ୍ତରରେ ପଦବୀ ଧାରଣ କରିଥିବା ବ୍ୟକ୍ତିଙ୍କର ଆଚାର ଆଚରଣ ରହିଲେ ଏ ଧରିତ୍ରୀ ହସି ଉଠନ୍ତା ନାହିଁ କି ?

ପରିଶେଷରେ ତମ ସମସ୍ତଙ୍କ ପାଇଁ ଏ ପାଖୁଡ଼ାର ଚିନ୍ତନ ହେଉଛି : ନିଜ ନିଜର ଅହଂକାର, ଭୋଗପିପାସା, କଦାଚରଣ ଆଦି ରାକ୍ଷସୀ ପ୍ରକୃତିକୁ ସର୍ବାଦୌ ତ୍ୟାଗ କରି ସୌଖ୍ୟ, ଭ୍ରାତୃତ୍ୱ, ସଂହତି, ସମ୍ବେଦନଶୀଳତାଦି ଗୁଣର ବିକାଶ କରି ପଦବୀରେ ରୁହ ଓ ଜଗତର କଲ୍ୟାଣ କର ।

❖

ସବୁ ତୁମ ପାଇଁ ସବୁ ତୁମରି
ତିମିର ବିନାଶି ଧର ଗମ୍ଭାରି ।।

କଦାଚାର ସ୍ୱାର୍ଥ ଆଚାର ସହ
ସନ୍ଦେହୀ ଜୀବକୁ ସାଧକ କୁହ ?
ଭ୍ରଷ୍ଟାଚାରୀ ସେ ଯେ ଛନ୍ଦ ପ୍ରବଣ ।
କୁତ୍ସିତ ଅଟେ ତା ଅନ୍ତଃକରଣ ।।

ଅଳପକହି ଦୂରରେ ରହି ।
କଷଣ ସହି ଆଦେଶ ବହି ।।
ବାହିବୁ ଯେବେ ନଉକା ଭବେ ।
ଚରମ ଗତି ଲଭିବୁ ତେବେ ।।




## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

ଅଚ୍ୟୁତଙ୍କ ଲେଖନୀରୁ :-

''ହୀନ ଲୋକମାନେ ବଡ଼ ବୋଲାଇବେ ବଡ଼ମାନେ ହେବେ ହୀନ ।
ନିଭନଭାବ ହୋଇକରି ରହିବେ କିଛି ନ କହିବେ ପୁଣ ।।
ଯେହିମତି ଖେଳ ହେବ କଳିଘୋର କାହାର ନଥିବ ଭୟ ।
ମିଥ୍ୟା ମାୟାରେ ଟି ସମସ୍ତେ ମାତିବେ ହୋଇବେ ଭୂତଙ୍କ ପ୍ରାୟ ।''

(ଗରୁଡ଼ଗୀତା : ଅଚ୍ୟୁତାନନ୍ଦ)

ପଞ୍ଚସଖାଯୁଗର ସାଧକମାନଙ୍କ ମଧ୍ୟରେ ମହାପୁରୁଷ ଅଚ୍ୟୁତାନନ୍ଦ ବିଶେଷ ଦୃଷ୍ଟି ଆକର୍ଷଣ କରିଥାଆନ୍ତି । ସେ ଛତିଶ ଗୋଟି ସଂହିତା, ଅଠସ୍ତରୀଟିଗୀତା, ସତାଇଶ ଗୋଟି ବଂଶାନୁଚରିତ, ବାରଗୋଟି ଉପବଂଶାନୁଚରିତ, ସାତଗୋଟି ଭବିଷ୍ୟତ ମାଳିକା ଏବଂ ଶ୍ରୀକୃଷ୍ଣ ମହିମା ବିଷୟକ ଛୋଟ ବଡ଼ ଏହିପରି ଏକଲକ୍ଷ ଗ୍ରନ୍ଥ ରଚନା କରିଅଛନ୍ତି । ତାଙ୍କ ରଚିତ ଛତିଶ ଗୋଟି ସଂହିତା ମଧ୍ୟରୁ ଅମରଢ଼ୁମର ବା ଢ଼ୁମର ସଂହିତା ଅନ୍ୟତମ । ଢ଼ୁମର ସଂହିତାର ୨୯ ଅଧ୍ୟାୟରୁ ଆଠପଦ (ଗୁଜ୍ଜରୀରାଗରେ ରଚିତ) ଏଠାରେ ଉଦ୍ଧାର କରାଯାଇ ଅଧ୍ୟାତ୍ମ ଅମୃତ ପିପାସୁ ଦିବ୍ୟାତ୍ମାମାନଙ୍କର ଆନନ୍ଦ ଓ ଜ୍ଞାନ ବୃଦ୍ଧିର ଆଶାରେ ଆମେ ''ଚରମ''ର ଏହି ପାଖୁଡ଼ାରେ ପରିବେଷଣ କରିଛୁ'' ।।

### ''ଢ଼ୁମର ସଂହିତା'' ଊନତ୍ରିଂଶ ଅଧ୍ୟାୟରୁ ଉଦ୍ଧୃତ :

ଆଠ ଆଠ ମଠ ହୋ ଅଚ୍ୟୁତ ବାରକୁ ବାରେ ଗୁଣିବ,
ଆଠ ଚାରିବାର ମିଶାଇ ତା ଦେବ ଅଣଅକ୍ଷରରେ ହରିବ ।
ଅଚ୍ୟୁତ, ବାର ଗୋଟି ଘର କରିବ,
ଅଣ ଅକ୍ଷରରେ ଯେଉଁ ଫଳ ହେବ ପ୍ରଥମ ଘରେଟି ଥୋଇବ ।।୧।।

ମନ ଚଇତନ୍ୟ ଏକତତ୍ୱ କରି ନବଧାରେ ତାକୁ ଗୁଣିବ,
ଛଡ଼ବୀଜ ମାତ୍ରା ଦେଇ ହୋ ଅଚ୍ୟୁତ ଷୋଳ ନାମକୁ ମିଶାଇବ ।
ଅଚ୍ୟୁତ, ନାମତତ୍ତ୍ୱ ଦେଇ ହରିବ,
ନାମତତ୍ତ୍ୱରେ ଯେତେକ ଫଳ ହେବ ଦ୍ୱିତୀୟ ଘରରେ ରଖିବ ।।୨।।

ଆକାର ସକାର ରଖି ହୋ ଅଚ୍ୟୁତ ନାମବୀଜ ଦେଇ ଗୁଣିବ,
ଅଣସୂତ୍ର ଘରେ ବତିଶଅକ୍ଷର ତା'ତଳରେ ଠିକ୍ କରିବ ।
ଅଚ୍ୟୁତ, ଏ ଯେତେ ଅକ୍ଷର ଥୋଇବ,
ତୃତୀୟ ଘରରେ ଏତେକ ଥୋଇବ ଓଁ କାର ଡ଼ାହାଣେ ରଖିବ ।।୩।।

ବାମ ଭାଗରେ ଅଣାକ୍ଷର ମଥାରେ ଷୋଳଶୂନ୍ୟକୁ ନେଇ ଥୋଇ,
ପାଦତଳେ ବାର ଅକ୍ଷର ରଖିବ ବାହୁରେ ଚାରିଚାରି ଦେଇ ।
ଅଚ୍ୟୁତ, ନାଭିପଦ୍ମେ ସାତ ହୋଇବ,
ଆପତେଜ ବାୟୁ ଆକାଶ ସହିତ ହୃଦପଦ୍ମ ତାହା ଜାଣିବ ।।୪।।

ଏକମନ କରି ଏକମନ ଧରି ଅମନରେ ମନ ରଖିବ,
ଅନାହତଘରେ ଏକମନ ରଖି ତେବେ ଭବୁପାର ହୋଇବ ।
ଅଚ୍ୟୁତ, ଗାୟତ୍ରୀ ମନ୍ତ୍ରରେ ଭଜନ,
ଚକାସନ କରି ଜପ ମନ୍ତ୍ରଧରି ଦେଖିବଟି ମଧୁସୂଦନ ।।୫।।


ସତ୍ତ୍ୱ ରଜଗୁଣ ସେଠାରେ ଯେ ରଖି ବୋଲ ଶୁଣୁଥିବ ମନରେ,
ଆଦିଶକ୍ତିଙ୍କର ଷୋଳମଠ ଅଛି ପଶିଯିବ ତହିଁ ଭିତରେ ।
ଅଚ୍ୟୁତ, ଷୋଳ ବୃନ୍ଦାବନ ଯେ ସେହି,
ରାଧାକୃଷ୍ଣଙ୍କର ରାହାସ ସେଠାରେ ଧାମ ବୃନ୍ଦାବନ ଅଟଇ ।।୬।।

ଯନ୍ତ୍ରତନ୍ତ୍ର ମିଥ୍ୟା ସତ୍ୟଟି ଏକଥା ଶ୍ରୀମୁଖେ କହିଲୁ ଅଚ୍ୟୁତ,
ବାରଘରେ ଯେବେ ଲୟ ରଖିପାରୁ ତେବେତୁ ଦେଖିବୁ ଅଚ୍ୟୁତ ।
ସୁଜନେ, ଚୈତନ୍ୟ ବସାଣଟି ସେହି,
ଜୋବରାରେ ଏହୁ ପରୀକ୍ଷା ହୋଇବ ମନସୂତ୍ରରେ ରଖ ନେଇ ।।୭।।

ପଦ୍ମେକ ସତ୍ଥନ ଯେ ଭକ୍ତେ କହିବେ ସେ ମୋର ପ୍ରାଣ ଅଧିକାରୀ,
ହ୍ଲୀଂ କ୍ଲୀଂ ଶ୍ଲୀଂ ଏଯେ ତିନି ମୂର୍ତ୍ତି ସେ ଜାଲେ ଯେ ପାରିବ ଧରି ।
ଅଚ୍ୟୁତ, କୁମର ରସ ଏ ଗୁଜରୀ ।
ଶୁଣିଲେ କଳିରୁ ସମସ୍ତେ ତରିବେ ଭବନଦୀରୁ ହେବେ ପାରି ।।୮।।

---

* ରତ୍ନବେଦୀରେ 'ଚରମ'ର ଏହି ସଂଖ୍ୟାର ୩୯ ପୃଷ୍ଠାରେ ଉଦ୍ଧୃତାଂଶର ସରଳବ୍ୟାଖ୍ୟା ପଢ଼ିବାକୁ ପାଇବେ ।।°



# ପୁରାଣ ପୃଷ୍ଠାରୁ

## ଗଳ୍ପାଂଶ

ସାହିତ୍ୟ ପରମ୍ପରାରେ ପୁରାଣର ବିଶେଷତ୍ୱ ଓ ସ୍ଥାନ ସ୍ୱତନ୍ତ୍ର । ଧର୍ମ ଓ ଯୋଗ ଦର୍ଶନ ଦୃଷ୍ଟିକୋଣରୁ ଏହା ବିବେଚନାସାପେକ୍ଷ । ଶାସ୍ତ୍ରାନୁମୋଦିତ ରୀତିରେ ପଞ୍ଚଲକ୍ଷଣ ପୁରାଣକୁ ଅନ୍ୟାନ୍ୟ ସକଳ ଗ୍ରନ୍ଥସମୂହରୁ ପୃଥକ୍ ଭାବରେ ନିଜର ପରିଚୟରେ ପ୍ରତିଷ୍ଠା କରିଛି । ପୁରାଣର ବୈଶିଷ୍ଟ୍ୟ ତାତ୍ତ୍ୱିକତାରେ ଋଦ୍ଧିମନ୍ତ । ତାତ୍ତ୍ୱିକତା ସର୍ବତ୍ର ସର୍ବଦା ସୀମାହୀନ ।

ରାମ ଆଖ୍ୟାନ ବା ରାମାୟଣର ଅସ୍ପଷ୍ଟ ଚିତ୍ର ଋଗ୍‌ବେଦରେ ରହିଛି । ଏହାପରେ ଭାରତରେ ଓ ଭାରତ ବାହାରେ ରାମଚରିତର ପ୍ରଚଳନ ଓ ପ୍ରସାର ଘଟିଛି । ତେଣୁ ବାଲ୍ମିକୀ ରାମାୟଣର ସର୍ବପ୍ରାଚୀନ ସ୍ରଷ୍ଟା ନୁହଁନ୍ତି । ବୌଦ୍ଧ ଜାତକଗଳ୍ପ ଏବଂ ଜୈନ କବିମାନଙ୍କର କୃତି ସମୂହରେ ମଧ୍ୟ ରାମ ଆଖ୍ୟାନର ସ୍ୱାକ୍ଷର ରହିଛି । ମହାଭାରତର ଶାନ୍ତିପର୍ବ ଏବଂ ବନପର୍ବରେ ଏପରି କି ଦ୍ରୋଣ ପର୍ବରେ, ହରିବଂଶରେ ଏବଂ ଭାଗବତର ନବମସ୍କନ୍ଧର ତିନୋଟି ଅଧ୍ୟାୟରେ ରାମ ଚରିତର ବର୍ଣ୍ଣନା ରହିଛି ।

ପଞ୍ଚଦଶ ଶତାବ୍ଦୀର ବଙ୍ଗୀୟ କବି ଫୁଲିୟାରର କୃତିବାସ ଓଝାଙ୍କ କୃତ 'ରାମାୟଣ ପାଚାଁଲୀ' ରାମକଥାର ଏକ ଅପୂର୍ବ ସୃଷ୍ଟି । ମାଇକେଲ୍ ମଧୁସୂଦନଙ୍କ ଭାଷାରେ କୃତିବାସ 'ବଙ୍ଗର ଅଳଂକାର' । ପ୍ରକୃତରେ ଏହା ସତ୍ୟ । ସେହି ଯଶସ୍ୱୀ କବି କୃତ୍ତିବାସ ଓଝାଙ୍କ ବିରଚିତ ରାମାୟଣରୁ ଏହି ସଂଖ୍ୟା ପାଇଁ ଅନ୍ୟ ଗୋଟିଏ ଗଳ୍ପାଂଶ ଚୟନ କରାଯାଇଛି । ଏହାର ଗଳ୍ପାଂଶ ଯେପରି ସୁଖପାଠ୍ୟ, ତାତ୍ତ୍ୱିକ ମୀମାଂସା ମଧ୍ୟ ସେହିପରି ଆମୋଦଦାୟକ ଓ ଶିକ୍ଷଣୀୟ ।

---

କୃତ୍ତିବାସ କୃତ ''ରାମାୟଣ ପାଚାଁଲୀ'' (ବଙ୍ଗଳା)ର 'ଆରଣ୍ୟକକାଣ୍ଡ'ରୁ ଗୃହୀତ :

## ମାରୀଚର ମାୟାମୃଗରୂପ ଧାରଣ ଓ ମାୟା ମୃଗ ରୂପଧାରୀ ମାରୀଚବଧ

ସୂର୍ପଣଖାର ନାସାକର୍ଣ୍ଣ ଛେଦନ ପରେ ରାବଣ ସୀତା ହରଣ ନିମନ୍ତେ ସଂକଳ୍ପବଦ୍ଧ ହେଲା । ମାରୀଚର ସକଳ ସୁମନ୍ତ୍ରଣା ବ୍ୟର୍ଥ ହେଲା । ନିଜର ସୁସଜ୍ଜିତ ସୁନ୍ଦର ପୁଷ୍ପକ ବିମାନରେ ବସି ରାବଣ ଓ ମାରୀଚ ପଞ୍ଚବଟୀରେ ପହଞ୍ଚିଲେ । ପଞ୍ଚବଟୀ ବନରେ ପହଞ୍ଚି ରାବଣ ମାରୀଚର ହାତଧରି କହିଲା : 'ମୃଗରୂପ ଧର ତୁମି ଦେଖିତେ ସୁନ୍ଦର' । 'ମୃଗରୂପ ଧରିଲ ମାରୀଚ ନିଶାଚର ।।' ବିଚିତ୍ର ସୁଚିତ୍ର ମାରୀଚର ମୃଗରୂପୀ ଶରୀର ଅତ୍ୟନ୍ତ ଶୋଭାକର । କଳେବର ତା'ର ନବନୀତ ସଦୃଶ କୋମଳ । ଚାରୋଟିଯାକ ଖୁରା ସୁନ୍ଦର ଶ୍ୱେତବର୍ଣ୍ଣ । ଶିଙ୍ଗ ଦୁଇଟି ପ୍ରବାଳପ୍ରସ୍ତର ପରି ରୁଚିର, ସୁନ୍ଦର । ବେକରେ ସୁବର୍ଣ୍ଣରଙ୍ଗର ଚିହ୍ନଟିଏ । ଦେଖିବାକୁ ଚନ୍ଦ୍ର ସଦୃଶ ଶୋଭାମୟ । ରୂପରେ ସତେ ଯେପରି ଏହି ସୁବର୍ଣ୍ଣମୃଗ ତ୍ରିଭୁବନ ଜୟକରିଛି । ଓଠ ଦୁଇଟି ସୂର୍ଯ୍ୟପରି ଉଜ୍ଜ୍ୱଳ ଓ ଜ୍ୟୋତିର୍ମୟ । ସମଗ୍ର ଶରୀର ଲାଲ ଏବଂ କଳା ରେଖାରେ ସୁଶୋଭିତ । ଲାଲଜିଭଟି ବିଜୁଳିର ଝଲକ ସଦୃଶ ତେଜମୟ । ମୃଗର ରୋମାବଳିରୁ ମୁକ୍ତାର ଜ୍ୟୋତି ସ୍ଫୁରଣ ହେଉଥିବା

ଭଳି ଜଣାଯାଉଥାଏ । ଚକ୍ଷୁ ଦୁଇଟି ରତ୍ନନିର୍ମିତ ପ୍ରଦୀପର ଜ୍ୟୋତି ପରି ପ୍ରତୀୟମାନ । ଦୁଷ୍ଟ ମାରୀଚ ମାୟାମୃଗ ଶରୀରରେ ନାନାଦି ମାୟା ଧରିଥାଏ । ଜଣାଯାଉଥାଏ ସତେ ଯେପରି ସୁଶୋଭିତ ବିଜୁଳି ରତ୍ନର କିରଣ ବିଚ୍ଛୁରଣ କରୁଛି । ମାରୀଚର ଏତାଦୃଶ୍ ମାୟାମୃଗ ରୂପ ଦେଖି ରାଜା ରାବଣ ଆତ୍ମତୃପ୍ତିରେ ହସି ଉଠୁଥାଏ ।।

ଲଙ୍କାର ରାଜା ରାବଣ ବନ ମଧ୍ୟରେ ଗଛଲତା ଆଢୁଆଳରେ ଲୁଚି ରହିଲା । ମାୟାମୃଗ ରୂପୀ ମାରୀଚ ନିଜର ମାୟାଶରୀରର ଜ୍ୟୋତିରେ ବନଭୂମିକୁ ଆଲୋକିତ କରି ଆଗେଇ ଚାଲିଲା । ନିଜର ମାୟାରୂପର ସୌନ୍ଦର୍ଯ୍ୟରେ ନିଜେ ମୁଗ୍ଧଚକିତ ହୋଇ ମାୟାମୃଗ ଡ଼େଇଁ ଡ଼େଇଁ ରାମଙ୍କ କୁଟୀର ନିକଟବର୍ତ୍ତୀ ହେଲା । କୁଟୀରରେ ରାମସୀତା ଏକତ୍ର ବସିଥିବା ସମୟରେ ମାୟାମୃଗ ସେଠାକୁ ଯାଇ ତାଙ୍କୁ ଦର୍ଶନ ଦେଲା । ସତେ ଯେପରି ରାକ୍ଷସବଂଶ ଧ୍ୱଂସ କରିବା ଉଦ୍ଦେଶ୍ୟରେ, ସତୀ ଶିରୋମଣି ସୀତାଙ୍କୁ ବିପଦସାଗରରେ ବୁଡ଼ାଇବା ଲକ୍ଷ୍ୟରେ, ଦେବଗଣଙ୍କୁ ବିପଦରୁ ପରିତ୍ରାଣ କରିବା ପାଇଁ ବିଧାତା ଏହି ମୃଗ ନିର୍ମାଣ କରିଦେଲେ । ଅପରୂପ ସୁନ୍ଦର ମାୟାମୃଗକୁ ଦେଖି ଦେବୀସୀତା ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ କହିଲେ : ହେ ପ୍ରଭୁ, ଯଦି ଅନୁମତି ଦେବେ, ତେବେ ଗୋଟିଏ ନିବେଦନ କରିବି ।' ରାମ ଅନୁମତି ଦେବାରୁ ସୀତାଦେବୀ କହିଲେ : 'ଏହି ଦେଖ, କେତେ ସୁନ୍ଦର ହରିଣଟିଏ । ଯଦି ତମକୁ ଭଲ ଲାଗୁଛି, ତେବେ ମୋତେ ଏହି ହରିଣର ଚର୍ମ ଆଣିଦିଅ । କୁଟୀରରେ ସେହି ମୃଗଚର୍ମ ପକାଇ ଆମେ ବସିବା ।' ସୀତାଙ୍କର ଏହି ଇଚ୍ଛା ଶୁଣିବା ମାତ୍ରେ ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ନିକଟକୁ ଡ଼ାକି କହିଲେ : 'ବାବୁ ଲକ୍ଷ୍ମଣ, ଦେଖ କେତେ ସୁନ୍ଦର ହରିଣଟିଏ ଆସି ଆମ କୁଟୀର ନିକଟରେ ଡ଼େଇଁ ବୁଲୁଛି । ଦେବୀସୀତା ଏହି ହରିଣର ଚର୍ମ ପାଇଁ ନିବେଦନ କରୁଛନ୍ତି । ବାବୁ ଏହାର ମର୍ମ କ'ଣ ବୁଝି କହିଲ ।' ଲକ୍ଷ୍ମଣ ତତ୍‌କ୍ଷଣାତ୍ ସେହି ଅଦ୍ଭୁତ ଅପୂର୍ବ ହରିଣକୁ ନିରୀକ୍ଷଣ କରି କହିଲେ : 'ହେ ପ୍ରଭୁ, ମୁନିଋଷିମାନଙ୍କ ମୁଖରୁ ଶୁଣିଛି ଯେ, ନିଶାଚର ରାକ୍ଷସମାନେ ମାୟାବୀ ଅଟନ୍ତି । ମାୟାପାଶ ବିସ୍ତାରକରି ସେମାନେ ସୁଖରେ ବନ ମଧ୍ୟରେ ବୁଲୁଥାଆନ୍ତି । ପ୍ରଥମେ ଆପଣାର ମାୟାରୂପରେ ଅନ୍ୟମାନଙ୍କର ମନକୁ ଆକର୍ଷଣ କରି ଶେଷରେ ଏମାନେ ସେମାନଙ୍କର ରକ୍ତମାଂସ ପାନାହାର କରନ୍ତି । ମୋ ବିଚାରରେ ଏହି ମୃଗ ମଧ୍ୟ ସେହିପରି ଏକ ମାୟାବୀ ରାକ୍ଷସ । ନାନା ମାୟାରେ ଏହି ଦୁଷ୍ଟ ଆମ୍ଭମାନଙ୍କୁ ଭଣ୍ଡିବା ପାଇଁ ମାୟାଜାଲ ବିଛାଇଛି । ଏହି ମାୟାମୃଗ ସହିତ ଆଖପାଖରେ ଅନ୍ୟ ରାକ୍ଷସ ମଧ୍ୟ ଥାଇ ପାରନ୍ତି । ବୋଧହୁଏ ଏହି ମୃଗ ମାରୀଚର ମାୟାରୂପ ।' ଶେଷରେ ଶ୍ରୀରାମଚନ୍ଦ୍ର କହିଲେ : ରେ ଲକ୍ଷ୍ମଣ, ଯଦି ଏ ମୃଗ ମାରୀଚର ମାୟାରୂପ ବୋଲି ତୁ ସ୍ଥିର କରୁଛୁ, ତେବେ ଅଗସ୍ତ୍ୟ ବାତାପି ରାକ୍ଷସକୁ ବଧ କଲାପରି ମୁଁ ମାରୀଚକୁ ବଧ କରିବି । ମାରୀଚ ନ ହୋଇ ଯଦି ଅନ୍ୟ କୌଣସି ମାୟାବୀ ରାକ୍ଷସ ହୋଇଥିବ, ତେବେ ତାକୁ ବଧ କରି ତପୋବନକୁ ନିଷ୍କଣ୍ଟକ କରିବି । ଯଦି ପ୍ରକୃତରେ ମୃଗଜାତି ହୋଇଥାଏ, ତେବେ ତାକୁ ଧରି ଅଶେଷ ପ୍ରୀତି ଲାଭ କରିବି । ଯଦି ଦୈବାତ୍ ଧରି ନ ପାରେ, ତେବେ ତାକୁ ହତ୍ୟା କରି ତାହାର ଚର୍ମଧରି କୁଟୀରକୁ ଫେରି ଆସିବି । ମୁଁ ମୃଗମାରି କୁଟୀରକୁ ଫେରି ନ ଆସିବା ପର୍ଯ୍ୟନ୍ତ, ରେ ଲକ୍ଷ୍ମଣ, ତୁ ସୀତାଙ୍କୁ ରକ୍ଷା କରିବାର ଦାୟିତ୍ୱ ଗ୍ରହଣ କର । ମୋ କଥାକୁ ଯେ କୌଣସି ପରିସ୍ଥିତିରେ ଅନ୍ୟଥା କରିବ ନାହିଁ । ସାବଧାନରେ ରହ, ଯେପରି କୌଣସି ପ୍ରମାଦ ନ ପଡ଼େ ।।'

ରାବଣ କୁଟୀର ନିକଟବର୍ତ୍ତୀ ଗଛଲତାର ଆଢୁଆଳରେ ରାମ ସୀତା ଲକ୍ଷ୍ମଣଙ୍କର କଥୋପକଥନ ସ୍ପଷ୍ଟଭାବରେ ଶୁଣି ମନେ ମନେ ବିଚାର କରୁଥାଏ ଯେ, ଉପଯୁକ୍ତ ସମୟ ଆସିଗଲା । ବର୍ତ୍ତମାନ ସୀତା ହରଣ ହେବ ହିଁ ହେବ । ପ୍ରକୃତରେ ଯାହା ଯେତେବେଳେ ହେବାର କଥା ତାହା ଅବଶ୍ୟ ହେବ । ଏହାହିଁ ବିଧିର ବିଧାନ । ବିଧିର ଲିଖନକୁ କେହି ଅନ୍ୟଥା କରିପାରେ ନାହିଁ । ସେହି କାରଣରୁ ସୀତାଙ୍କ ପରି ସତୀ ମଧ୍ୟ ଦୁଃଖ ପାଇଛନ୍ତି । ଶ୍ରୀରାମଚନ୍ଦ୍ର ଧନୁ, ତୂଣୀର, ଶରରେ ସୁସଜ୍ଜିତ ହୋଇ ମୃଗମାରିବା ପାଇଁ କୁଟୀରରୁ ବିଦାୟ ନେଇ ଗଲେ । ଲକ୍ଷ୍ମଣ କୁଟୀରରେ ସୀତାଙ୍କର ସୁରକ୍ଷାର ଦାୟିତ୍ୱ ଗ୍ରହଣ କଲେ ।

ଜଟାଜୂଟଧାରୀ କୋଦଣ୍ଡଧାରୀ ଶ୍ରୀରାମଚନ୍ଦ୍ରଙ୍କୁ ଦେଖି ମାୟାମୃଗ ରୂପ ଧରିଥିବା ମାରୀଚ ମନ ମଧ୍ୟରେ ଭାବୁଛି : ବର୍ତ୍ତମାନ ପ୍ରାଣଭୟରେ ଏଠାରୁ ପଳାଇଗଲେ, ରାକ୍ଷସପତି ରାବଣ ନିଶ୍ଚୟ ମୋତେ ଅବିଳମ୍ବେ ହତ୍ୟା କରିବ । ଏଠାରେ ରାମ ଅବଶ୍ୟ ମୋତେ ମାରିବେ । ଆଜି ନିଶ୍ଚୟ ମୋ ଭାଗ୍ୟରେ ମୃତ୍ୟୁ ହିଁ ଲେଖା ହୋଇଛି । ରାବଣ ହାତରେ ମରିବା ଅପେକ୍ଷା ବରଂ ଶ୍ରୀରାମଙ୍କ ହାତରେ ମରିବା ମଙ୍ଗଳଦାୟକ । ରାବଣ ହାତରେ ମଲେ, ମୋତେ କେବଳ ନରକ ଭୋଗ କରିବାକୁ ହେବ । ଏହିପରି ମନେମନେ ଭାବିଭାବି ମାରୀଚ ଧିରେ ଧିରେ ଆଗେଇବାକୁ ଲାଗିଲା । କେତେବେଳେ ସେ ଆଗକୁ ଚାହୁଁଥାଏ ତ ପୁଣି କେତେବେଳେ ପଛକୁ ଫେରି ଚାହୁଁଥାଏ । କ୍ଷଣକ ପାଇଁ ଧିରେ ଧିରେ, କ୍ଷଣକପାଇଁ ଧାଇଁ ଧାଇଁ ପୁଣି କେତେବେଳେ ଦୂରକୁ ଚାଲିଯାଉଥାଏ । ପ୍ରଚୁର ମାୟା ରଚନା କରି ମାୟାମୃଗ ନାନା ଢଙ୍ଗରେ ଅଙ୍ଗଭଙ୍ଗୀ କରି ଶ୍ରୀରାମଙ୍କ ଆଗେ ଆଗେ ଯାଉଥାଏ ଏବଂ ଶ୍ରୀରାମ ଧନୁଃଶର ଧରି ମୃଗର ପଶ୍ଚାଦ୍ଧାବନ କରୁ ଥାଆନ୍ତି । ମୃଗ କେତେବେଳେ ଶ୍ରୀରାମଙ୍କର ନିକଟବର୍ତ୍ତୀ ହେଉଥାଏ ତ ପୁଣି ପରକ୍ଷଣରେ ଦୂରକୁ ଚାଲିଯାଉଥାଏ । ଶ୍ରୀରାମ ମଧ୍ୟ ଶର ନିକ୍ଷେପ ନ କରି ମନେ ମନେ ଭାବୁଥାଆନ୍ତି : ନିକଟରେ ପାଇଲେ ମୃଗର ଦୁଇକାନ ଧରି କୁଟୀରକୁ ସୀତାଙ୍କ ପାଖକୁ ଓଟାରି ନେବି । ଅଯଥାରେ ହତ୍ୟା କରିବି କାହିଁକି ? ମୃଗ ମଧ୍ୟ ଥରେ ଥରେ ଦୃଷ୍ଟିଗୋଚର ହେଉଥାଏ ଏବଂ ଥରେ ଥରେ ଅଦୃଶ୍ୟ ହୋଇଯାଉଥାଏ । ପାତକୀ ମାରୀଚ ମାୟାମୃଗ ରୂପ ଧରି ଏହିପରି ଭାବରେ ରାମଙ୍କ ସହିତ ଗହନବନରେ ପ୍ରବେଶ କରି ଖେଳ ଖେଳୁଥାଏ ।

ମାରୀଚ ସହିତ ଖେଳିଖେଳି ଶେଷରେ ଶ୍ରୀରାମଚନ୍ଦ୍ର ଐଷିକବିଶିଖ ନାମରେ ଶର ଧନୁରେ ସନ୍ଧାନ କରି ମାରୀଚକୁ ଲକ୍ଷ୍ୟବିଦ୍ଧ କଲେ । ବଜ୍ର ତୁଲ୍ୟ ତାହା ମାରୀଚର ବକ୍ଷଭେଦ କଲା । ରାକ୍ଷସରୂପ ଧରି ମାରୀଚ ଭୂତଳଶାୟୀ ହୋଇ ଶ୍ରୀରାମଙ୍କ ସ୍ୱର ଅନୁସରଣ କରି କାତରରେ ଡ଼ାକ ଛାଡ଼ିଲା : 'ହେ ଲକ୍ଷ୍ମଣ, ଶୀଘ୍ର ଆସ । ମୋତେ ରାକ୍ଷସମାନେ ଆକ୍ରମଣ କରି ମୋ ପ୍ରାଣ କଣ୍ଠାଗତ କଲେଣି । ଶୀଘ୍ର ଆସ ଲକ୍ଷ୍ମଣ ! ଶୀଘ୍ର ଆସ ।' ମାରୀଚର ଏପରି ଡ଼ାକରେ ଶ୍ରୀରାମଙ୍କର ଶରୀର କମ୍ପିଉଠିଲା । ସେ ରାକ୍ଷସ ଦେହରୁ ଶରଟିକୁ କାଢ଼ିନେଇ କୁଟୀର ଅଭିମୁଖରେ ଗମନ କଲେ । ଏଣେ ମାରୀଚ ଶ୍ରୀରାମଙ୍କ ସ୍ୱରରେ 'ତ୍ରାହି ଲକ୍ଷ୍ମଣ ! ତ୍ରାହି ଲକ୍ଷ୍ମଣ !!' ବୋଲି ବୁକୁ ଫଟା ଚିତ୍କାର କରି ବନଭୂମିକୁ ପ୍ରକମ୍ପିତ କଲା ।।

✿

ଗୁରୁଆଜ୍ଞା ପାଇଁ ରହିଛୁ ଚାକି ।
ଆଜ୍ଞାଦେଲେ ଲୁଚି ରହୁଛୁ ଛକି ।।
ଶ୍ରୀମୁଖୁ ପ୍ରତ୍ୟକ୍ଷ ଆଦେଶ ପାଇ
ଜିଦି ଧରୁ ପୁଣି କାହାକୁ ଚାହିଁ ?

ସେବାକର ଗୁରୁ ମନ ତୁ ବୁଝି ।
ତ୍ୟାଗକର ସବୁ ବୁଝି ସମଝି ।।
ନିଷ୍ଠାରେ ଦାନତୁ କରରେ ବାବୁ ।
ବିପଦଆପଦ ନକରୁ କାବୁ ।।

ଚଉପାଶେ ତୋର ଗଣ୍ଡି,
ବିଷୟଜାଲଟି ଦେଇଛି ଆଣ୍ଡି;
ଚିହ୍ନିବାକୁ କିଏ ଖାଣ୍ଡି ।।

# ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ

'ଦୃଶ୍ୟତେ ଅନେନ ଇତି ଦର୍ଶନମ୍' ଅର୍ଥାତ୍ : ଯାହା ଦ୍ୱାରା ଦେଖାଯାଏ ଅର୍ଥାତ୍ ବସ୍ତୁ ବା ଭାବର ତାତ୍ତ୍ୱିକ ସ୍ୱରୂପ ଜଣାଯାଏ ତାହାହିଁ ଦର୍ଶନ । ପରମ କରୁଣାସାଗର ଠାକୁରଙ୍କର ଦର୍ଶନରୁ ''ମୋହ'' ଏଯାବତ୍ 'ଚରମ' ପୃଷ୍ଠାରେ ପତ୍ରସ୍ଥ ହୋଇ ଅଗଣିତ ଅନୁରକ୍ତ ଅନୁଗତ ଭକ୍ତଶିଷ୍ୟ ଭାଇଭଉଣୀଙ୍କର ଆଧ୍ୟାତ୍ମିକ ଜିଜ୍ଞାସାକୁ ଚରିତାର୍ଥ କରି ଆସୁଛି । ସ୍ଥୂଳ ବସ୍ତୁ, ସ୍ଥୂଳଭାବ, ସ୍ଥୂଳ ଆଚରଣ ଆଦିରେ ଅତିମାତ୍ରାରେ ଜଡ଼ିତ ହେବାକୁ ମୋହ କୁହାଯାଏ । ସେହିପରି ପ୍ରାଣୀର ଅନ୍ତରରେ ଥିବା ପବିତ୍ର ମନୋଭାବକୁ ପ୍ରାଣୀ ଆଳସ୍ୟ ପ୍ରବୃତ୍ତିରୁ 'କରିବି କରିବି' ହୋଇ ସ୍ଥୂଳତଃ କର୍ମରେ ପରିଣତ କରି ପାରେ ନାହିଁ; ଏହାକୁ ସାକ୍ତ ବା ସାସକ୍ତ ମୋହ କୁହାଯାଏ । ଭାବଗ୍ରାହୀ ଭକ୍ତବତ୍ସଳ ଠାକୁରଙ୍କ ପ୍ରଦତ୍ତ 'ମୋହ' ବିଷୟରୁ ଗୁର୍ବାଗଂଜନ ମୋହର ଅଷ୍ଟମ ପ୍ରକରଣ - ସାକ୍ତ ବା ସାସକ୍ତ ମୋହ-ସଂପର୍କରେ ଏଥର ଆସନ୍ତୁ ଜାଣିବା ।।

ଏହି ସ୍ତମ୍ଭଟି ପାଠକ / ପାଠିକାଙ୍କର କ୍ରମଶଃ ସୁଖପାଠ୍ୟ ହେଉଥିବାର ସମ୍ବାଦରେ ଆମେ ଆମର ଅଗଣିତ ପାଠକ / ପାଠିକାଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛୁ ।।

## ସାକ୍ତ ବା ସାସକ୍ତ ମୋହ

'ଗୁର୍ବାଗଂଜନ ମୋହ'ର ଅଷ୍ଟମ ପ୍ରକରଣ ନାମ ସାକ୍ତ ବା ସାସକ୍ତ ମୋହ । ଏହି ମୋହ ବିଷୟରେ ଜାଣିବାର ଅଭିପ୍ରାୟ ପ୍ରକାଶ କରି ଶିଷ୍ୟ ପ୍ରଭୁଙ୍କୁ ପ୍ରାର୍ଥନା କରୁଛି :

**ଶିଷ୍ୟ ଉବାଚ :**

ସାକ୍ତ ମୋହଟି ପ୍ରଭୁ କୁହ । ଏ ତତ୍ତ୍ୱ ବୁଝାଇଣ ଦିଅ ।।

**ଶ୍ରୀ ଶ୍ରୀ ପ୍ରଭୁପାଦ ଉବାଚ :**

ଯେ ପ୍ରାଣୀ ସ୍ଥୂଳ ଅନ୍ତରରେ । ପବିତ୍ର ମନୋଭାବ ଧରେ ।।
କାର୍ଯ୍ୟରେ ପରିଣତ କରି । ନ ପାରେ ଆଳସ୍ୟ ଆଚରି ।।
କରିବ ବୋଲି ଭାବୁଥାଏ । ଏ ମୋହ କରାଇ ନ ଦିଏ ।।
ଏହାକୁ ସାକ୍ତ ମୋହ କହି । ମନକୁ ନିଅ କଥା ଏହି ।।

ଅନେକେ ଏ ଜଗତରେ ଅଛନ୍ତି, ଯେଉଁମାନଙ୍କର ମନୋଭାବ ପବିତ୍ର, ହୃଦୟ ପବିତ୍ର, ମନ ମଧ୍ୟ ପବିତ୍ର । ସେମାନେ ସ୍ଥୁଳ ଅନ୍ତରରେ ଏହିପରି ମନୋଭାବ କେବଳ ଧାରଣପୋଷଣ କରିଥାଆନ୍ତି ସତ, ମାତ୍ର ବାସ୍ତବ ଜୀବନରେ ଅତିମାତ୍ରାରେ ଆଳସ୍ୟପରାୟଣତାର ବଶବର୍ତ୍ତୀ ହୋଇ ତାହାକୁ ବାସ୍ତବ କାର୍ଯ୍ୟରେ ପରିଣତ କରିପାରନ୍ତି ନାହିଁ । ସେମାନେ ତାହା କରିବେ କରିବେ ବୋଲି କେବଳ ଭାବି ହେଉଥାଆନ୍ତି; ଭଲଦିନ, ଭଲବାର, ଭଲ ସମୟକୁ ଉଣ୍ଡି ହୁଅନ୍ତି, କିନ୍ତୁ ଏହି ସାକ୍ତ (ସାସକ୍ତ) ମୋହର ପ୍ରଭାବରୁ ତାହା ତିଳେ ମାତ୍ର କରିପାରନ୍ତି ନାହିଁ । ଆଳସ୍ୟବଶରୁ ତାଙ୍କର ଜୀବନକାଳ ମଧ୍ୟରେ କେତେ ପୁଣ୍ୟତିଥି, ଶୁଭଲଗ୍ନ, ପବିତ୍ର ଦିବସ, ଶୁଭବାର ଆସି ଚାଲିଯାଏ ସିନା, ହେଲେ ତାଙ୍କର ପବିତ୍ର କାର୍ଯ୍ୟ ଆରମ୍ଭ ସୁଦ୍ଧା ହୋଇପାରେ ନାହିଁ । ସାସକ୍ତ ବା ସାକ୍ତମୋହର ଏହାହିଁ ଲକ୍ଷଣ ବୋଲି ବୁଝିବାକୁ ହୁଏ ।।

ଠାକୁରେ ସାକ୍ତ ମୋହର ଅନ୍ତର୍ଗତ ଭାବକୁ ସ୍ପଷ୍ଟଭାବରେ ବୁଝାଇବାକୁ ଯାଇ ମହାଭାରତ ମହାପୁରାଣରୁ ଗୋଟିଏ ଆଖ୍ୟାୟିକା ବର୍ଣ୍ଣନା କଲେ । ମହାଭାରତ ଯୁଦ୍ଧ ସମୟର କଥା । ମନଦେଇ କଥାଟିକୁ ଶୁଣ, ପୁଣି ମନଦେଇ ଏହାର ବିଚାର କର । ଭୂରୀଶ୍ରବା ବୋଲି ବୀରଟିଏ ଥିଲା । ଯୁଦ୍ଧର ଆରମ୍ଭଦିନ ଆଗ ହୋଇ ଯୁଦ୍ଧକୁ ଯିବ ବୋଲି ସେ ପାଗ ବାନ୍ଧୁଥିଲା । ଏପରି କି ପାଗ ବାନ୍ଧୁଥିଲା ଯେ, ଆଗ ହୋଇ ଯୁଦ୍ଧକୁ ଯିବା କଥା ଛାଡ଼, ସୂର୍ଯ୍ୟାସ୍ତ ହେଲା, ପ୍ରଥମ ଦିନ ଯୁଦ୍ଧ ସରିଗଲା, ହେଲେ ତା'ର ପାଗ ବନ୍ଧା ସରି ନ ଥିଲା । ପାଗ ତ ବାନ୍ଧି ପାରିଲା ନାହିଁ, ଯୁଦ୍ଧକୁ ଆଉ ଯିବ କିପରି ? ମନକୁ ମନ ସେ ନିଜେ ନିଜକୁ ପ୍ରବୋଧନା ଦେଲା - 'ହଉ, ଆଜି ଦିନଟା ତ ଗଲା, ଗଲା; କାଲି ଦେଖିନେବି ।।

''ଭୂରୀଶ୍ରବା ଯେ ବୀରଥିଲା । ଦୈନିକ ପାଗ ବାନ୍ଧୁଥିଲା ।।
ଯୁଦ୍ଧକୁ ଯିବ ବୋଲି ପାଗ । ବାନ୍ଧଇ ନିତି ହୋଇ ଆଗ ।।
ଅଠର ଦିନ ବିତି ଗଲା । ପାଗବନ୍ଧା ତା' ନହୋଇଲା ।।
ଆଳସ୍ୟ ପରାୟଣ ହୋଇ । ଦିନସେ ଦେଲାକ ବିତାଇ ।।
ଭୂରୀଶ୍ରବା ଯେ ବୀର ଥିଲା । ଯୁଦ୍ଧକୁ ଯାଇ ନ ପାରିଲା ।।

ଏହିପରି ଭାବରେ ପାଗ ବାନ୍ଧିବ ବାନ୍ଧିବ ହୋଇ, ଯୁଦ୍ଧ ଯିବଯିବ କହି ଅଠରଦିନ ମହାଭାରତ ଯୁଦ୍ଧ ପଛେ ଶେଷ ହୋଇଗଲା, ତଥାପି ସାକ୍ତ ମୋହଗ୍ରସ୍ତ ଭୂରୀଶ୍ରବା ମନ ମଧ୍ୟରେ ସଂକଳ୍ପ କରିଥିଲେ ହେଁ, ଆଳସ୍ୟପରାୟଣତା ହେତୁ ଯୁଦ୍ଧକୁ ଯାଇ ପାରିଲା ନାହିଁ ।

''ସେ ଯେବେ ଯୁଦ୍ଧେ ଯାଇଥାନ୍ତା । ଦିନକେ ଶେଷ ହୋଇଥାନ୍ତା ।
ଅଠର ଦିନ ନ ଲାଗନ୍ତା । ମୋହ ଯେବେ ଘାରି ନଥାନ୍ତା ।।''

ଭୂରୀଶ୍ରବା ଏପରି ବୀର ଥିଲା ଯେ, ସେ ଯେବେ ସାକ୍ତ ମୋହଗ୍ରସ୍ତ ହୋଇ ନ ଥାନ୍ତା, ଏବଂ ସେ ଯଦି ଯୁଦ୍ଧକୁ ଯାଇଥାନ୍ତା, ତେବେ ମହାଭାରତ ଯୁଦ୍ଧ ଅଠର ଦିନ ଲାଗି ନ ଥାନ୍ତା, ଗୋଟିଏ ଦିନରେ ଯୁଦ୍ଧ ଶେଷ ହୋଇ ଯାଇଥାଆନ୍ତା । କିନ୍ତୁ, 'ବିଧିର ବିଧାନ । କେ କରିବ ଆନ ।'' ତେଣୁ, କୁହାଯାଏ -

''ମାତୁଳ ଯସ୍ୟ ଗୋବିନ୍ଦ । ପିତା ଯସ୍ୟ ଧନଞ୍ଜୟ ।।
ସୋଽଭିମନ୍ୟୁ ରଣେ ଶେତେ । ନିୟତି କେନ ବାଧତେ ??''

ଅର୍ଥାତ୍ : ଯେଉଁ ଅଭିମନ୍ୟୁଙ୍କର ପିତା ହେଉଛନ୍ତି ଧନଂଜୟ ଅର୍ଜୁନ, ମାମୁଁ ହେଉଛନ୍ତି ସ୍ୱୟଂ ଗୁରୁଗୋବିନ୍ଦ ଶ୍ରୀକୃଷ୍ଣ, ସେହି ଅଭିମନ୍ୟୁଙ୍କର ମଧ୍ୟ ଯୁଦ୍ଧରେ ପତନ ହେଲା । ତେଣୁ, ନିୟତିକୁ କିଏ ବା ବାଧା ଦେଇପାରେ ? କାହାର ପୁଣି ଏଡ଼େ ଶକ୍ତି ଯେ ମହାମାୟାଙ୍କର ଗତିରୋଧ କରିବ, କରିପାରିବ ? ତେଣୁ କବିଙ୍କ ଭାଷାରେ -

''ଶକ୍ତି ନାହିଁ ବସ କାହାରି ଜଗତେ । ନିୟତିକୁ ନେବ ନିଜ ଇଚ୍ଛା ମତେ ।।''

**ସେ ଯାହା ହେଉନା କାହିଁକି, ଏହି ସାକ୍ତ ମୋହରେ ପଡ଼ି ପ୍ରାଣୀର** ଉଦ୍ଦୀପନା ଶକ୍ତି ଥାଇ ମଧ୍ୟ ଆଳସ୍ୟ ହେତୁ **ତାହାର ଭଗବତ୍ ପ୍ରାପ୍ତିର ଗତିପଥ ପ୍ରାଣୀ ନିଜେ ହିଁ ରୋଧ କରେ । ଶ୍ରୀଜଗନ୍ନାଥ** ଦାସଙ୍କ ଭାଗବତ ବାଣୀଟି ଏହିଠାରେ ପ୍ରଯୁଜ୍ୟ :

''ଆପଣା ହସ୍ତେ ଜିହ୍ୱା ଛେଦି । କେ ଅଛି ତା'ର ପ୍ରତିବାଦୀ ??''

''ସେପରି ଭଗବତ୍ ପ୍ରାପ୍ତି । ଉଦ୍ଦୀପନାର ଥାଇ ଶକ୍ତି ।।

ଆଳସ୍ୟ ପରାୟଣ ହୋଇ । ପ୍ରାଣୀ ଏ ମୋହରେ ପଡ଼ଇ ।।

ପ୍ରାପ୍ତିର ଗତି ପର ରୋଧ । ହୁଅଇ ସିନାରେ ଅବୋଧ ।।''

ଏ ସଂପର୍କରେ ଠାକୁରେ ସୁନ୍ଦର ଉଦାହରଣଟିଏ ଦେଇ ପ୍ରାଂଜଳ ଭାବରେ ବୁଝାଇ କହିଲେ : ତମେ ତ ଲକ୍ଷ୍ୟ କରୁଛ, ଆମ ପାଖକୁ ଦିନକୁ ଦିନ ଅଧିକରୁ ଅଧିକ ଲୋକେ ଧାରା ନେବାକୁ ଆସୁଛନ୍ତି । ସେହିପରି ଲୋକମାନଙ୍କ ମଧ୍ୟରୁ ଜଣକ କଥା କହୁଛି । ସେପରି ଜଣେ ଯେ ତମମାନଙ୍କ ମଧ୍ୟରେ ଅଛି, ତାହା ଭାବ ନାହିଁ । ତା' ପରି ପଣପଣ ଅଛନ୍ତି ପରା ! ହଁ, ସେହି ଜଣକ ଧାରାଧରି ସନ୍ଦେଶପତ୍ର, ଅର୍ଘ୍ୟଫଳ ନେଇ ଘରକୁ ବାହୁଡ଼ି ଗଲା । ଘରେ ପହଞ୍ଚି ବିଗ୍ରହ, ସନ୍ଦେଶପତ୍ର, ଅର୍ଘ୍ୟଫଳ ଯତ୍ନରେ ରଖିଲା । ଧ୍ୟାନ ଉପାସନା ପାଇଁ ସୁନ୍ଦର ଆସନ, ଦାମିକା ଧୂପବତୀ, ଧୂପଷ୍ଟାଣ୍ଡ ଇତ୍ୟାଦି ସଜାଡ଼ି ରଖିଲା । ଖୋଜି ଖୋଜି ବଡ଼ ବଡ଼ ଆକାରର ଭଲଭଲ ସୁନ୍ଦର ବିଗ୍ରହ ନିଖୁଣ ଭାବରେ ବନ୍ଧାଇ ଆଣି ଯଥା ସ୍ଥାନରେ ଥୋଇଲା । ପ୍ରତିଦିନ ଧୂପ ଦିଏ, ମୁଣ୍ଡିଆଟେ ମାରେ । ତା' ପୁଣି ସଂଜେ ସକାଳେ ଯଥାରୀତିରେ ନୁହେଁ । ନିଜ ଖିଆଲ ଖୁସିରେ । ନିତିଦିନ ହାତଯୋଡ଼ି ବିଗ୍ରହକୁ ଚାହିଁ ମନେ ମନେ କହେ, ଆମେ ଶୁଣି ଶୁଣି ବଧିର ହେଲୁଣି : 'ହେ ପ୍ରଭୁ, ଆପଣ ତ ଅନ୍ତର୍ଯ୍ୟାମୀ ପୁରୁଷ । ସବୁ ଜାଣୁଛନ୍ତି । ଦେଖୁଛନ୍ତି ତ ମୋର ଦାୟିତ୍ୱ । କ୍ଷମା କରନ୍ତୁ ହେ କ୍ଷମାମୟ ! ଗୋଟିଏ ଭଲଦିନ ଦେଖି ଆରମ୍ଭ କରିବି ଯେ, ଆଉ ଛାଡ଼ିବିନି । ସେହି ଦିନକୁ ଅପେକ୍ଷାରେ ଅଛି ।।''

କ୍ଷଣିକର ଉତ୍ତେଜନାରେ ଦିନେ ସେ ତା'ର ଧାରା ଆରମ୍ଭ କଲା । କିଛି ଦିନ ଏପରି କରି ଚାଲିଲା । ହେଲେ, ଏଣେ ଆମେ ଲକ୍ଷ୍ୟକରି ଦେଖୁଛୁ, ଧ୍ୟାନବେଳେ ତା'ମନର ଏକାଗ୍ରତା ନାହିଁ । ଖାଲି ବାହାରକୁ ଲୋକଦେଖାଣିଆ ହୋଇ କରୁଛି । ଦେଖୁଦେଖୁ ଦିନେ ସେତକ ବି ଛାଡ଼ିଦେଇ ପୂର୍ବସ୍ଥିତିକୁ ଫେରିଗଲା । ଅନିୟମିତ ଭାବରେ ସଂଜେ ସକାଳେ ସମୟ ଜଗି ଧୂପଟିଏ କି ମୁଣ୍ଡିଆଟେ ବି ନାହିଁ । ଯେଉଁଦିନ ଯେତେବେଳେ ତା'ର ଇଚ୍ଛା; ସେଦିନ ସେତେବେଳେ ସେତକ ଆମକୁ ମିଳେ । ନ ମିଳିଲେ ବି ନାହିଁ । ସେହି ଏକ ପ୍ରକାରର କ୍ଷମା ପ୍ରାର୍ଥନା : 'ହେ ଚରମନାଥ ! ହେ କରୁଣା ସାଗର ! ହେ ଭାବଗ୍ରାହୀ ! କ୍ଷମାକର ପ୍ରଭୁ ! ତୁମେ ତ ସବୁ ! କରି କରାଉ ଥାଅ । ମୁଁ ବା କ'ଣ କରିପାରିବି ? ଏଥର ପୁଣିଥରେ ପୁଣ୍ୟଦିନଟିଏ ଦେଖି ଆରମ୍ଭ କରିବି ଯେ, ଆଉ କେବେ ଛାଡ଼ିବି ନାହିଁ । ସେହିଦିନକୁ ଅପେକ୍ଷାକର ହେ ଚରମନାଥ ! ମୋତେ କ୍ଷମା ଦିଅ ।।'

ମନେରଖ, ଏହି ଲୋକଟି ପରି ଅସଂଖ୍ୟ ତମ ଭିତରେ ଅଛନ୍ତି । ସାକ୍ତ ମୋହବଶରୁ ନିଜ ଭିତରେ ଥିବା ପବିତ୍ର ଭାବକୁ କାର୍ଯ୍ୟରେ ପରିଣତ କରିବାର ସମସ୍ତ ଉଦ୍ଦୀପନା ଶକ୍ତି ଥିବା ସତ୍ତ୍ୱେ ପ୍ରାଣୀ ଆଳସ୍ୟପରାୟଣ ଓ ନୀତିନିଷ୍ଠ ନ ହୋଇ ଭଗବତ୍ ପ୍ରାପ୍ତି ପଥକୁ ନିଜେ ନିଜେ ହିଁ ରୁଦ୍ଧ କରେ । ଫଳରେ, ଆମେ ତା'କୁ ଯାହା ଦେବାପାଇଁ ଆସିଛୁ ଓ ଆଣିଛୁ, ଦେଇପାରୁନାହୁଁ । କର୍ମଯୋଗ ଅଭ୍ୟାସ କରି ନ ପାରି ଆଳସ୍ୟର ବଶବର୍ତ୍ତୀ ହୋଇ କେହି ବ୍ରହ୍ମଜ୍ଞାନ, ଆତ୍ମଜ୍ଞାନ ବା ଈଶ୍ୱରୋପଲବ୍ଧି ଲାଭ କରିପାରେ ନାହିଁ । ମନକୁମନ ନିଜକୁ ଉଚ୍ଚତର ଆତ୍ମା ଯଥା : ରାଧା, ମୀରା, ଗୋପ, ଗୋପୀ ଇତ୍ୟାଦି ଭାବି ନେଲେ କ'ଣ ସମସ୍ୟାର ସମାଧାନ ହୋଇଯିବ ??




**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :**

*ଯେ ପର୍ଯ୍ୟନ୍ତ ଚିର ବନ୍ଦନୀୟା ''ନାରୀ'' ର ମହତ୍ତ୍ୱ ସମାଜରେ ପ୍ରତିଷ୍ଠିତ ହୋଇ ନ ପାରିଛି, ସେ ପର୍ଯ୍ୟନ୍ତ ସୁସ୍ଥ ରାଷ୍ଟ୍ର ଗଠନର କଳ୍ପନା କରିବା ବୃଥା । ଯୁଗ ଯୁଗ ଧରି ପୂଜିତା, ବନ୍ଦିତା ନାରୀ ଆଜି ନିଜେ ନିଜର ସ୍ଥିତି ଉପରେ ସଚେତନ ଅଛି ତ ? ଉଭୟଙ୍କୁ ଦିଗ୍‌ଦର୍ଶନ ଦେଇ ନୂତନ ରାଷ୍ଟ୍ରର ନିର୍ମାଣ ଲକ୍ଷ୍ୟରେ ଏହି ସ୍ତମ୍ଭର ଉତ୍ପତ୍ତି ।*

## ଆହ୍ୱାନ

ମମତା, କୋମଳତା, ମଧୁରତା, ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, ଲଜ୍ଜା, ଶାଳୀନତା ଆଦି ନାରୀର ଭୂଷଣ । କ୍ରୋଧ, ନିଷ୍ଠୁରତା, ମାୟା, ନିର୍ଲ୍ଲଜତା, ନିର୍ଦ୍ଦୟ ଭାବ ଇତ୍ୟାଦି ତା'ର ଆୟୁଧ । ନାରୀ ଯେତେବେଳେ ଭୂଷଣ ବିଭୂଷିତା ହୁଏ, ସେତେବେଳେ ସେ ଦେବୀ, କଲ୍ୟାଣମୟୀ, ସନ୍ତାନବତ୍ସଳା ଜନନୀ । କିନ୍ତୁ ଭୂଷଣ ପରିତ୍ୟକ୍ତା ଆୟୁଧଧାରିଣୀ ହେଲେ ସେ ହୋଇଯାଏ ଦାନବୀ । ଆଜିର ଧ୍ୱଂସମୁଖୀ ସମାଜକୁ ଦେଖିଲେ ମନେ ହୁଏ, ଚିରବନ୍ଦନୀୟା ଦେବୀ ଆଜି ନିଷ୍ଠୁରା ଦାନବୀ ସାଜିଛି । ଏହାର କବଳରୁ ଏ ରାଷ୍ଟ୍ର, ତଥା ଧରିତ୍ରୀ ରକ୍ଷା ପାଇବ ତ ? କ୍ରମଶଃ ସମସ୍ତ ଆଶା ମଉଳି ଯାଉଛି । କାରଣ ମହାମାୟାଙ୍କ କୋପରୁ ବର୍ତ୍ତିଯିବା ପ୍ରାୟ ସମ୍ଭବ ହୁଏନାହିଁ । ତେଣୁ ପରୋକ୍ଷ ଭାବରେ କିନ୍ତୁ ଏକ ନିଶ୍ଚିତ ଗତିରେ ଧ୍ୱଂସର ଆହ୍ୱାନ କର୍ଣ୍ଣଗହ୍ୱରରେ ନିନାଦିତ ହେଉଛି ।

ପୁରାଣ ପୃଷ୍ଠାକୁ ଲେଉଟାଇଲେ ସମସ୍ତ ନାସ୍ତିସୂଚକ ଅବସ୍ଥା ମଧ୍ୟରେ ବି ଆସ୍ତିକତାର ଆଶା ଉଦ୍ରେକ ହେଉଅଛି । କାରଣ ପୌରାଣିକ ଘଟଣାବଳୀରୁ ଗୋଟିଏ କଥା ସ୍ୱୀକୃତ ହୋଇଛି ଯେ, ନାରୀ ଯେତେ ନିଷ୍ଠୁରା, ବିଭତ୍ସା ହେଲେ ମଧ୍ୟ ମାତୃତ୍ୱର ମହନୀୟତା ''ମମତା'', ତା'ର ଅନ୍ତରରୁ ଆଦୌ ଲୁପ୍ତ ହୁଏ ନାହିଁ । ତତ୍କାଳୀନ ଅବସ୍ଥାରେ ଏହା ସୁପ୍ତ ହୋଇଥାଏ । କିନ୍ତୁ ଯଥାସମୟରେ ଏହା ଜାଗ୍ରତ ହୁଏ ଏବଂ ସୃଷ୍ଟି ରକ୍ଷାକରେ । ସେହିପରି ଏକ ଉଦାହରଣ :

ଦ୍ୱାପର ଯୁଗରେ, କଂସର ଅନୁଗାମିନୀ ରାକ୍ଷସୀ ପୁତନା ନାମ ଶୁଣିଲେ ଏବେ ମଧ୍ୟ ଶିଶୁ ଭୟରେ ଶିହରି ଉଠେ । ମାଆର ପଣତ ତଳେ ମୁହଁଟିକୁ ଲୁଚାଇଦିଏ ଅଭୟ ପାଇଁ । ଯେତେବେଳେ ଲୀଳାମୟ ସୃଷ୍ଟିକର୍ତ୍ତା ପ୍ରଭୁ ବାସୁଦେବ କଂସ ବନ୍ଦୀଶାଳାରେ ମର୍ତ୍ତ୍ୟାବତରଣ କରି ଗୋପନରେ ଚାଲିଗଲେ ଭକ୍ତପ୍ରବର ରାଜା ନନ୍ଦଙ୍କ ଗୃହ ''ଗୋପ''କୁ, କଂସ କ୍ରୋଧରେ ଫାଟି ପଡ଼ିଲେ । ତତ୍‌କ୍ଷଣାତ୍ ଆଦେଶ ଦେଲେ ସଦ୍ୟଜାତ ସମସ୍ତ ଶିଶୁଙ୍କୁ ହତ୍ୟା କରି ନିଷ୍କଣ୍ଟକ ହେବାପାଇଁ । ଅନ୍ୟାନ୍ୟ ଅନୁଚରବର୍ଗ ମଧ୍ୟରୁ ମୁଖ୍ୟ ସ୍ଥାନ ଗ୍ରହଣ କରିଥିଲା ରାକ୍ଷସୀ ପୁତନା । ଅଭୀଷ୍ଟ ସାଧନ ଲକ୍ଷ୍ୟରେ ଯିବା ପଥରେ ପହଞ୍ଚିଲା ''ବିନ୍ଧ୍ୟପର୍ବତ'' ନିକଟରେ । ସେଠାରେ କୋଳାହଳରୁ ସଂଗ୍ରହ କରିନେଲା ଯେ, ବିନ୍ଧ୍ୟରାଣୀଙ୍କର ଦୁଇଟି କନ୍ୟା ଜାତ ହୋଇଛନ୍ତି । ନିଷ୍ପତ୍ତି ନେଲା, ଏଇଠାରୁ ହିଁ ତା'ର କାର୍ଯ୍ୟ ଆରମ୍ଭ କରିବ ।

ତନ୍ତ୍ରଶକ୍ତିରେ ବିଶାରଦ ପୁତନା ନିଜକୁ ଏକ ରୂପସୀ ନାରୀରେ ରୂପାନ୍ତରିତ କରି ସଦ୍ୟଜାତ କନ୍ୟାଦ୍ୱୟଙ୍କୁ ଆଶୀର୍ବାଦ କରିବାର ଛଳନା ନେଇ ଅନାୟାସରେ ପ୍ରବେଶ କଲା ରାଣୀ ଅନ୍ତଃପୁରେ । ସେଠାରେ ମାୟାଶକ୍ତି ବଳରେ ସମସ୍ତଙ୍କୁ ମୋହିତ କରି ଶିଶୁ ଦୁଇଟିଙ୍କୁ ହତ୍ୟା କରିବାକୁ ଯିବା ସମୟରେ ହଠାତ୍ ତା'ର ଶରୀରରେ ଥିବା ମାତୃତ୍ୱ ଜାଗିଉଠିଛି । ଚିନ୍ତା କରିଛି, ''ଆହା ! ଶିଶୁ ଦୁଇଟି କେତେ ସୁନ୍ଦର, କୋମଳ, କମନୀୟ ହୋଇଛନ୍ତି । ଏମାନେ ମହାପ୍ରତାପୀ କଂସର କି ଅନିଷ୍ଟ ସାଧନ କରିପାରିବେ ? ଆଜି ପର୍ଯ୍ୟନ୍ତ ରାକ୍ଷସ ପ୍ରବୃତ୍ତିରେ ବୁଡ଼ିରହି ମୁଁ ମାତୃତ୍ୱ ହରାଇଛି । କିନ୍ତୁ ଆଜି ଏ ସୌଭାଗ୍ୟ ହାତଛଡ଼ା କରିବି ନାହିଁ । ଏ ଶିଶୁ ଦୁଇଟିଙ୍କୁ ନେଇ ମା'ର ମମତାରେ ପାଳିବି ।'' ଶେଷରେ ସେ ତାହାହିଁ କରିଛି । ଶିଶୁ ଦୁଇଟିଙ୍କୁ ଦୁଇ ହସ୍ତରେ ଧରି ଶୂନ୍ୟମାର୍ଗରେ ଫେରି ଆସୁଛି ଦାନବୀ ପୁତନା ମମତାମୟୀ ମାତୃତ୍ୱର ମହାନତା ନେଇ । କିନ୍ତୁ ବିଧିର ବିଧାନ ଅତି ବିଚିତ୍ର । ବ୍ରାହ୍ମମୁହୂର୍ତ୍ତରେ ଗର୍ଗମୁନି ଯମୁନା ନଦୀରେ ତର୍ପଣ ପାଇଁ ଜଳଆଞ୍ଜୁଳି ଧରିଛନ୍ତି । ଶୂନ୍ୟମାର୍ଗରେ ଗତି କରୁଥିବା ପୁତନାର ଛାୟା ଆଞ୍ଜୁଳିରେ ପଡ଼ିଛି । ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି ଶୂନ୍ୟମାର୍ଗକୁ ନିମ୍ନାବତରଣ ପାଇଁ । ପୁତନାର ଆଖି ପଡ଼ିଯାଇଛି ଗର୍ଗମୁନିଙ୍କ ଉପରେ । ଭୟରେ ଥରି ଉଠିଛି ବିଚରା । ନିମ୍ନକୁ ଅବତରଣ କରିଛି ସିନା, ମାତ୍ର ଶିଶୁକନ୍ୟା ଦୁଇଟି ହାତରୁ ଛିଟିକି ପଡ଼ିଛନ୍ତି । ସମସ୍ତ ସତ୍ୟ ଘଟଣା ମୁନିଙ୍କ ନିକଟରେ ପ୍ରକାଶ କରି ଦେଇଛି । ଦାନବୀ ହେଲେ ମଧ୍ୟ ମାଆର ମମତା ଲକ୍ଷ୍ୟ କରି ମୁନି ତାକୁ କ୍ଷମା କରିଦେଇଛନ୍ତି । ପୁତନା ଫେରି ଯାଇଛି ଭଗ୍ନହୃଦୟ ନେଇ । ବିଚରା ତା'ର ସନ୍ତାନବତ୍ସଳା ପ୍ରବୃତ୍ତି ଅଙ୍କୁରିତ ହୋଇଥିଲେ ମଧ୍ୟ ପୂର୍ଣ୍ଣବିକାଶ ଲାଭ କରି ମମତାମୟୀର ସୌଭାଗ୍ୟରୁ ବଞ୍ଚିତ ହୋଇଛି । ପରବର୍ତ୍ତୀ ଅବସ୍ଥାରେ ଗର୍ଗମୁନି ଧ୍ୟାନବଳରେ ଜାଣି ପାରିଛନ୍ତି ବିନ୍ଧ୍ୟା କନ୍ୟାର ଅପହୃତା ଶିଶୁ ଦୁଇଟି ଆଉକେହି ନୁହେଁ ସ୍ୱୟଂ ମହାମାୟା ଓ ଯୋଗମାୟା । ପୁତନାର ହାତରୁ ଖସିବା ମାତ୍ରେ ମହାମାୟା ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । କିନ୍ତୁ ଯୋଗମାୟା, ଏକ ପୁଷ୍କରିଣୀର ପଦ୍ମପତ୍ର ଉପରେ ପଡ଼ି ଅପେକ୍ଷା କରିଛନ୍ତି ତାଙ୍କର ଆଗାମୀ ଲୀଳାର ମାଧ୍ୟମ ପାଇଁ । ଗର୍ଗଙ୍କ ନିର୍ଦ୍ଦେଶରେ ବୃଷଭାନୁ ଓ ତାଙ୍କପତ୍ନୀ ସେହି କନ୍ୟାକୁ ଉଦ୍ଧାର କରିଛନ୍ତି ଏବଂ ଯୋଗମାୟାଙ୍କ ଜନକଜନନୀ ରୂପରେ ପରିଚିତ ହୋଇଛନ୍ତି । ସେଇ ବୃଷଭାନୁ ଜେମା ହିଁ, ଦ୍ୱାପରଯୁଗର ସର୍ବଶ୍ରେଷ୍ଠ ପ୍ରେମ ରାସଲୀଳାର ନାୟିକା ''ରାଧା'' ।

ଆଜିର ସମାଜକୁ ଲକ୍ଷ୍ୟକଲେ ସ୍ମରଣ ଆସେ, ଅଜ୍ଞାନ ରୂପକ ଅନ୍ଧକାରରେ ବାଟବଣା ହୋଇଥିବା ନାରୀ କଳିର ନିଷ୍ଠୁର ଜାଲରେ ଛନ୍ଦି ହୋଇ ନିଜର ଅସ୍ତିତ୍ୱ ଭୁଲି ଯାଇଛି ସାମୟିକ ଭାବରେ । କିନ୍ତୁ ତା'ର ଅନ୍ତରରେ ଏବେ ବି ଲୁଚି ରହିଛି ମାଆର ମମତା, ସ୍ନେହ, କରୁଣା ଆଦି ମାତୃତ୍ୱର ଶ୍ରେଷ୍ଠ ଗୁଣାବଳୀ । ଥରେ ମାତ୍ର ଯଦି ସେ ନିଜକୁ ଅନ୍ତର୍ଦ୍ଦୃଷ୍ଟିରେ ଅବଲୋକନ କରେ, ତେବେ ତା'ର ସମସ୍ତ ଭ୍ରମ ଦୂର ହେବ ନିଶ୍ଚୟ । ନିଜର ଅବସ୍ଥା ଓ ସ୍ଥିତି ଉପରେ ସଚେତନ ହୋଇଯିବ । ସେତେବେଳେ ତା'ର ମମତାର ସ୍ରୋତରେ ଅବଗାହନ କରି ଏ ସମାଜ, ରାଷ୍ଟ୍ର, ଧରାପୃଷ୍ଠ ପୁଲକିତ ହୋଇ ଉଠିବ ।

ଯଦି ପୁତନାଭଳି ନିଷ୍ଠୁରା ଦାନବୀର ହୃଦୟରେ ସନ୍ତାନର ବାତ୍ସଲ୍ୟ ମମତା ସ୍ଥାନ ନେଇ ପାରିଲା, ଏ ଯୁଗର ମା'ମାନେ କ'ଣ ସେମାନଙ୍କର ସ୍ଥିତିକୁ ପୁନରୁତ୍‌ଥାନ କରିପାରିବେନି ? ଏହାହିଁ ଆଜିର ଏକ କଠୋର ଆହ୍ୱାନ ।

-----❋-----

''ଜନନୀ ଅଙ୍ଗରେ ଧରାକୁ ଆସିଲୁ
ସନ୍ତାନ ପାଳିବା ପାଇଁ
ମାତୃତ୍ୱ ଭୁଲିଲୁ ମୋହିନୀ ହୋଇଲୁ
ସନ୍ତାନେ ଗଲୁଡ଼ୁ ଖାଇ ?''

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଶିଶୁର ସରଳକୋମଳ ପ୍ରାଣ ନିଷ୍କପଟ, ନିଷ୍କଳଙ୍କ। ନିଷ୍କପଟ, ନିଷ୍କଳଙ୍କ ହୃଦୟରେ ହୃଦୟନାଥ ପ୍ରଭୁ ଜଗଦୀଶ୍ୱର ମହାଆନନ୍ଦ ଓ ପରମ ସନ୍ତୋଷରେ ଆସନପାଡି ବସନ୍ତି, ବସିବାକୁ ଭଲ ପାଆନ୍ତି। ବିଶ୍ୱବ୍ରହ୍ମାଣ୍ଡର ସବୁଠି ସବୁବେଳେ ସେ ବିଦ୍ୟମାନ ଥିଲେ ମଧ୍ୟ ଶିଶୁଭଳି ସରଳ ହୃଦୟବାନ ଭକ୍ତ ହିଁ ଆପଣାର ହୃଦେଶରେ ତାଙ୍କୁ ସତତ ଅନୁଭବ କରିବାକୁ ସମର୍ଥ ହୁଏ, ଜାଣି ପାରେ ପ୍ରଭୁ ତା'ର ପାଖେପାଖେ ହିଁ ସର୍ବଦା ଓ ସର୍ବଥା ବିରାଜମାନ। ସେହି ପରିପ୍ରେକ୍ଷୀରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଏହି ବସ୍ତୁ ଓ ଭାବ ବିନ୍ୟସ୍ତ: ମୋହନ ବଂଶୀ ॥

## ମୋହନବଂଶୀ

ଦିନ ଥିଲା, ଯେତେବେଳେ ଅଲିଅଳ ପୁଅର ଅସ୍ଥିରତା ପାଇଁ ମମତାମୟୀ ମା'ଙ୍କ ମନ ଭାଙ୍ଗିପଡୁଥିଲା। କିନ୍ତୁ ଆଜି ପରିସ୍ଥିତି ବିପରୀତ ହୋଇଛି । ଅବୁଝା ଦେବାଶିଷ ଅଚଞ୍ଚଳ, ସ୍ଥିର ହୋଇଯାଇଛି। ମାତ୍ର ମା'ଙ୍କ ମନରେ ଅଶାନ୍ତି ଓ ଆଶଙ୍କାର ଝଡ଼ ସୃଷ୍ଟି ହୋଇଛି। ସେ ନିଜେ ଅସ୍ଥିର ହୋଇଯାଇଛନ୍ତି। କାରଣ ଦେବାଶିଷର ଅଦ୍ଭୁତ ପରିବର୍ତ୍ତନ ହୋଇଛି। ସମସ୍ତ କୋଳାହଳ, କର୍ମଜଞ୍ଜାଳକୁ ତ୍ୟାଗକରି କେବଳ ନୀରବତାକୁ ହିଁ ସାଥୀ କରିନେଇଛି। ଯଦି କେଉଁଠି ନାମ ସଂକୀର୍ତ୍ତନ ହେଉଛି, ପାଗଳ ପରି ଛୁଟି ଯାଉଛି। ନାମରେ ବିହ୍ୱଳ ହୋଇ ନାଚିନାଚି ଅଚେତ ହୋଇଯାଉଛି, ପ୍ରଭୁଙ୍କ ନାମ ସ୍ମରଣ ମାତ୍ରେ ଆଖିରୁ ଆନନ୍ଦର ଅଶ୍ରୁ ଗଡ଼ିଯାଉଛି। ବିଦ୍ୟାଳୟକୁ ଯିବାକୁ ରାଜି ହେଉନାହିଁ। ଶିକ୍ଷକମାନେ ମଧ୍ୟ ବିବ୍ରତ। କାରଣ ବିଦ୍ୟାଳୟରେ ଅନେକ ସମୟରେ ସେ ଚେତନାଶୂନ୍ୟ ହୋଇଯାଉଛି। କାରଣ ପଚାରିଲେ ହସି ଦେଉଛି ଏବଂ ଅଧାକପାଳ ଯନ୍ତ୍ରଣା ହେଉଛି ବୋଲି କହୁଛି।

ପୁତ୍ରର ଏ ବିଚିତ୍ର ଅବସ୍ଥା ଦେଖି ଅଧୀରା ଜନନୀ ତାକୁ ସଙ୍ଗରେ ନେଇ ଯାଇଛନ୍ତି ସେଇ ସର୍ବଦୁଃଖହାରୀ ଭକ୍ତ ବତ୍ସଳ ଭାବଗ୍ରାହୀଙ୍କ ଶ୍ରୀଚରଣାରବିନ୍ଦକୁ। ସତେଯେପରି ଅପେକ୍ଷାକରି ରହିଥିଲେ। ପହଞ୍ଚିବା ମାତ୍ରେ କେହି କିଛି କହିବା ଆଗରୁ ଆନନ୍ଦରେ ଟେକି ନେଲେ ତାଙ୍କର ରତ୍ନୁଣୀଧନ ଦେବାଶିଷକୁ ନିଜର ପ୍ରଶାନ୍ତକୋଳକୁ। ଆନନ୍ଦରେ ବିହ୍ୱଳ ହୋଇ ଉଠିଲା ଜନନୀଙ୍କ ମନ। ଆଉ କହିବେ କ'ଣ ? ଭକ୍ତ ଓ ଭଗବାନଙ୍କର ମିଳନରେ ବାୟୁ ମଧ୍ୟ ସ୍ଥିର ହୋଇଯାଏ। ସେ ବା କିପରି ନିଜକୁ ସଂଯତ କରିପାରିବେ? ଅଷ୍ଟପାଶର ବନ୍ଧନରୁ ମୁକ୍ତିଦାତା ପ୍ରଭୁ ତ୍ରିଲୋକସ୍ୱାମୀଙ୍କ କୋଳରେ ତାଙ୍କର ଅଲିଅଳ ଗେହ୍ଲାନନ୍ଦନ। ଆଉ ଭୟ କ'ଣ ?

ସେଇ ଚିରଶାନ୍ତିର ଆସନରେ (କୋଳ) ଥାଇ ଦେବାଶିଷ ହଠାତ୍ ଗୋଟିଏ ଅଳି କରି ବସିଲା। ''ପ୍ରଭୁ ! ଦ୍ୱାପରରେ ଯେଉଁ ବଂଶୀର ସ୍ୱରରେ ଏ ବିଶ୍ୱବ୍ରହ୍ମାଣ୍ଡର ପ୍ରତିଟି ଅଣୁକୁ ବିମୋହିତ କରିଥିଲ ଆଜି ସେହି ବଂଶୀ ଆପଣଙ୍କ ନିକଟରେ ନାହିଁ? ଥରେ ଦେଖିବାକୁ, ତା'ର ମଧୁର ସ୍ୱର ଶୁଣିବାକୁ ପ୍ରବଳ ଆଗ୍ରହ ହେଉଛି। ମନୋବାଞ୍ଛା ପୂର୍ଣ୍ଣ କରିବନି ପ୍ରଭୁ ?'' ଉତ୍ତରରେ ଝରିଆସିଲା ସ୍ୱୀକୃତିର ହସଟିଏ ଶ୍ରୀରଙ୍ଗାଅଧରରୁ। ଆଶ୍ୱାସନା ମିଳିଲା ସନ୍ତାନ ବିଧୁରା ଜନନୀଙ୍କୁ ''ବ୍ୟସ୍ତ ହେବନାହିଁ। ତୁମପୁଅର କିଛି ହୋଇନାହିଁ। ସେ ଠିକ୍ ଅଛି।'' ଏହି ଅଭୟବାଣୀରେ ଶାନ୍ତ ହୋଇ ଆନନ୍ଦର ଭାବ ଗ୍ରହଣ କରି ପୁତ୍ରକୁ ସାଙ୍ଗରେ ନେଇ ଫେରି ଆସିଲେ ଘରକୁ।

ଏହି ମିଳନପର୍ବର ଠିକ୍ ଏକ ସପ୍ତାହ ପରେ ବୋଧହୁଏ ଭକ୍ତପ୍ରେମୀ ଭାବଗ୍ରାହୀଙ୍କର ମନେ ପଡ଼ିଯାଇଛି ପ୍ରାଣାଧିକ ପ୍ରିୟ ଦେବାଶିଷର ଅଳି। ରାତ୍ରିରେ ଗଭୀର ନିଦ୍ରାରେ ଶୋଇଯାଇଛି ଦେବାଶିଷ। ସ୍ୱପ୍ନ ଦେଖୁଛି ଅପୂର୍ବ ଘନନୀଳ ଜ୍ୟୋତିର ଆଭାରେ ଘରଟି ତାର ପୂର୍ଣ୍ଣ ହୋଇଯାଇଛି। ଚନ୍ଦନ, କସ୍ତୁରୀର ମହକ ତନୁମନକୁ ଆହ୍ଲାଦିତ କରି ଦେଉଛି। ସେଇ ଜ୍ୟୋତିଃ ପିଣ୍ଡରୁ ସୁନେଲି ରଙ୍ଗରେ ଝଲମଲ ହୋଇ ସୃଷ୍ଟି ହେଉଛି ତା'ର ଅଭିଳଷିତ ମୋହନ ବଂଶୀ। ସୁନା, ହୀରା, ନୀଳା ଆଦି ଅଂସଖ୍ୟ ଝରାରେ ବଂଶୀଟି ସଜ୍ଜିତ ହୋଇଛି। ସତେଯେପରି ସ୍ୱରର ମୂର୍ଚ୍ଛନା ତୋଳି ତା'ର କାନେକାନେ କହି ଦେଉଛି, ''ଅଳି କରିଥିଲୁ ପରା? ଦେଖ୍ ମନ ଖୋଲି ଦେଖ୍। ତୁ ମୋର ଅତିପ୍ରିୟ। ମୁଁ ଛାଇପରି ତୋ ପାଖେ ପାଖେ ଅଛି। କେବେ ମନ ଦୁଃଖ କରିବୁ ନାହିଁ। କାନ୍ଦିବୁ ନାହିଁ।'' ବିଚରା କିଛି କହିବା ଆଗରୁ ନିଦଟି ଭାଙ୍ଗିଯାଇଛି। କିନ୍ତୁ ଭରିଯାଇଛି ଅପୂର୍ବ ପୁଲକ ତାର ଶରୀର ଆଉ ମନରେ। ଛିଣ୍ଡିଯାଇଛି ଏ ମିଥ୍ୟା ପାର୍ଥୀବ ଜଗତର ମୋହବନ୍ଧନ। ଦୃଢ଼ ନିଷ୍ପତ୍ତି ନେଇଛି- ସେ ଗୃହତ୍ୟାଗ କରିବ। ସବୁ ଦିନ ପ୍ରତିମୁହୂର୍ତ୍ତ ପାଇଁ ଧରି ରଖିବ ସେହି ମୋହନବଂଶୀକୁ। ରାତ୍ରି ପାହିବା ପୂର୍ବରୁ ମା'ଙ୍କର ନିବିଡ଼ ସ୍ନେହ ବନ୍ଧନ, ପିତାଙ୍କ ଶ୍ରଦ୍ଧା ଓ ଆଶାର ସୌଧକୁ ଚୁରମାର୍ କରି ଗୃହ ତ୍ୟାଗ କରି ଚାଲିଯାଇଛି ଦେବାଶିଷ।

କିନ୍ତୁ କୁଆଡ଼େ ଯିବ ? କିପରି ଯିବ ? ସୂକ୍ଷ୍ମସୂତ୍ରରେ ଦାୟିତ୍ୱ ନିଅନ୍ତି ପ୍ରଭୁ ପରମେଶ । ହଠାତ୍ ଜଣେ ଠିକାଦାରଙ୍କ ସଂସ୍ପର୍ଶରେ ଆସେ । ତାଙ୍କ ସାଙ୍ଗରେ ଚାଲିଯାଏ ଅନେକ ଦୂରକୁ - କଲିକତା ନିକଟବର୍ତ୍ତୀ ସିଆଲଦାକୁ । ସେଠାରେ ସେହି ଠିକାଦାରଙ୍କ ଘରେ ତାଙ୍କର ଘରୋଇ କାର୍ଯ୍ୟରେ ନିଯୁକ୍ତ ହୁଏ । କିନ୍ତୁ ମନଟି ରହିଥାଏ ତା'ର ପ୍ରିୟତମ ସ୍ୱର୍ଣ୍ଣକ୍ଷେତ୍ରାଧିପତିଙ୍କ ଶ୍ରୀପୟରରେ ଓ ସେହି ଅପୂର୍ବ ମୋହନବଂଶୀରେ । କିଛିଦିନ ପରେ ଜଣେ ସନ୍ନ୍ୟାସୀ ଆସନ୍ତି ସେଇ ଠିକାଦାରଙ୍କ ଘରକୁ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ସହ ଚାଲିଯାଏ ଋଷିକେଶକୁ । ଗଭୀର ସ୍ନେହ ଓ ଶ୍ରଦ୍ଧାରେ ସନ୍ନ୍ୟାସୀ ଜଣକ ତା'ର ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଆଶ୍ରମର ଅଧିଷ୍ଠାତ୍ରୀ ଦେବତା ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା । ତାଙ୍କୁ ଦେଖିବାମାତ୍ରେ ସ୍ମରଣ ଆସିଲା ତା'ର ଆରାଧ୍ୟ ପ୍ରଭୁ ଓ ବଂଶୀ । ଆତ୍ମବିହ୍ୱଳ ହୋଇଗଲା ଦେବାଶିଷ । ବାସ୍ ତାପରଠାରୁ ସନ୍ନ୍ୟାସୀ ହେଉଛନ୍ତି ପୂଜକ । ଦେବାଶିଷ ହେଉଛି ଯୋଗାଡ଼ିଆ ।

ଦେବାଶିଷ ଠାରେ ଦୈବୀଶ୍ରଦ୍ଧାର ଝଲକ ଲକ୍ଷ୍ୟ କରି ସନ୍ନ୍ୟାସୀ ତାକୁ ଆଶ୍ରମର କଠୋର ନିୟମ ମଧ୍ୟରେ ଗଢ଼ିବାକୁ ଚେଷ୍ଟା କଲେ । ଫଳସ୍ୱରୂପ ଦିନକୁ ମାତ୍ର ଥରେ ଖାଦ୍ୟ ଖାଇବାକୁ ମିଳେ । କିଛିଦିନ ପରେ ହଠାତ୍ ଦେବାଶିଷର ତା' ବାପା, ମା, ଗାଁ ଓ ପ୍ରଭୁଙ୍କ କଥା ମନେ ପଡ଼ିଛି । ଦେଖିବାକୁ ବ୍ୟାକୁଳ ହୋଇ କାନ୍ଦିଛି । ହେଲେ କ'ଣ କରିବ ? ଫେରିବାର ଯେ ଅନ୍ୟ କୌଣସି ଉପାୟ ନାହିଁ । ସେଦିନ ଚନ୍ଦନପୂର୍ଣ୍ଣିମା । ସନ୍ନ୍ୟାସୀ ଶ୍ରୀରାଧାକୃଷ୍ଣଙ୍କୁ ଚନ୍ଦନବେଶରେ ସଜାଉଛନ୍ତି । ଦେବାଶିଷକୁ ନିର୍ଦ୍ଦେଶ ଦେଲେ ବଗିଚାରୁ ଫୁଲତୋଳି ବିଗ୍ରହଙ୍କ ପାଇଁ ମାଳ ଗୁନ୍ଥିବାକୁ । ବଗିଚାରୁ ଟଗର ଫୁଲଆଣି ପ୍ରଭୁଙ୍କ ପାଇଁ ଗଜରାମାଳ ଗୁନ୍ଥୁଛି ଦେବାଶିଷ । କିନ୍ତୁ ଘରକଥା ମନେପଡ଼ି ଆଖିରୁ ଟପ୍ ଟପ୍ ହୋଇ ଝରି ପଡୁଛି ଲୋତକର ଧାରା । ସନ୍ନ୍ୟାସୀ ଆଳତି ଧରି ବିଗ୍ରହଙ୍କୁ ବନ୍ଦାପନା କରିବା ସମୟରେ ହଠାତ୍ ଦେଖୁଛନ୍ତି ବିଗ୍ରହର ପଶ୍ଚାତ୍ ଭାଗ ଅଦ୍ଭୁତ ଜ୍ୟୋତିର ତରଙ୍ଗରେ ପୂର୍ଣ୍ଣ ହୋଇଛି । ବିଗ୍ରହଙ୍କ ଚକ୍ଷୁରୁ ଅବାରିତ ଗତିରେ ଝରିପଡୁଛି ଅଶ୍ରୁର ଧାର, ଚମକି ପଡ଼ିଲେ ସନ୍ନ୍ୟାସୀ । ଆଳତି ବନ୍ଦକରି ପଛକୁ ଚାହିଁ ଦେଖିଦେଲେ ଦେବାଶିଷ କାନ୍ଦୁଛି । ଛୁଟି ଆସି ତା'ର ଆଖିରୁ ପୋଛିଦେଲେ ଲୁହଧାରକୁ । ଆଶ୍ଚର୍ଯ୍ୟ ବିଗ୍ରହରୁ ମଧ୍ୟ ଲୋତକ ଆପେ ଆପେ ପୋଛି ହୋଇଯାଇଛି । କିଛି ବୁଝିପାରିଲେନି ସନ୍ନ୍ୟାସୀ । ବର୍ଷ ବର୍ଷ ଧରି ବିଗ୍ରହ ସେବା କରି ଯାହା ପାଇ ନ ଥିଲେ ଆଜି ଏ ଅଦ୍ଭୁତବାଳକ ଯୋଗୁଁ ତାହା ସମ୍ଭବ ହୋଇପାରିଛି । ନିର୍ଜୀବ ଧାତୁ ପ୍ରତିମାଙ୍କ ଚକ୍ଷୁରେ ଅଶ୍ରୁର ଧାରା । କ'ଣ ବା ବୁଝିବେ ସନ୍ନ୍ୟାସୀ ? ଭକ୍ତ ଚକ୍ଷୁରେ ଏକ ବିନ୍ଦୁ ଲୁହ ଭଗବାନଙ୍କର ଚକ୍ଷୁରେ ସାଗର ସୃଷ୍ଟି କରାଇଦିଏ । ଦେବାଶିଷ ଯେ, ପ୍ରଭୁଙ୍କର ଅଲିଅଳ ଗେହ୍ଲାନନ୍ଦନ । ତାକୁ କଥା ଦେଇଥିଲେ ତା'ର ପାଖେ ପାଖେ ଅଛନ୍ତି ବୋଲି, ଅନ୍ୟଥା କରିବେ କିପରି ? ସେଠାରେ ସିନା ଦେବାଶିଷ

ଉପସ୍ଥିତ ଥିବାରୁ ବିଗ୍ରହଙ୍କ ଅଶ୍ରୁର କାରଣ ସେ ଉପଲବ୍ଧି କରିପାରିଲେ । ଏଠାରେ ତ ଦେବାଶିଷ ନାହିଁ । ମାନବ ଶରୀରର ସାକାର ରୂପରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେଲା ତା'ର କାରଣ କିଏ ବୁଝିବ ?

ସେହି ଚନ୍ଦନ ପୂର୍ଣ୍ଣିମା ଦିନ ଠିକ୍ ସେହି ସମୟରେ ଆଶ୍ରମରେ ଅଗଣିତ ଭକ୍ତ, ଅନୁଗତ ଉପସ୍ଥିତ ପ୍ରଭୁଙ୍କ ଦର୍ଶନ ପାଇଁ । କିନ୍ତୁ ପ୍ରଭୁଙ୍କ ଅବସ୍ଥା ଦେଖି ସମସ୍ତେ ଆଶ୍ଚର୍ଯ୍ୟ । ପୂର୍ଣ୍ଣିମାର ଚାନ୍ଦପରି ମୁହଁଟି ଶୁଖି କଳା ପଡ଼ିଯାଇଛି । ହସ ଲିଭି ଯାଇଛି । ଲୁହ ସିନା ଝରୁନାହିଁ । କିନ୍ତୁ ଢଳ ଢଳ ଅଶ୍ରୁଳ ନୟନ । ଯିଏ ଯାହା ପଚାରିଲେ ବି ଉତ୍ତର ନାହିଁ । କେବଳ ନୀରବତା ।

ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଭକ୍ତ ପ୍ରେମ !


କ୍ରମଶଃ ......

ଭକତ ମୋର ରଜତ ହୋଇଲେ
ଭକ୍ତି ତାର ମୋର ଖାଦ୍ୟ ।
ଭକତ ଆଖିରୁ ଲୋତକ ଝରିଲେ
ଥରି ଉଠେ ମୋର ହୃଦ ।।

**ଶ୍ରୀଶ୍ରୀଶ୍ରୀ ଠାକୁର**

କରମରେ ଗୁରୁଦେବଙ୍କୁ ଯୋଡି ।
କରମଯୋଗର ପଥରେ ମାଡି ।।
ତ୍ୟାଗ ସେବା ନିଷ୍ଠା ଦେଖାଉ ଯେବେ ।
ଚରମ ପ୍ରାପତି ଲଭିବୁ ତେବେ ।।

ନିରିଭର କଲେ ନ ଥାଏ ଭୟ ।
ନିରିଭର ଆସେ ଥିଲେଟି ଲୟ ।।
ଲୟ ଯହିଁ ତହିଁ ନ ଥାଏ ଭୟ ।
ଗୁରୁ ଦେଇଥାନ୍ତି ଚିରଅଭୟ ।।



# ଉତ୍ତିଷ୍ଠତଃ ! ଜାଗ୍ରତଃ !!

ଉଦ୍‌ଭ୍ରାନ୍ତ ନୁହଁ ଆମ ଯୁବସମାଜ । ଉଦ୍‌ଭେଦର ସକଳ ସମ୍ଭାବନାରେ ଋଦ୍ଧିମନ୍ତ ଯୁବଗୋଷ୍ଠୀ ବ୍ୟକ୍ତିଗତ ତଥା ସାମୂହିକ ବିକାଶବ୍ରତରେ ଉଭିନ୍ନ । ସେହି ଭାବୋଦ୍ଭୂତ ଉଦ୍‌ଯୋଗୀ ଯୁବସଂପ୍ରଦାୟ ନିମନ୍ତେ ପରମପ୍ରେମମୟ ଠାକୁରଙ୍କ ଅମୀୟ ବାଣୀ ଓ ଭାବଧାରା ସମ୍ବଳିତ 'ପଦ୍ମ' । ପଦ୍ମର ପ୍ରେମ, ପଦ୍ମର ତନ୍ମୟତା, ପ୍ରେମରେ ଲୟ ଏବଂ ପ୍ରେମ୍ମା ପଦ୍ମର ଆତ୍ମନିବେଦନାତ୍ମକ ଶରଣାଗତି ବିଶ୍ୱର ବିସ୍ମୟ । ଏହି ପରିପ୍ରେକ୍ଷୀରେ ଆମର ଆଶା ବିଶ୍ୱାସ ଭରସାର ମୂଳପିଣ୍ଡ ଯୌବନ ରସାପ୍ଳୁତ ଯୁବସମାଜ ପାଇଁ 'ଚରମ'ର ଏହି ପାଖୁଡ଼ାରେ ପତ୍ରସ୍ଥ -

## ପଦ୍ମ (୧)

''ସୁଖଂ ଶୟାନଂ ନିଳୟେ ନିଜେପି
ନାମାନି ବିଷ୍ଣୋ ପ୍ରବଦନ୍ତି ମର୍ତ୍ତ୍ୟା,
ତେ ନିଶ୍ଚିତଂ ତନ୍ମୟତାଂ ବ୍ରଜନ୍ତି
ଗୋବିନ୍ଦ ଦାମୋଦର ମାଧବେତି ।।''

ପଦ୍ମ ସହିତ ସହସ୍ରାଂଶୁ ସୂର୍ଯ୍ୟ, ସୃଷ୍ଟିକର୍ତ୍ତା ବ୍ରହ୍ମା, ଜଗନ୍ମାତା ଲକ୍ଷ୍ମୀ ଏବଂ ଜଗତ୍‌ପିତା ବିଷ୍ଣୁଙ୍କର ସଂପର୍କ ନିଗୂଢ଼, ପ୍ରାଚୀନ ଏବଂ ସର୍ବଜନବିଦିତ । ଏହି ସଂପର୍କରେ ମଧୁର ସ୍ମୃତିଚାରଣ କାଳରେ ସ୍ୱୟଂ ପଦ୍ମ ନିଜ ଜୀବନରେ ଶିଶିରପାତର ଦୁଃଖଦ ଦୁର୍ବିସହ ପରିଣତିର ଶୋକରେ ଭଗ୍ନମନା ହୋଇ କବିଙ୍କ କଣ୍ଠରେ ଗାଇ ଉଠିଛି -

''ସହସ୍ରପତ୍ର ସୂର୍ଯ୍ୟଃ ମମ ବଂଧୁ
ପୁନଶ୍ଚ ବିଂଧି ଲକ୍ଷ୍ମୀ ବାସୁଦେବଃ,
ଶିଶିରେ ନାଶଂ ଯଦି କର୍ମଦୋଷେ
କିଂ ବିଧି ଲକ୍ଷ୍ମୀ ପୁନଃ ବାସୁଦେବ ??''

ଏହାର ଓଡ଼ିଆ ଅନୁବାଦ -

''ସହସ୍ରାଂଶୁ ସୂର୍ଯ୍ୟ ମୋ ବଂଧୁ ପୁଣି ବିଧିର ପ୍ରିୟ,
ଲକ୍ଷ୍ମୀ ବାସୁଦେବ ମଣନ୍ତି ମୋତେ ପ୍ରାଣର ଶ୍ରେୟ ।
ତଥାପି ଶିଶିର ପାତରେ ଯେବେ ମୋର ବିନାଶ,

ଏହାକି ମୋ ପାଇଁ ନୁହଁଇ ମୋର କରମ ଦୋଷ ।
କରମ ଦୋଷରୁ ଅଧମ ଯଦି ନ ପାଏ ରକ୍ଷା
ସୂର୍ଯ୍ୟ, ବିଧି, ଲକ୍ଷ୍ମୀ, ବିଷ୍ଣୁଙ୍କଠାରେ କିବା ମୋ ଭିକ୍ଷା ।।''

ଅଭିମାନିନୀ ପ୍ରେମବିନୋଦିନୀ ପବିତ୍ରା ପଦ୍ମ ସ୍ମରଣ କରୁଛି ଯେ ସୂର୍ଯ୍ୟଙ୍କ ସହିତ ମୋର ପ୍ରେମବନ୍ଧନ ନିଗୂଢ଼ । ସୂର୍ଯ୍ୟୋଦୟରେ ପଦ୍ମ ବିକଶିତ ହୁଏ, ନିମିଳିତ ହୁଏ ସୂର୍ଯ୍ୟାସ୍ତରେ । କବିଙ୍କ ଭାଷାରେ -

''ରାତ୍ରି ର୍ଗମିଷ୍ୟତି ଭବିଷ୍ୟତି ସୁପ୍ରଭାତଂ
ଭାସ୍ୱନୁଦେହିଷ୍ୟତି ହସିଷ୍ୟତି ପଦ୍ମଜାଳଂ
ଇତ୍ଥମ୍ ବିଚିନ୍ତୟତି କ୍ୱ ଗତେ ଦ୍ୱିରେଫେ
ହା ହନ୍ତହନ୍ତ ନଳିନୀ ଗଜଉଜ୍ଜହାର ।।''

ତଥାପି, ପ୍ରକୃତିର ବିଡ଼ମ୍ବନା ବିଚିତ୍ର । ପ୍ରଚଣ୍ଡ ମାର୍ତ୍ତଣ୍ଡର ଅଗ୍ନିବର୍ଷୀ କିରଣଜାଳରୁ ଯେଉଁ ପଦ୍ମ ସଦାନନ୍ଦ ଜ୍ୟୋତିଃ ଧାରା ପାନ କରି ବିମୁଗ୍ଧା, ସାମାନ୍ୟ ଶିଶିର ବିନ୍ଦୁପାତରେ ସେହି ପଦ୍ମର ପୁଣି ବିନାଶ ହୋଇଥାଏ । ତେଣୁ ପଦ୍ମ ପ୍ରେମାଭିମାନରେ ଫାଟି ପଡ଼ି ସ୍ୱାଗତୋକ୍ତି କରୁଛି । ସୂର୍ଯ୍ୟ, ବିଧି, ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ସହିତ ଏପରି ଘନିଷ୍ଠ ସଂପର୍କ ଥାଇ ମଧ ଯଦି ଶିଶିରପାତରେ ମୋର ବିନାଶ ହୁଏ, ବିନାଶ ହୁଏ କର୍ମଦୋଷରୁ ଏବଂ ସୂର୍ଯ୍ୟ, ବିଧି, ଲକ୍ଷ୍ମୀ ଓ ବିଷ୍ଣୁଙ୍କ ଭଳି ବଂଧୁ ଥାଇ ମଧ ମୋତେ ମୋ କର୍ମଦୋଷରୁ ରକ୍ଷା କରି ନ ପାରନ୍ତି; ତେବେ ଏପରି ବଂଧୁଙ୍କ ସହିତ ଘନିଷ୍ଠତାର ବା ଅର୍ଥ କ'ଣ ? କ'ଣ ଅଛି ଏପରି ବଂଧୁତାର ମୂଲ୍ୟ ?? ଏ ବିଶ୍ୱରେ କ'ଣ ସବୁକିଛି ସ୍ୱାର୍ଥର ନିକିତିରେ ତଉଲା ଯାଏ ? ତଉଲା ଯାଉଛି ?? ସ୍ୱାର୍ଥର ଆବେଶରେ କ'ଣ ସମସ୍ତେ ଆବିଷ୍ଟ ? ଏପରିକି ସୂର୍ଯ୍ୟ, ବ୍ରହ୍ମା, ଲକ୍ଷ୍ମୀ ଏବଂ ବିଷ୍ଣୁ ମଧ ସ୍ୱାର୍ଥ ପାଶରେ ଆବଦ୍ଧ ??? ପଦ୍ମର କୋମଳହୃଦୟରେ ସନ୍ଦେହର ଘନକୁହେଳିକା । ତେବେ ସତ୍ୟ କ'ଣ ? କ'ଣ ପ୍ରକୃତ ସତ୍ୟ ??

ପଦ୍ମର ଅଭିମାନ ଭଂଜନ ନିମନ୍ତେ ସୂର୍ଯ୍ୟ ସମାଗତ । ପଦ୍ମ ପ୍ରସ୍ଫୁଟିତ । ଭ୍ରମରଟିଏ ଉଡ଼ିଉଡ଼ି ଆସିଛି ପଦ୍ମ କୋଳରେ ବସି ପଦ୍ମମକରନ୍ଦ ପାନ କରିବା ଆଶାରେ । ପ୍ରଭାତର ଧିର ପବନରେ ହଲିହଲି ପଦ୍ମ ଉତ୍ତର ଦେଉଛି -

''କୁମୁଦିନୀ ରେଣୁ ଧୂସର ଅଙ୍ଗ ଦେଖି ଭ୍ରମରେ,
ପ୍ରଭାତ ସମୀରେ କମ୍ପିଣ କମଳିନୀ କୋପରେ ।
କହୁଅଛି କିବା ମୋ ଅଙ୍ଗସ୍ପର୍ଶ ନକର ଅଳି,
ଯା' ପାଶେ ଯାପିଲ ରଜନୀ ଯାଅ ତା' ପାଶେ ଚଳି ।।'' (କୁଳମଣି ଦାଶ କାବ୍ୟତୀର୍ଥ)

ଅଭିମାନିନୀ ପଦ୍ମର ଅଭିମାନ ମୋଚନ ପାଇଁ ସୂର୍ଯ୍ୟ, ବ୍ରହ୍ମା, ଲକ୍ଷ୍ମୀ ସମର୍ଥ ହୋଇ ପାରିନାହାଁନ୍ତି । ଶେଷରେ ଆସିଛନ୍ତି ସ୍ୱୟଂ ନାରାୟଣ । ପଦ୍ମକୁ କୋମଳ କଣ୍ଠରେ ସମ୍ବୋଧନ କରି କହିଛନ୍ତି -

''ପଦ୍ମ ! ତୁ ମୋର ପ୍ରାଣାଧିକ ପ୍ରିୟ । ତୋତେ ଛାଡ଼ି ମୁଁ ଦଣ୍ଡେ ନିମିଷେ ରହିପାରେନା । ଯେତେବେଳେ ଦୀର୍ଘ ଗୋଟିଏ ଦିନ ତୁ ମୋତେ ଛାଡ଼ି ଗଭୀର ପଙ୍କିଳ ପୋଖରୀରେ ରହିଯାଉ, ତୋ ବିରହରେ ମୁଁ ବ୍ୟାକୁଳ ହୋଇଉଠେ । ତୁ ମଧ ସେହି ପଙ୍କିଳପୋଖରୀର ମୋହ ତ୍ୟାଗ କରି ମୋ ପାଖକୁ ଫେରି ଆସିବାକୁ ଶତଚେଷ୍ଟା କରି ମଧ ବିଫଳ ହେଉ । ସେତେବେଳେ ଅନ୍ୟ ଉପାୟ ନ ଦେଖି ସ୍ୱୟଂ ମୁଁ ଶିଶିର ବିନ୍ଦୁରୂପରେ ତୋହରି ହୃଦୟରେ ଅବତୀର୍ଣ୍ଣ ହୋଇ ନିଜେ ତୋର ବାହ୍ୟରୂପକୁ ନଷ୍ଟକରି ତୋ ସୂକ୍ଷ୍ମ ଶରୀରକୁ ମୋ ମଧକୁ ଟାଣି ଆଣେ । ତେଣୁ, ପଦ୍ମମୋର ! ଅଯଥା ଅଭିମାନ ମନରୁ ଦୂରେଇ ଦେଇ ମୋ ମନକଥା ବୁଝିବାକୁ ଚେଷ୍ଟାକର । ବୁଝିପାରିଲେ ପରମ ସନ୍ତୋଷ ଲାଭ କରିବୁ ।''

ଆଧାତ୍ମିକ ଜୀବନରେ ପରମାର୍ଥ ପଥରେ ସାମ୍ପ୍ରତିକ ପରିସ୍ଥିତିରେ ବିଚାରକରି ଦେଖିଲେ, ତମେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ପଦ୍ମ । ମୋହମାୟା ଘେରା ସଂସାର ରୂପକ ପଙ୍କିଳ ପୋଖରୀରେ ଫୁଟି ସେଇଠି ହିଁ ମଉଳି ଯାଉଛ ।

''ଧର୍ମଧାରା-କର୍ମଯୋଗ'' ରୂପକ ଶିଶିର ମାଧ୍ୟମରେ ତମମାନଙ୍କର ବାହ୍ୟରୂପ ଅର୍ଥାତ୍ ଆସକ୍ତି, ମୋହ, ମାୟା ଆଦି ରିପୁଗଣର ବିନାଶ ଘଟିଲେ ହିଁ ତମେମାନେ ତମମାନଙ୍କର ଘନିଷ୍ଠ ଆତ୍ମୀୟ ବନ୍ଧୁଙ୍କ ସହିତ ନିବିଡ଼ ଯୋଗାଯୋଗ ରକ୍ଷାକରି ଏକାକାର ହୋଇପାରିବ । ଏହି ଏକାତ୍ମତା ନିମନ୍ତେ ସନ୍ଦେଶପଥ ହିଁ ଏକମାତ୍ର ପଥ, ସନ୍ଦେଶପତ୍ର ହିଁ ଏକମାତ୍ର ପରିଚୟପତ୍ର, କର୍ମଧାରା ହିଁ ଏକମାତ୍ର ଧର୍ମଧାରା, ଅଭ୍ୟାସଯୋଗ ହିଁ ଏକମାତ୍ର କର୍ମଯୋଗ, କୃତାଞ୍ଜଳି ଅର୍ଘ୍ୟ ହିଁ ଏକମାତ୍ର ନୈବେଦ୍ୟ ।

ବିଚିତ୍ର ଏ ବିଶ୍ୱ । ତହୁଁ ବିଚିତ୍ରମୟ ସେହି ବିଶ୍ୱସ୍ରଷ୍ଟା, ବିଶାଳ ବିଶ୍ୱର ନିଦାନବୀଜ, ବରବରେଣ୍ୟ ବିଧି, ବିଷ୍ଣୁ ଇତ୍ୟାଦି । ସେହିଁ କୃପାଳୁ, କୃପାସିନ୍ଧୁ, କରୁଣାସାଗର । ସତରେ କି ଅହେତୁକୀ କରୁଣା ତାଙ୍କର ! ଥରେ ମାତ୍ର ତାହା ହୃଦୟଙ୍ଗମ କରି ଉପଲବ୍ଧ କରିପାରିଲେ, ବିଚିତ୍ର ବିସ୍ମୟରେ ବିସ୍ମିତ ହେବାକୁ ହିଁ ହୁଏ । ମୂଢ଼, ଜଡ଼, ପାମର, ଚାଣ୍ଡାଳ ସମସ୍ତଙ୍କ ପାଇଁ ଭାବଗ୍ରାହୀ ଅନ୍ତର୍ଯ୍ୟାମୀ କରୁଣାସାଗରଙ୍କର କରୁଣାର ଧାରା ସମଭାବରେ ଝରିପଡ଼ୁଛି ଅବିରତ । ସ୍ୱସନ୍ତାନମାନଙ୍କର ଆର୍ତ୍ତିରେ ଆର୍ତ୍ତତ୍ରାଣ ସ୍ୱୟଂ ବୈକୁଣ୍ଠପୁର ଛାଡ଼ି ଓହ୍ଲାଇ ଆସୁଛନ୍ତି ସେମାନଙ୍କର ହୃଦୟଦେଶକୁ । ହୃଦୟ ଦେଶର ଅନ୍ତରତମ ପ୍ରଦେଶରେ ସୂକ୍ଷ୍ମସ୍ୱରୂପରେ ଅବତୀର୍ଣ୍ଣ ହୋଇ ସନ୍ତାନଗଣଙ୍କର ଶାନ୍ତି ସନ୍ତୋଷ ଓ ଆନନ୍ଦ ନିମନ୍ତେ ସେମାନଙ୍କର କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦି ଷଡ଼ରିପୁର ବିନାଶ କରି ପୀୟୁଷପଥରେ ହାତଧରି ଚଳାଇ ନେଉଛନ୍ତି ।

''ବକ୍ତୁଂ ସମର୍ଥୋଽପି ନାବକ୍ତି କଶ୍ଚିତ୍ ।

ଗ୍ରାହ ଜନାନାଂ ବ୍ୟସନ୍ୟାଦି ମୁଖ୍ୟମ୍ ।।''

ସେହି ଆନନ୍ଦଘନ ମୂର୍ତ୍ତି ସଚ୍ଚିଦାନନ୍ଦ ପରମପୁରୁଷଙ୍କର ସୁନ୍ଦର ମଧୁର ମନୋହର ପୁଣ୍ୟ ନାମସମୂହ ଜପିବା ନିମନ୍ତେ ସଂପୂର୍ଣ୍ଣ ସମର୍ଥ ହୋଇ ମଧ୍ୟ ଆଜି ଲୋକେ ତାହା କରୁନାହାନ୍ତି; କରିପାରୁନାହାନ୍ତି କାରଣ, ସେମାନେ ଆଜିର ବିଳାସବ୍ୟସନରେ ବିମୁଗ୍ଧ ହୋଇ ସହଜ ବିଳାସପୂର୍ଣ୍ଣ ଜୀବନଯାପନକୁ ମୁଖ୍ୟ ବୋଲି ବିଚାରୁଛନ୍ତି । ଆଧ୍ୟାତ୍ମିକତାର ଦୁହାଇ ଦେଇ ଆପଣାର ସ୍ୱାର୍ଥବୁଦ୍ଧିରେ ଜାଗତିକ ଉନ୍ନତିର ସମସ୍ତ ପଥକୁ ମୁକୁଳା ରଖିଛନ୍ତି । ମୁହଁରେ ମୁହଁରେ ପରମାର୍ଥ ପଥରେ ଗୂଢ଼ତତ୍ତ୍ୱ ବଖାଣୁଛନ୍ତି ସତ, କିନ୍ତୁ ଅନ୍ତଃକରଣରେ ଅର୍ଥ ଉପାର୍ଜନର କୁଟିଳ ପଥର ପଥିକ ସାଜିଛନ୍ତି । ଭୂମାର ଦର୍ଶନତତ୍ତ୍ୱରେ ଶତମୁଖ ହୋଇଛନ୍ତି ସିନା, ମାତ୍ର ଭୂମିର ସନ୍ଧାନରେ ତାଙ୍କର ଶ୍ୱେନ ଦୃଷ୍ଟି ନିବଦ୍ଧ ।

ହେ ଅପ୍ରମେୟ ଶକ୍ତିଧର ଯୁବସମାଜ ! ତମେମାନେ ଏତାଦୃଶ ଆଧ୍ୟାତ୍ମିକ ଜୀବନର ଛଳନାରେ ଛଳିତ ନ ହୋଇ ସତ୍ୟ, ଶିବ, ସୁନ୍ଦରର ପୂଜାକର । ପରମପ୍ରେମମୟ ପରମଦରଦୀ ଠାକୁରଙ୍କର ଶରଣାପନ୍ନ ହୁଅ । ନିଜସ୍ୱ ଶକ୍ତିରେ ଶକ୍ତିମାନ ହୁଅ । ଆଳସ୍ୟ ତ୍ୟାଗ କର । ବିଳାସବ୍ୟସନ ତ୍ୟାଗ କର । କଠୋର ପରିଶ୍ରମ କର । ତମକୁ ଆଜି ଆମର ଏହାହିଁ ଆଶୀର୍ବାଦ । ଏ ଆଶିଷ ନତଶିରରେ ଗ୍ରହଣ କର ।।

ଆପଣା ସୁଖକୁ ଦେ'ରେ ରଖି ।
ଗୁରୁସେବା ପ୍ରତି ଠାରୁଛୁ ଆଖି ।।
ଧରମକୁ ଆଖିଠାର ମାରୁଛୁ ।।
ନିଜ ଉନ୍ନୟନ ନିଜେ ସାରୁଛୁ ।।

ନିଜ ସଂସାରକୁ ରଖି ସଜାଇ ।
ବିଷୟା ବିଷରେ ମନ ମଜାଇ ।।
ଗୁରୁ ଦିଆଧନ ଦିଅ ହଜେଇ
ଅହଂକାର ତହୁଁ ଉଠେ ଗଜେଇ ।।

# ଜିଜ୍ଞାସା : ଜିଜ୍ଞାସୁ

ପରମ ଶ୍ରଦ୍ଧେୟ ଦିବଂଗତ ଯତୀଶ୍ୱଦା' ଆଶ୍ରମ - ଜୀବନଯାପନର ଅବସର ସମୟରେ ପ୍ରଭୁପାଦ ଚରମପୁରୁଷ ଠାକୁରଙ୍କ ସହିତ ଆଳାପ ଆଲୋଚନା କାଳରେ ନାନାଦି ଆଧ୍ୟାତ୍ମିକ ପ୍ରସଙ୍ଗରେ ଆଲୋଚନା କରି ନିଜର ଦୈନିକ ଦିନଲିପିରେ ଲିପିବଦ୍ଧ କରିଯାଇଛନ୍ତି ।

ସେ ସମସ୍ତ ଆଧ୍ୟାତ୍ମିକ ଆଲୋଚନାର ଧାରାବିବରଣୀ : ''ଜିଜ୍ଞାସା:ଜିଜ୍ଞାସୁ:'' ସ୍ତମ୍ଭରେ 'ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ' ଶୀର୍ଷକରେ ''ଚରମ''ର ପ୍ରତ୍ୟେକ ସଂଖ୍ୟାରେ ନିୟମିତ ପତ୍ରସ୍ଥ ହୋଇ ଆସୁଛି ।

ଆଧ୍ୟାତ୍ମିକ ଜ୍ଞାନପିପାସୁମାନଙ୍କର ପରମାର୍ଥିକ ଜୀବନର ନାନା ସନ୍ଦେହ ମୋଚନ ନିମନ୍ତେ ଏହାର ଅବଦାନ ଅବଶ୍ୟ ଅନସ୍ୱୀକାର୍ଯ୍ୟ, ଏଥିରେ ଲବମାତ୍ର ସନ୍ଦେଶ ନାହିଁ ।।

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ :

### ଦିନ ନମାପିବା

'ଚରମ' : ଚତୁର୍ଥପୁଷ୍ପ : ତୃତୀୟ ପାଖୁଡ଼ା : ଷୋଡ଼ଶ ସଂଖ୍ୟାର ''ଜିଜ୍ଞାସା:ଜିଜ୍ଞାସୁ:'' ସ୍ତମ୍ଭର ଶେଷାଂଶରେ 'ଶିକ୍ଷାଗତ ଯୋଗ୍ୟତା ନ ମାପିବା' ସଂପର୍କରେ ଆଲୋଚନାନ୍ତେ ଦଶମୋଦକର ତୃତୀୟ ମୋଦକ : 'ଦିନ ନ ମାପିବା' ସମ୍ବନ୍ଧରେ ସମ୍ୟକ୍ ଆଲୋଚନାର ପ୍ରଶ୍ନୋତ୍ତର ପତ୍ରସ୍ଥ ହୋଇଛି (ପୃ୨୪ଷ୍ଠା ଦ୍ରଷ୍ଟବ୍ୟ)' । ସେହି ଅନୁଶ୍ରୁତି ଓ ଅନୁକ୍ରମ ରକ୍ଷା କରାଯାଇ ସମ୍ପ୍ରତି ଏ ସଂଖ୍ୟାରେ ତାହାର ପରବର୍ତ୍ତୀ ଅଂଶ ପତ୍ରସ୍ଥ ହେଉଛି ।।

- ସଂପାଦକ, ''ଚରମ''

ପ୍ରଶ୍ନ :- (ପ୍ରଣାମାନ୍ତେ ହସି ହସି) ପ୍ରଭୋ ! ମୋ ପୂର୍ବ ପ୍ରଶ୍ନର ଉତ୍ତର ତ ଦେଇ ନାହାଁନ୍ତି । ପ୍ରଶ୍ନ ମନେ ଥିବ ନିଶ୍ଚୟ । ଏବେ କହିବେ ?

ଠାକୁରେ :- (ହସି) ମନେ ଅଛି । କହୁଛି ଶୁଣ ।

''ଦେହ ଦେହୀ ଏକ ତହୁଁ ଜୀବନ ।
ଜୀବନେ ମମତା ଘୋଟଇ ଘନ ।।
ତହୁଁ ତରତର ଭୋଗର ଆଶା ।
ଆଳସ୍ୟ ପ୍ରମାଦ ଭୟେ ନିରାଶା ।।''

ଏଥର ବୁଝିଲତ ? ତୁମ ପ୍ରଶ୍ନର ଏହାହିଁ ଉତ୍ତର । କ'ଣ ଧରିପାରିଲ ନାହିଁକି ?

ପ୍ରଶ୍ନ :- (ହସି) ଟିକିଏ ଦୟାକରି ଗୁମର ଫିଟାଇ କୁହନ୍ତୁ ।

ଠାକୁରେ:- ଦେହ ଓ ଦେହୀ ଯେବେ ଦୈବାତ୍ ସୂତ୍ରରେ ସଂଯୁକ୍ତ ହୁଅନ୍ତି, ସେହି ଦୈବାତ୍ ସଂଯୋଗରୁ ଜୀବନର ସୃଷ୍ଟି ହୁଏ । ଜୀବନରୁ ମମତା, ମମତାରୁ ମୋହ, ମୋହରୁ ପ୍ରାପ୍ତି ଆଶା, ଆଶାରୁ ସଂକଳ୍ପ, ସଂକଳ୍ପରୁ କାମନା ଜାତ ହୋଇ ଜୀବକୁ ମୋହାଚ୍ଛନ୍ନ କରି ଆଳସ୍ୟ, ନିଦ୍ରା, ଭୟ, ପ୍ରମାଦାଦିର ବଶବର୍ତ୍ତୀ କରାଇଥାଏ । ଜୀବନ ପ୍ରତି ମମତା ଓ ମମତାରୁ ଜାତ ସକଳ ବିଷୟବାସନା ବନ୍ଧନର କାରଣ ହୋଇଥାଏ । ଜୀବ ଧରାପୃଷ୍ଠରେ ଏହି ବନ୍ଧନରେ ଆବଦ୍ଧ ହେବା ହେତୁ ବିନା କର୍ମଯୋଗରେ ଫଳପ୍ରାପ୍ତିର ଆକାଂକ୍ଷା ଜୀବ ମଧ୍ୟରେ ସୃଷ୍ଟି ହୁଏ ।

ପ୍ରଶ୍ନ :- ପ୍ରଭୋ ! ଆପଣ ଆଲୋଚନା ପ୍ରସଙ୍ଗରେ ବେଳେବେଳେ ନାନାପ୍ରକାର ମୋହ କଥା କହନ୍ତି । ଏହା କ'ଣ ସେହି ମୋହର କ୍ରିୟାକଳାପ କି ?

ଠାକୁରେ :- (ସନ୍ତୋଷରେ ସ୍ମିତ ହସି) ଠିକ୍ ଧରିଛ । ଏହା ଗୁର୍ବାଗଂଜନ ମୋହର ସପ୍ତମ ପ୍ରକରଣ । ଏହାକୁ ଆକାଂକ୍ଷିକ ମୋହ କୁହାଯାଏ । (ସୁଧୀ ପାଠକମାନଙ୍କର ସହଜସୁବୋଧ ନିମନ୍ତେ 'ଚରମ' : ୪ର୍ଥ ପୁଷ୍ପ : ତୃତୀୟ ପାଖୁଡ଼ା : ଷୋଡ଼ଶ ସଂଖ୍ୟାର ପୃ ୧୩ଷ୍ଠାରେ ପତ୍ରସ୍ଥ 'ଆକାଂକ୍ଷିକ ମୋହ' ପାଠକରିବା ନିମନ୍ତେ ସବିନୟ ଅନୁରୋଧ :- ସଂପାଦକ) । ଶ୍ରୀଗୁରୁ ବରଣ କରି, ଧର୍ମଧାରା ଗ୍ରହଣ କରି, କର୍ମଯୋଗ, ଧର୍ମଧାରା ଓ ଅଭ୍ୟାସ କର୍ମଯୋଗରେ ଧର୍ମଧାରାକୁ ଟାଣ ନ କରି ଅଧିକ ଫଳ ପାଇବା ଆଶା ପୋଷଣ କରିବା ହେତୁ ଏପରି ହୋଇଥାଏ । ଏହା ହେବା ମଧ୍ୟ ସ୍ୱାଭାବିକ ।

ପ୍ରଶ୍ନ :- ଠାକୁରେ; ଆପଣଙ୍କର ଏହି ଆଲୋଚନାରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ଜୀବ ତା'ର ଜୀବଦଶାରେ ଏପରି ଫଳ ଚାହିଁବା ସ୍ୱାଭାବିକ ତତ୍ତ୍ୱ । ତେବେ ଏଥିରେ ଆମପରି ଜୀବମାନଙ୍କର ଦୋଷ ବା ରହିଲା କେଉଁଠି ?

ଠାକୁରେ :- (ହସି) ଆମେ ତ ଜୀବକୁ ଦୋଷ ଦେଉନାହୁଁ । ଆମେ କେବଳ ଦିନ ନ ମାପିବାକୁ କହୁଛୁ । ହେଲେ ଆମ କଥା ଶୁଣୁଛି କିଏ ? ବୁଝୁଛି କିଏ ?? କାମରେ ପରିଣତ ବା କରୁଛି କିଏ ???

ପ୍ରଶ୍ନ :- ମମତାରୁ ମୋହ, ଆଳସ୍ୟ, ନିଦ୍ରା, ଭୟ ଓ ପ୍ରମାଦାଦି ଜାତ ହେତୁ ମଣିଷ ଅଭ୍ୟାସ୍ କର୍ମଯୋଗ ବିନା ଆପଣଙ୍କର ଆଶୀର୍ବାଦ, କରୁଣା, କଲ୍ୟାଣରୁ ଫଳପ୍ରାପ୍ତି ଆଶାକରିବା କ'ଣ ସ୍ୱାଭାବିକ ତତ୍ତ୍ୱ ନୁହେଁ କି?

ଠାକୁରେ :- ଆମେ କ'ଣ ତାହା ନାହିଁ କରୁଛୁ ? କିନ୍ତୁ, ଆମର କହିବାର କଥା ହେଉଛି ତୁମ୍ଭେମାନେ ଏହି ସ୍ୱାଭାବିକ ଜୀବଧର୍ମକୁ ନିୟନ୍ତ୍ରଣ ଓ ପରିଶେଷରେ ପରିତ୍ୟାଗ କରି ପରାଧର୍ମକୁ ପ୍ରାପ୍ତ ହୁଅ । ତା' ନହେଲେ ତୁମେମାନେ ନିମ୍ନମୁଖୀ ହୋଇ ବିପର୍ଯ୍ୟସ୍ତ ହୋଇଯିବ ଯେ !

ପ୍ରଶ୍ନ :- ଆଶୀର୍ବାଦ, କଲ୍ୟାଣ, କରୁଣା ବା କୃପାରୁ ଫଳପ୍ରାପ୍ତି ଆଶା ପୋଷଣ କଲେ ବିପଦର କାରଣ କ'ଣ ?

ଠାକୁରେ :- ପୁରାଣ ସବୁ ପଢୁଛ ପରା ! ପୁରାଣ କାହାଣୀରୁ କ'ଣ ଜାଣିନାହଁ, କିପରି ସୂର୍ଯ୍ୟବଂଶୀ ରାଜା ସତ୍ୟବ୍ରତ ଆଶୀର୍ବାଦ ବା କୃପାବଳରେ ସ୍ୱର୍ଗପ୍ରାପ୍ତିର ଆଶାରଖି ଅଭିଶପ୍ତ ହୋଇ ଶେଷରେ ତ୍ରିଶଙ୍କୁ ପାଲଟି ଯାଇଥିଲେ ? ମନେ ପଡୁଛିଟି ?

ପ୍ରଶ୍ନ :- ସେହି ପୌରାଣିକ କାହାଣୀଟି କୁହନ୍ତୁ, ସମସ୍ତେ ଶୁଣିବେ ।

ଠାକୁରେ :- ସମସ୍ତଙ୍କୁ ତମେ ଶୁଣାଇଦେବ । ତମ ଟିପାଖାତାରେ ଟିପି ନେବା ଭଳି ପ୍ରଶ୍ନୋତ୍ତର ଏଠାରେ ଆଲୋଚନାର ମୁଖ୍ୟ ଅଂଶ । ତମେ ତ ସେ କାହାଣୀ ଜାଣିଛ, ତମେ କହିଦେଲେ ସେମାନେ ଜାଣିବେ । ଆମେ କାହିଁକି ସେ କାହାଣୀ ଗପି ଅଯଥାରେ ଗୁଡ଼ାଏ ସମୟ ନଷ୍ଟ କରିବୁ ?

ପ୍ରଶ୍ନ :- ପ୍ରଭୋ, ତେବେ ସମସ୍ତଙ୍କର ଚୈତନ୍ୟ ଉଦୟ ହେବ କିପରି ?

ଠାକୁରେ :- (ସ୍ୱାଭାବିକ ମଧୁର କୋମଳ କଣ୍ଠରେ) କର୍ମଯୋଗ ବିନା ଚୈତନ୍ୟ ଉଦୟ ହୁଏ ନାହିଁ । ଆମର ଥରୁଟିଏ ସ୍ପର୍ଶରେ କ'ଣ ତମର ଚୈତନ୍ୟ ଉଦୟ ହେବ ନାହିଁ ? ହେବ ପରା ! ହେଲେ ତାହା ଅନ୍ଧକୁ ଦର୍ପଣ ଦେବା ଭଳି ଘଟଣା ହେବ । ମନେରଖ, ନିଜେ ତପଶ୍ଚରଣ ନ କରି, ଅନ୍ୟର ତପ ବଳରେ ବା କୃପାବଳରେ ଅପ୍ରାପ୍ତ ବସ୍ତୁକୁ ପ୍ରାପ୍ତ କଲେ ମଧ ତାହା ତମର ନିଜସ୍ୱ ନ ହୋଇ ବିପଦର କାରଣ ହୋଇଥାଏ ।

'ଚୈତନ୍ୟ ନଥାଇ ବିଷୟ ଧରେ ।
ବ୍ରହ୍ମବାଣ ହାଣି ଠେକୁଆ ମାରେ' ।।

ପ୍ରଶ୍ନ :- ତା'ହେଲେ ଧର୍ମଧାରାରେ କର୍ମଯୋଗ ଅଭ୍ୟାସ ବିନା କ'ଣ ଚୈତନ୍ୟ ଉଦୟ ହୋଇପାରିବ ନାହିଁ ?

ଠାକୁରେ :- ଶୁଣ, ଦହି ମାତ୍ରେ ହିଁ ଲହୁଣୀ ଧାରଣ କରିଥାଏ । ମାତ୍ର ତାହା ନିମନ୍ଥିତ ନହେଲେ ସହଜରେ ଲହୁଣୀ ପିଣ୍ଡ ବାହାରେ କି ? ଦହିର ସର୍ବତ୍ର ଲହୁଣୀ କଣା ଖେଳେଇ ହୋଇ ରହିଥାଏ, ମନ୍ଥିତ ହେଲେ ସେ ସବୁ ମନ୍ଥନ ପ୍ରକ୍ରିୟାରୁ ଏକତ୍ର ହୋଇ ଲହୁଣୀ ପିଣ୍ଡରେ ପରିଣତ ହୋଇ ଉପରକୁ ଭାସି ଉଠେ । ଲହୁଣୀ ସଂଗ୍ରହ ସହଜ ଓ ସମ୍ଭବ ହୁଏ । ମନ୍ଥିବାକୁ ସମୟ ଲାଗେ ନା ନାହିଁ ? (କିଛି ସମୟ ନୀରବ ରହି) ଠିକ୍ ସେହିପରି ବାଲ୍ଟିରେ ପାଣିରଖି ସର୍ଫ ପାଉଡ଼ର ମୋଠାଏ ପକାଅ । ଯେତେ ଦୀର୍ଘସମୟ ଅପେକ୍ଷା କଲେ ମଧ ସେଥିରୁ ଆପଣାଛାଏଁ ଫେଣ ଉଠିବ କି ? ପରୀକ୍ଷା କରି ଦେଖିବ ତ ! ସେହିପରି ଗୋଟିଏ ଧାନ ମଞ୍ଜିରୁ ଶହଶହ ଧାନ ସୃଷ୍ଟି ହେବାର ସମ୍ଭାବନା ପ୍ରକୃତି ସଞ୍ଚୟକରି ରଖିଛି ସତ; ମାତ୍ର ଧାନ ମଞ୍ଜିଟିକୁ ଉପଯୁକ୍ତ ପୋଷଣ ଦେଇ ମାଟିରେ ପୋତି ପର୍ଯ୍ୟାୟ କ୍ରମେ ଉପଯୁକ୍ତ ସମୟ ପର୍ଯ୍ୟନ୍ତ ଅପେକ୍ଷା ନ କରି ସହସା ଫଳ ବାଞ୍ଛାକଲେ, ନିରାଶ ହେବ ନାହିଁକି ? ଫଳ ଫଳି ପାଚିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୁଏ ।

ପ୍ରଶ୍ନ :- ଏହା ତ ଆମକୁ ଗୀତାଜ୍ଞାନ ପରି ବୋଧ ହେଉଛି ।


ଠାକୁରେ :- (ପ୍ରସନ୍ନ ମୁଖରେ ସ୍ମିତ ହସି) ଠିକ୍ କଥା । କର୍ମ ଉପରେ ତମର ଅଧିକାର ଅଛି । ତମେ କର୍ମଯୋଗ ଅଭ୍ୟାସ କରିଚାଲ, ଦିନ ମାପି ବସନାହିଁ । ଏହାହିଁ ଅସଲ ପୁରୁଷାର୍ଥ । ଫଳ ଦେବା ଆମର କାମ, ଆମର କର୍ତ୍ତବ୍ୟ । ଏହାକୁ ଦୈବୀକୃପା କୁହାଯାଏ । ଫଳପ୍ରାପ୍ତି ପାଇଁ ଅଡ଼ିବସ ନାହିଁ । ଯଥା ମୁହୂର୍ତ୍ତରେ ତାହା ତୁମକୁ ପ୍ରାପ୍ତ ହେବ ହିଁ ହେବ ।

ପ୍ରଶ୍ନ :- ଠାକୁରେ; କିନ୍ତୁ ଗୀତାରେ ଅର୍ଜ୍ଜୁନଙ୍କୁ କିପରି ଦିବ୍ୟଚକ୍ଷୁଦେଇ ଦିବ୍ୟରୂପ ଦର୍ଶନ କରାଇଥିଲେ ?

ଠାକୁରେ :- ଏହା ମହାଭାରତ ଯୁଦ୍ଧ ପ୍ରାଙ୍ଗଣରେ ଅବଶ୍ୟ ଘଟିଥିଲା । କିନ୍ତୁ ଫଳ ହୋଇଥିଲା କ'ଣ ଜାଣିନାହିଁକି ? ଅର୍ଜ୍ଜୁନ ଦିବ୍ୟଦୃଷ୍ଟି ବଳରେ ବିଶ୍ୱରୂପ ଦର୍ଶନ କଲେ ସତ୍ୟ, ମାତ୍ର ଭୟବିହ୍ୱଳିତ ହୋଇଯାଇ ନଥିଲେ କି ? ବିଶ୍ୱରୂପର ତେଜ ସହ୍ୟ କରିବାକୁ ସଂପୂର୍ଣ୍ଣ ଅସମର୍ଥ ହୋଇ ପୁଣି ପୂର୍ବସ୍ଥିତିକୁ ଫେରିଯିବା ପାଇଁ ଆକୁଳ ପ୍ରାର୍ଥନା କରିଥିଲେ କାହିଁକି ? ଏହାର କାରଣ କ'ଣ କହିପାରିବ ?

- କ୍ରମଶଃ -

# ସମ୍ଭବାମି ଯୁଗେ ଯୁଗେ ଚରମବେଦୀ



## ଜନନୀ, ଜଠର, ଜରାୟୁ

*ମାତୃତ୍ୱର ମହାନତାରେ ନିଜେ ଜନନୀ ସାଜି ହିରଣ୍ୟଗର୍ଭରୁ ସୃଷ୍ଟି କରନ୍ତି ବିଶାଳ ବ୍ରହ୍ମାଣ୍ଡ । ମାତ୍ର ମହାମାୟାଙ୍କ ମାୟାବନ୍ଧନରେ ତାଙ୍କ ପ୍ରିୟ ସନ୍ତାନ, ସନ୍ତତି ଯେତେବେଳେ ମୂଳପିଣ୍ଡକୁ ପାଶୋରି ଦେଇ ଜାତି, ଧର୍ମ ଓ ସଂପ୍ରଦାୟର ବିଭିନ୍ନତାରେ ଅମୃତର ସୃଷ୍ଟିକୁ ବିଷମୟ କରି ଦିଅନ୍ତି, ମାତୃତ୍ୱ ତାଙ୍କର ବିଳପି ଉଠେ । ଓହ୍ଲାଇ ଆସନ୍ତି ଧରାପୃଷ୍ଠକୁ ସାକାରହୋଇ, ପଥହରା, ପାଗଳ ସନ୍ତାନମାନଙ୍କର ଦ୍ୱନ୍ଦ୍ୱ, କଳହର ଅବସାନ ଘଟାଇ ପୁଣିଥରେ ସମସ୍ତଙ୍କୁ ସ୍ନେହ ବନ୍ଧନରେ ଆବଦ୍ଧ କରିଦେବାକୁ ।*

*ଆଜି ସେହି ସତ୍ୟ ପୁନଃ ପ୍ରତିଷ୍ଠିତ ହୋଇଛି । ଅବତରି ଆସିଛନ୍ତି ପ୍ରେମମୟ ସନ୍ତାନ-ବତ୍ସଳ ପ୍ରଭୁ ଜଗଦୀଶ୍ୱର । ନିଜର ମାତୃଗର୍ଭ ଅବସ୍ଥିତି କାଳର ଅନୁଭୂତି ଛଳରେ ସମାଜର ପ୍ରଚଳିତ ଅନ୍ଧବିଶ୍ୱାସକୁ ଦୂରୀଭୂତ କରାଇ ଚେତନାର ପ୍ରଦୀପ ଜଳାଇବାକୁ ବ୍ୟାକୁଳ ହୋଇ ଉଠିଛନ୍ତି ଏବଂ ଅକୁଣ୍ଠିତ ଚିତ୍ତରେ ଅଜାଡ଼ି ଚାଲିଛନ୍ତି ଆଶିଷର ଫୁଲଝରା ଏହି ଗ୍ରନ୍ଥ ମାଧ୍ୟମରେ.............. .*

**ପୂର୍ବାନୁବୃତ୍ତି : "ଚରମ" ଚତୁର୍ଥ ପୃଷ୍ଠା : ତୃତୀୟ ପାଖୁଡ଼ା : ଷୋଡ଼ଶ ସଂଖ୍ୟାରୁ :**

**(୩୬) ନାଦଗର୍ଦ୍ଧଣ କୋଷ :-**

ପୂର୍ବ ଆଲୋଚିତ ଜାତି (ପୁରୁଷ ଓ ନାରୀ) କୁ କ୍ରମବିକାଶର ସୋପାନ ଅନୁଯାୟୀ ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ଏକ ବର୍ଣ୍ଣାଶ୍ରମର କଳ୍ପନା କରାଯାଇଥିଲା । ଯଥା : ଶୁଦ୍ର, ବୈଶ୍ୟ, କ୍ଷତ୍ରିୟ ଓ ବ୍ରାହ୍ମଣ । ସମୟକ୍ରମେ ଏହି ଚତୁଃଅବସ୍ଥା ଅଶୁଦ୍ଧ ଭାବରେ ଚାରିଜାତିର ଆସନ ଗ୍ରହଣ କରି ସମାଜକୁ କଳୁଷିତ କରିଦେଇଛି । ବାସ୍ତବରେ ଏହା ଜାତି ନୁହେଁ । ମନୁଷ୍ୟର ମୌଳିକ କର୍ମ ଅନୁସାରେ ବିଭିନ୍ନ ଅବସ୍ଥାର ନାମ । ସମାଜରେ ପ୍ରଚଳିତ ଏହି ଚାରି ସଂପ୍ରଦାୟ ସେମାନଙ୍କର ମୌଳିକ କର୍ମସୂତ୍ର ଅନୁସାରେ ଧିରେ ଧିରେ ଉର୍ଦ୍ଧ୍ୱମୁଖୀ ହୋଇ ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥାନ୍ତି । କେବଳ ଶୁଦ୍ର ସଂପ୍ରଦାୟରେ, ଜନ୍ମ ହୋଇଗଲେ ସେ ଅସ୍ପୃଶ୍ୟ ଆଉ ବ୍ରାହ୍ମଣ କୁଳରେ ଜନ୍ମ ହୋଇଗଲେ ସେ ବ୍ରାହ୍ମଣ ହୋଇ ପୂଜ୍ୟ ହୋଇଯିବ - ଏକଥା ଆଦୌ ସତ୍ୟ ନୁହେଁ । ଜଣେ ଶୁଦ୍ର କୁଳରେ ଜନ୍ମ ହୋଇ ଯଦି ବ୍ରହ୍ମାଭିମୁଖୀ କର୍ମରେ

ନିଜକୁ ନିଷ୍ପାପର ଭାବରେ ନିୟୋଜିତ କରି ଦେଇପାରେ, ତେବେ ସେ ମଧ ବ୍ରହ୍ମଦର୍ଶନ ଲାଭ କରି ତଥାକଥିତ ବ୍ରାହ୍ମଣ ସଂପ୍ରଦାୟର ଅନେକ ଊର୍ଦ୍ଧ୍ୱକୁ ଚାଲିଯାଇପାରେ ଏବଂ ଉଚ୍ଚବର୍ଣ୍ଣର ଅହଂକାରରେ ପାଡ଼ିତ ସଂପ୍ରଦାୟର ପ୍ରତ୍ୟେକ ବ୍ୟକ୍ତି ତାକୁ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଦେବାକୁ ବାଧ୍ୟ ହୁଅନ୍ତି । ସେହିପରି ଜଣେ ଉଚ୍ଚକୁଳ ବା ସମ୍ପ୍ରଦାୟରେ ଜନ୍ମ ନେଇ ଯଦି ତା'ର ମୌଳିକ ଧର୍ମ,କୌଳିକ କର୍ମ ନ କରି ନୀଚ ବା ନିମ୍ନସ୍ତରର କାର୍ଯ୍ୟରେ ବୃତ୍ତିରହେ, ତେବେ ତା'ର ନାଦଗର୍ଦ୍ଦଣ କୋଷ ଅନୁରୂପ ଭାବ ବହନ କରି ତାକୁ ପତନାବସ୍ଥାକୁ ନେଇଯାଏ ଓ ପରବର୍ତ୍ତୀ ଜନ୍ମରେ ପୁନରାୟ ସେହି ନିମ୍ନ ସଂପ୍ରଦାୟରେ ଜନ୍ମ ନେଇ ଦୁଃଖ, ଯନ୍ତ୍ରଣା, ଘୃଣାରେ ଜୀବନ ବିତାଇବାକୁ ବାଧ୍ୟ ହୁଏ । ବାହ୍ୟ ସଂପ୍ରଦାୟ ବ୍ୟତିରେକେ ପ୍ରତ୍ୟେକ ମନୁଷ୍ୟ (ଉଭୟ ପୁରୁଷ ଓ ନାରୀ ଜାତି) ମାତୃଗର୍ଭରୁ ଜନ୍ମ ନେବା ଠାରୁ ପୂର୍ଣ୍ଣାଙ୍ଗ ହୋଇ ଜନ୍ମ ସାଙ୍ଗ କରିବା ପର୍ଯ୍ୟନ୍ତ ଏହି ଚାରି ଅବସ୍ଥା ଦେଇ ଗତି କରିଥାଏ । ଯଥା :- ଶୈଶବ ଅବସ୍ଥା - ଶୂଦ୍ର : କୈଶୋର ଅବସ୍ଥା -ବୈଶ୍ୟ; ଯୌବନ ଅବସ୍ଥା -କ୍ଷତ୍ରିୟ ଓ ପୌଢ଼, ବୃଦ୍ଧାବସ୍ଥା-ବ୍ରାହ୍ମଣ । ଆହୁରି ସୂକ୍ଷ୍ମକୁ ନଜର ପକାଇଲେ ଅନୁଭବ କରିହେବ ଯେ, ଜଣେ ମନୁଷ୍ୟର ଭାବ ଅନୁସାରେ ପ୍ରତିଦିନ ସେ ଏହି ଚାରିଅବସ୍ଥା ତା'ର ଶରୀରରେ ଭୋଗ କରୁଛି । ତା'ର ମନରେ ଯେତେବେଳେ ସେ ଯେଉଁ ଭାବ ତୋଳୁଛି, ଆଧାତ୍ମିକ ସୂତ୍ରରେ ସେତେବେଳେ ସେ ସେଇ ସଂପ୍ରଦାୟର ବୋଲି ବିବେଚିତ ହେଉଛି । ଯଥା :- ଜୀବ ଜନ୍ମମାତ୍ରେ ଶୂଦ୍ର । ବ୍ରାହ୍ମଣ କୁଳରେ ଜନ୍ମ ହେଲେ ମଧ ସେ ଶୂଦ୍ର । ସେଥିପାଇଁ ମନ୍ତ୍ରଗର୍ଭରୁ ଜନ୍ମଦେଇ ସଂସ୍କାର କରାଯାଇ ତାକୁ ଦ୍ୱିଜ କରାଯାଉଛି । ଯାହାକୁ କି ବ୍ରାହ୍ମଣମାନଙ୍କ ଘରେ ଉପନୟନ ବା ବ୍ରତଘର କୁହାଯାଏ । ଏହି ବ୍ରତ ବେଦୀ ମାଧ୍ୟମରେ ସେ ଦ୍ୱିଜ (ଥରେ ମାତୃଗର୍ଭରୁ ଜନ୍ମ ଓ ଥରେ ମନ୍ତ୍ରଗର୍ଭରୁ ଜନ୍ମ - ମୋଟ ଦୁଇ ଜନ୍ମ) ନାମରେ ପରିଚିତ ହେଉଛି । ଏହାପରେ ନିଜର କୌଳିକପ୍ରଥା ମୌଳିକଧର୍ମକୁ ପାଥେୟ କରି ବେଦାଭ୍ୟାସ (ବେଦ ଅର୍ଥାତ୍ ଶରୀର । ଶରୀର ତତ୍ତ୍ୱସାଧନ ବା ଶରୀରରେ ବ୍ରହ୍ମୋପଲବ୍ଧି କରିବାର ସାଧନ ବା ଅଭ୍ୟାସ) କଲେ ସେ ବିପ୍ରନାମରେ ନାମିତ ହେଉଛନ୍ତି । ଏହି କର୍ମ ଦ୍ୱାରା, ସ୍ଥିତିପ୍ରଜ୍ଞତା ଲାଭକରି ସାଧନର ସିଦ୍ଧିସ୍ୱରୂପ ବା ଆତ୍ମଦର୍ଶନ ଲାଭ କରିବା ପରେ ଯାଇ ତା'ର ପରିଚୟ ହେଉଛି ''ବ୍ରାହ୍ମଣ'' । ତେଣୁ ''ବ୍ରାହ୍ମଣ'' କୁଳରେ ଜନ୍ମ ହୋଇ ମଧ ଯଦି ଜଣେ ଉପରୋକ୍ତ ବିଧିରେ ତା'ର ଆତ୍ମିକ ଉନ୍ନତି ପାଇଁ ଚେଷ୍ଟିତ ନ ହୁଏ, ତେବେ ଜନ୍ମ ସମୟର ସେହି ଶୂଦ୍ର ଅବସ୍ଥାରେ ହିଁ ତାକୁ ରହିବାକୁ ହୁଏ । ଫଳରେ ତା'ର ନାଦଗର୍ଦ୍ଦଣ କୋଷର ପୁଷ୍ଟତାର ପ୍ରଶ୍ନ ମଧ ଉଠେନାହିଁ । ଠିକ୍ ସେହିପରି ଜଣେ ନିମ୍ନକୁଳରେ ଜାତ ବ୍ୟକ୍ତି ଯଦି ଉପରୋକ୍ତ ପରମ୍ପରା ରକ୍ଷା କରି ନିଜର ଆତ୍ମୋନ୍ନତି ପାଇଁ ବ୍ରତୀ ହୋଇଯାଏ, ତେବେ ଅଚିରେ ସେ ''ବ୍ରାହ୍ମଣ'' ବୋଲି ଆଧାତ୍ମିକ ଜଗତରେ ପରିଚୟ ପାଏ ।

ଜୀବର ଏହି କ୍ରମପର୍ଯ୍ୟାୟର ସମସ୍ତ ଗୁରୁଦାୟିତ୍ୱ ଜନନୀ ହିଁ ଗ୍ରହଣ କରିଥାଆନ୍ତି । ତାଙ୍କର ଏକମାତ୍ର ସଂକଳ୍ପ ଅମୃତର ସନ୍ତାନକୁ ପ୍ରତ୍ୟେକ ପର୍ଯ୍ୟାୟରେ ଗର୍ଭରେ ଧାରଣ କରି ଧରାପୃଷ୍ଠକୁ ପ୍ରେରଣ କରିବା, ପ୍ରତି ଅବସ୍ଥାରେ ସନ୍ତାନର କ୍ରମବିକାଶ ସ୍ତର ଅନୁଯାୟୀ ପ୍ରକୃତିସ୍ୱରୂପିଣୀ ସର୍ବଂସହା ଜନନୀ ନିଜକୁ ପ୍ରସ୍ତୁତ କରିନିଅନ୍ତି । ସନ୍ତାନର ସ୍ତର ଭେଦନେଇ ନିଜେ ମଧ ସେହି ନାମରେ ନାମିତ ହୁଅନ୍ତି, ଯଥା-ନୀଚ, ଉଚ୍ଚ ଓ ମହତ୍'' । ଭ୍ରୁଣ ଅବସ୍ଥାରୁ ପୂର୍ଣ୍ଣାଙ୍ଗ ଶରୀର ଗଠନ ପର୍ଯ୍ୟନ୍ତ ନିଜର ଜଠର ଓ ଜରାୟୁରେ ଧାରଣ କରି, ନିଜର ରକ୍ତକୁ ଖାଦ୍ୟରେ ରୂପାନ୍ତରିତ କରାଇ ଜୀବକୁ ବଂଚାଇ ରଖନ୍ତି ଓ ଶେଷରେ ଅମୃତର ପଥ ସଦୃଶ ଯୋନି ମାର୍ଗ ଦେଇ ଅମୃତର ସନ୍ତାନଟିକୁ ଧରାପୃଷ୍ଠକୁ ଛାଡିଦିଅନ୍ତି ତା'ର କର୍ମ ପ୍ରବାହ ପାଇଁ । ତେଣୁ ନାରୀ ସର୍ବଥା - ସର୍ବଦା ଜଗତ୍‌ବନ୍ଦନୀୟା, ପରମପୂଜ୍ୟା । ତାଙ୍କର ଜଠର ଓ ଜରାୟୁ ସଦା ପବିତ୍ର । ଯୋନି - ମହାତୀର୍ଥ । ସେମାନଙ୍କ ପାଇଁ କୌଣସି ସାମ୍ପ୍ରଦାୟିକ ଆକ୍ଷେପ ପ୍ରଯୁଜ୍ୟ ନୁହେଁ । ମାତ୍ର କେବଳ କର୍ମ ପ୍ରବାହ ଓ ଆତ୍ମୋନ୍ନୟନ ସ୍ତର ବିଚାରରେ ମନ୍ଦାକିନୀ ସଦୃଶ ସେହି ପବିତ୍ର ଯୋନିକୁ ତିନିଗୋଟି ସୋପାନରେ ଚିତ୍ରଣ କରାଯାଇଅଛି । ଯଥା - ''ନୀଚ ଯୋନି'', ''ଉଚ୍ଚଯୋନି'' ଓ ''ମହତ୍ ଯୋନି'' ।

**(୧) ନୀଚ ଯୋନି :-** ପୂର୍ବରୁ କୁହାଯାଇଛି - ମନୁଷ୍ୟ ଶରୀର ଧାରଣ କରିବାର ପ୍ରଥମ ପର୍ଯ୍ୟାୟ ବ୍ରହ୍ମାଭିମୁଖୀ ହୋଇ ସ୍ୱସ୍ଥାନରେ ପହଞ୍ଚିବା ପାଇଁ ଆବଶ୍ୟକ ସାଧନାର ପ୍ରଥମ ସୋପାନ । ଏହା ତା'ର ପ୍ରାରମ୍ଭିକ ଅବସ୍ଥା ହୋଇଥିବାରୁ ତା'ର କୌଣସି ସଂସ୍କାର କି ସିଦ୍ଧି ନ ଥାଏ । ମାତ୍ର ଅମୃତମୟ ବ୍ରହ୍ମମଣ୍ଡଳରୁ ଖସି ଆସିଥିବା ଜୀବଟିକୁ ଉର୍ଦ୍ଧ୍ୱମୁଖୀ ହୋଇ ପୁଣିଥରେ ତା'ର ନିଜ ସ୍ଥିତିରେ ପହଞ୍ଚିବାକୁ ହେବ । ତେଣୁ ସ୍ରଷ୍ଟାଙ୍କର ଅପୂର୍ବଲୀଳାରେ ପରମ କଲ୍ୟାଣୀ ଜନନୀ ଏହି ଅଙ୍କୁରିତ ବୀଜଟିକୁ ଜଠର ଓ ଜରାୟୁରେ ଧାରଣ କରି ପବିତ୍ର ଯୋନି ମାଧ୍ୟମରେ ଧରାପୃଷ୍ଠକୁ ପଠାଇଦିଅନ୍ତି । ପ୍ରାରମ୍ଭିକ ବା ନିମ୍ନାବସ୍ଥାରେ ଜୀବ ପ୍ରକାଶିତ ହେଉଥିବାରୁ ଏହି ପ୍ରକାଶପଥକୁ ''ନୀଚଯୋନି'' ବୋଲି କୁହାଯାଏ । କିନ୍ତୁ କେବଳ ନାମକରଣରେ ମନ୍ଦାକିନୀର ପବିତ୍ରତା କେବେ ନଷ୍ଟ ହୁଏ ନାହିଁ । ନାଁଟି ସିନା ''ନୀଚଯୋନି, ମାତ୍ର ପବିତ୍ରତାରେ ''ଅଳକାନନ୍ଦା'' ।

ଉକ୍ତ ପଥ ଦେଇ ଆସୁଥିବା ବ୍ୟକ୍ତି ବିଶେଷ, ଆଧ୍ୟାତ୍ମିକ ତତ୍ତ୍ୱ, ନୀତିରେ ଅସଂସ୍କାର, ଅନଭିଜ୍ଞ ଥିବାରୁ ତା'ର ନାଦଗର୍ଦ୍ଦଣ କୋଷଟି ଅପରିପକ୍ୱ ଓ ସ୍ଥାଣୁ ଅବସ୍ଥାରେ ଥାଏ । ତେଣୁ ଉଚ୍ଚତର କୋଷକୁ ଆକର୍ଷଣ କରିବାକୁ ଅକ୍ଷମ ହୁଏ । ଯା ଫଳରେ ଅପେକ୍ଷାକୃତ ଉନ୍ନତ ''ନାଦଗର୍ଦ୍ଦଣ କୋଷ'' ର ଅଧିକାରୀ ବ୍ୟକ୍ତିଙ୍କ ଠାରୁ କୌଣସି ସାହାଯ୍ୟ, ସହାନୁଭୂତି ପାଇପାରେ ନାହିଁ । ଅପରପକ୍ଷରେ ଉଚ୍ଚବର୍ଣ୍ଣ ସମ୍ଭବ ମନୁଷ୍ୟମାନଙ୍କର ଶରୀରରେ ଥିବା ନାଦଗର୍ଦ୍ଦଣ କୋଷ ଏହି ଅପରିପକ୍ୱ କୋଷକୁ ହେୟଜ୍ଞାନ କରେ । ଉକ୍ତ ହେୟଜ୍ଞାନ ଭାବ କ୍ରମେ ଅସ୍ପୃଶ୍ୟତା ଓ ଘୃଣାଭାବକୁ ରୂପାନ୍ତରିତ ହୁଏ । ଫଳରେ ବ୍ୟକ୍ତି ଉନ୍ନତକୋଷର ଅହଂକାରରେ ଉନ୍ମତ୍ତ ହୋଇ ସୃଷ୍ଟି ରହସ୍ୟକୁ ଭୁଲିଯାଏ । ପରମବ୍ରହ୍ମଙ୍କ ମନୁଷ୍ୟ ସୃଷ୍ଟିର ଆଦିବୀଜ ଏହି କଢ଼ଟିକୁ ସାମାଜିକ ସ୍ତରରେ ''ନୀଚଜାତିର ଆଖ୍ୟାଦେଇ ହୀନ ଦୃଷ୍ଟିରେ ଦେଖେ । ପରିଣାମରେ, ପ୍ରାରମ୍ଭିକ ଅବସ୍ଥାର ଏହି ମନୁଷ୍ୟ ସମାଜର ଅପରିଣାମଦର୍ଶିତାର ଶିକାର ହୋଇ ଆଜୀବନ ଦୁଃଖ, ଦାରିଦ୍ର୍ୟ ମଧ୍ୟରେ ଜୀବନ ବିତାଇବାକୁ ବାଧ୍ୟ ହୁଏ । କିନ୍ତୁ ଯଦି ଏହି ପ୍ରଥମ ସୋପାନର କୌଣସି ବ୍ୟକ୍ତି ନିଜର ସ୍ଥିତି ଓ ଆବଶ୍ୟକତା ସଂପର୍କରେ ସଚେତନ ହୋଇ ପୂର୍ବ ଆଲୋଚିତ ସାଧନକ୍ରିୟାରେ ବ୍ରତୀ ହୋଇ ନିଜର ନାଦଗର୍ଦ୍ଦଣ କୋଷକୁ ପରିପକ୍ୱ ଅବସ୍ଥାକୁ ଆଣି ସିଦ୍ଧ କରାଇପାରେ, ତେବେ ଆଧ୍ୟାତ୍ମିକ ଓ ସାମାଜିକ ଉଭୟ ସ୍ତରରେ ସେ ପୂଜ୍ୟ ହୋଇଯାଇପାରେ । ସେତେବେଳେ ''ନୀଚ ଯୋନି'' ସମ୍ଭବ ଅସ୍ପୃଶ୍ୟ ଭାବରେ ଘୃଣା କରୁଥିବା ଉଚ୍ଚବର୍ଣ୍ଣର ଲୋକମାନେ ତାକୁ ସମ୍ମାନ ଓ ଭକ୍ତି ଦେବାକୁ ବାଧ୍ୟ ହୁଅନ୍ତି । କାରଣ ସେ ଅବସ୍ଥାରେ ଉଚ୍ଚବର୍ଣ୍ଣର ଲୋକମାନଙ୍କ ଶରୀରରେ ଥିବା ନାଦଗର୍ଦ୍ଦଣ କୋଷ, ନୀଚଜାତି କୁହାଯାଉଥିବା ଏହି ମହାନ ସାଧକର ନାଦଗର୍ଦ୍ଦଣ କୋଷ ସହ ସୂକ୍ଷ୍ମ ନିବିଡ଼ ସଂପର୍କ ସ୍ଥାପନ କରି ନିଜର ସ୍ଥିତି ସମ୍ବନ୍ଧରେ ସଚେତନ ହୋଇଯାଏ । ''ସର୍ବତ୍ର ବ୍ରହ୍ମଃ ପୂରିତ'' ଏହି ସତ୍ୟ ଉପଲବ୍ଧି କରେ । ପରଜନ୍ମରେ ଏହି ସାଧକ ଉଚ୍ଚଯୋନି ଓ ମହତଯୋନି ପ୍ରାପ୍ତ ହୋଇ ଉଚ୍ଚତମ ସୋପାନକୁ ଉଠିଯାଏ । ଶୁଦ୍ରମୁନି ଶାରଳାଦାସ, ଭକ୍ତ କବୀର, ସନ୍ଥ ସୁରଦାସ, ଭୀମଭୋଇ, ଭକ୍ତ ଦାସିଆ ବାଉରୀ ଓ ଆହୁରି ଅନେକେ ଏହି ପର୍ଯ୍ୟାୟଭୁକ୍ତ ହୋଇ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛନ୍ତି ।

**(୨) ଉଚ୍ଚଯୋନି :-** ସାଧନ କ୍ରମରେ ଉନ୍ନତି ହୋଇ ସିଦ୍ଧବଂଶର ପରମ୍ପରା ବହନ କରୁଥିବା ନାରୀ ଏହି ଯୋନି ଧାରଣ କରନ୍ତି । ଏହାଙ୍କ ଗର୍ଭରୁ ଯେଉଁମାନେ ଜନ୍ମଗ୍ରହଣ କରନ୍ତି, ସେମାନଙ୍କୁ ଉଚ୍ଚଜାତି ବୋଲି କୁହାଯାଏ । ଏମାନଙ୍କର ଜାତି ବା ପରମ୍ପରା ସିଦ୍ଧ । କିନ୍ତୁ ଏହି ଜାତିରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ସିଦ୍ଧ ହୋଇ ଆସି ନ ଥାନ୍ତି । ଅପେକ୍ଷାକୃତ ମାର୍ଜିତ, ସଂସ୍କାରିତ ହୋଇ ଆସିଥାନ୍ତି । ଏମାନଙ୍କର ପିତା, ମାତା ମଧ୍ୟ ସାଧନକ୍ରମରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇ ନ ଥିବାରୁ ସେମାନଙ୍କର ନାଦଗର୍ଦ୍ଦଣ କୋଷ ପ୍ରଚଳିତ ପ୍ରଥା ଅନୁଯାୟୀ ନୀଚଜାତିମାନଙ୍କ ପ୍ରତି କେବଳ ଘୃଣା ଭାବଟିକୁ ସାଇତି ରଖିଥାଏ । ତେଣୁ ଉତ୍ତରାଧିକାର ସୂତ୍ରରେ ସେମାନଙ୍କଠାରୁ ଜନ୍ମଗ୍ରହଣ କରୁଥିବା ସନ୍ତାନମାନେ ଏହି ବିକାରଭାବଟିକୁ ଗ୍ରହଣ କରି ଆସିଥାଆନ୍ତି । ସାଧନ କର୍ମଦ୍ୱାରା ପୂର୍ଣ୍ଣତା ପ୍ରାପ୍ତି ନ ହେବାଯାଏ, ସେମାନଙ୍କ କୋଷରେ ଏହି ବିକାର, ଘୃଣାଭାବ ଧୀରେ ଧୀରେ ଦୃଢ଼ରୁ ଦୃଢ଼ତର ହୋଇ ରହିଥାଏ । ତେଣୁ କୌଣସି ବାହ୍ୟ ଉପଦେଶ ଗ୍ରହଣ କରିବାକୁ ସେମାନଙ୍କର ନାଦଗର୍ଦ୍ଦଣ କୋଷ ପ୍ରସ୍ତୁତ ନ ଥାଏ । ଥରେ ଜଣେ କ୍ରିୟାଯୋଗ ମାଧ୍ୟମରେ ଉଚ୍ଚତର ସୋପାନକୁ

ଉଠିଗଲେ ତା'ର ଏହି କୋଷ ସେହି ଅନୁସାରେ ମାର୍ଜିତ ହୋଇଯାଏ । ନୀଚମାନଙ୍କ ପ୍ରତି ଥିବା ଘୃଣା, ଅସୂୟାଭାବକୁ ପରିହାର କରି ସମଦର୍ଶୀଭାବକୁ ଗ୍ରହଣ କରେ ଓ ତଦନୁସାରେ ଜୀବକୁ ପରିଚାଳିତ କରାଇ କ୍ରମଶଃ ବ୍ରହ୍ମାଭିମୁଖୀ କରାଇଦିଏ ।

ମାତ୍ର ଏହି ଉଚ୍ଚକୂଳରେ ଜନ୍ମଗ୍ରହଣ କରି ଯଦି ତା'ର କୌଳିକ କର୍ମ, ମୌଳିକ ଧର୍ମ ଯଥାବିଧି ପାଳନ ନ କରି କେବଳ ଜାତିର ଅହଂକାରରେ ନିଜର ନାଦଗର୍ଦ୍ଦଣ କୋଷଟିକୁ ଅପରିପକ୍ୱ ଅବସ୍ଥାରେ ଛାଡିଦିଏ, ତେବେ ଆଧ୍ୟାତ୍ମିକ ବିଚାରରେ ସେ ନୀଚଜାତିଠାରୁ ମଧ୍ୟ ହୀନ ବୋଲି ପରିଗଣିତ ହୁଏ ଓ ଏହାରି ପ୍ରଭାବରେ ପରବର୍ତ୍ତୀ ଜନ୍ମରେ ପୁନର୍ବାର ନୀଚଯୋନି ପ୍ରାପ୍ତ ହୋଇ ଘୃଣିତ ଅବସ୍ଥାକୁ ଖସି ଯିବାକୁ ବାଧ୍ୟ ହୁଏ ।

**(୩) ମହତଯୋନି :-** ଆଜନ୍ମ ସାଧନରେ ଲିପ୍ତ ରହି ସିଦ୍ଧିପ୍ରାପ୍ତ ହୋଇଥିବା ନାରୀ ଏହି ଯୋନିର ଅଧିକାରିଣୀ ହୁଅନ୍ତି । କେବଳ ଯୋଗୀ, ମୁନି, ଋଷି ଆଦି ମହତ ଆତ୍ମାମାନେ ଏହି ଯୋନି ପ୍ରାପ୍ତ ହୋଇ ତାହାରି ମାଧ୍ୟମରେ ଧରାପୃଷ୍ଠକୁ ଖସିଆସନ୍ତି । ଏମାନଙ୍କର ମାତା, ପିତା ଉଭୟେ ସିଦ୍ଧ ହୋଇଥିବାରୁ ଓ ମାତାପିତାଙ୍କ ନାଦଗର୍ଦ୍ଦଣ କୋଷ ପୂର୍ଣ୍ଣସିଦ୍ଧିର ସ୍ୱାକ୍ଷର ବହନ କରିଥିବାରୁ, ସର୍ବୋପରି ନିଜେ ମଧ୍ୟ ସିଦ୍ଧ ହୋଇଥିବାରୁ ଏମାନେ ଜନ୍ମସିଦ୍ଧ ହୋଇ ଆସିଥାନ୍ତି। ଏମାନଙ୍କର କୋଷ ସିଦ୍ଧ ହୋଇ କେବଳ ସତ୍ତ୍ୱ ଭାବକୁ ଗ୍ରହଣ କରିଥାଏ । ତାହାରି ବଳରେ ଏମାନେ ଜାତିବାଦର ଅସଲତତ୍ତ୍ୱ ଠିକ୍ ଭାବରେ ବୁଝିଥାଆନ୍ତି । ଫଳରେ ସେମାନଙ୍କ ମନରେ ଜାତିବିକାର ପରିବର୍ତ୍ତେ ଜାତିସମତା ଭାବ ପାହାଡ଼ ପରିଗଚ୍ଛିତ ଥାଏ । କାର୍ଯ୍ୟାବଳୀ ମଧ୍ୟ ତଦନୁସାରେ ହୋଇଥାଏ । ଉଦାହରଣ ସ୍ୱରୂପ - ବ୍ରହ୍ମର୍ଷି ବଶିଷ୍ଠଦେବ ଏହି ମହତଯୋନି ଉଦ୍ଭବ ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ । କିନ୍ତୁ ସିଦ୍ଧ ନାଦଗର୍ଦ୍ଦଣ କୋଷର ପ୍ରେରଣାରେ ସେ ନିର୍ବିବାଦ, ନିର୍ବିକାର ଓ ନିର୍ବିଚାରରେ ନୀଚଯୋନି ସମ୍ଭବା ଚଣ୍ଡାଳକନ୍ୟା ଅରୁନ୍ଧତୀଙ୍କୁ ବିବାହ କରିଥିଲେ । ସେହିପରି ପରାଶର ମୁନି ନୀଚଯୋନି ପ୍ରାପ୍ତା କୈବର୍ତ୍ତ କନ୍ୟା ମତ୍ସ୍ୟଗନ୍ଧାଙ୍କୁ ଗ୍ରହଣ କରିଥିଲେ । ଯାହାଙ୍କ ଗର୍ଭରୁ ଜନ୍ମ ନେଇଥିଲେ ବ୍ୟାସଦେବ । ଏଠାରେ ଲକ୍ଷ୍ୟ କରିବା କଥା - ମତ୍ସ୍ୟଗନ୍ଧା ନୀଚଯୋନି-ମାତ୍ର ସିଦ୍ଧିପ୍ରାପ୍ତ ନାଦଗର୍ଦ୍ଦଣ କୋଷର ଅଧିକାରୀ ପରାଶରଙ୍କ ସଂସ୍ପର୍ଶରେ ବ୍ରହ୍ମବୀର୍ଯ୍ୟକୁ ଗର୍ଭରେ ସ୍ଥାନ ଦେଇ ନିଜର ନାଦଗର୍ଦ୍ଦଣ କୋଷର ସିଦ୍ଧିପ୍ରାପ୍ତହୋଇ ମହତଯୋନିର ମାନ୍ୟତା ପ୍ରାପ୍ତ ହେଲେ ଓ ମହାତେଜସ୍ୱୀ ବ୍ୟାସଦେବଙ୍କୁ ଜନ୍ମଦେଲେ । କାରଣ ସେମାନେ ଜାଣିଥିଲେ ଯୋନି ସର୍ବଦା ପବିତ୍ର । ଏହା କଦାପି ଉଚ୍ଚ ବା ନୀଚ ହୋଇପାରେନା । କେବଳ ସାଧନ କ୍ରିୟାନୁସାରେ ଉକ୍ତ ନାମକରଣ କରାଯାଇଅଛି । ଏହିପରି ଅନେକ ଦୃଷ୍ଟାନ୍ତ ଅଛି ।

ସୁତରାଂ ଜାତିର ସୃଷ୍ଟି ସ୍ରଷ୍ଟାଙ୍କ ଦ୍ୱାରା ଜୀବର କର୍ମପ୍ରବାହକୁ ନେଇ । କିନ୍ତୁ ଘୃଣା, ଅସ୍ପୃଶ୍ୟତା ଭାବ ମନୁଷ୍ୟକୃତ ନିଜର ଅବୋଧତା ଓ ଅଜ୍ଞାନତାକୁ ନେଇ । ମହତ, ଉଚ୍ଚ, ନୀଚ - ପ୍ରତ୍ୟେକ ସେହି ଗୋଟିଏ ଅମୃତଭାଣ୍ଡରୁ ସୃଷ୍ଟି । ସମସ୍ତଙ୍କ ଶରୀରରେ ସେହି ଏକ ବ୍ରହ୍ମର ସ୍ମାରକ । କେବଳ କର୍ମର ବିଭିନ୍ନତାରେ, କ୍ରମବିକାଶ ଅବସ୍ଥାକୁ ବିଚାରକୁ ନେଇ ଜାତିବାଦର ସୃଷ୍ଟି । ତେଣୁ ଜାତିର ଅହଂଭାବ ନେଇ ନାଦଗର୍ଦ୍ଦଣ କୋଷଟିକୁ ଉନ୍ନତ କରାଇବାର ପ୍ରୟାସ ନ କରି ଯଦି ନୀଚଜାତିକୁ ଅଯଥାରେ ଅସ୍ପୃଶ୍ୟ ଜ୍ଞାନରେ ଘୃଣା କରାଯାଏ, ତେବେ ଏହା ସେହି ସ୍ରଷ୍ଟା, ପରମବ୍ରହ୍ମଙ୍କୁ ଘୃଣା ବୋଲି ବିଚାର କରାଯାଏ । ନିଜର (କୋଷର) ମୌଳିକ ଧର୍ମ ଅନୁସାରେ ଘୃଣା କରୁଥିବା ବ୍ୟକ୍ତିଟିର ନାଦଗର୍ଦ୍ଦଣ କୋଷ ଏହି ବିକାରଭାବର ଚିତ୍ର ଉତ୍ତୋଳନ କରି ସାଇତି ଦିଏ ଓ ଘୃଣାଭାବଟିକୁ ଦୃଢ଼ କରିଦେଇ ପରବର୍ତ୍ତୀ ଜନ୍ମରେ ବ୍ୟକ୍ତିଟିକୁ ନୀଚକୁଳରେ ଜନ୍ମ କରାଇ ନୀଚ ଭାବରେ ରହିବାକୁ ବାଧ୍ୟ କରାଏ ।

ଉକ୍ତ ଗୋପନ ରହସ୍ୟକୁ ଉନ୍ମୋଚନ କରି ଯିଏ ନାଦଗର୍ଦ୍ଦଣ କୋଷକୁ ଠିକ୍ ଭାବରେ ପରିଚାଳିତ କରିବାକୁ ସକ୍ଷମ ହୁଏ, ସେ କ୍ରମଶଃ ଉଚ୍ଚରୁ ମହତ ଯୋନି ପ୍ରାପ୍ତ ହୋଇ ନିଜର କ୍ରିୟାଯୋଗ ଦ୍ୱାରା ବ୍ରହ୍ମଦର୍ଶନ ଓ ଆଶୀର୍ବାଦ ଲାଭ କରି ଜନ୍ମମୃତ୍ୟୁକୁ ଅତିକ୍ରମ କରିଯାଏ ।



# କଲ୍ୟାଣ ଦେଲି ତୋତେ

''ଧର୍ମ ନନ୍ଦନ 'ଚରମ' ରେ ମୋର ! କଲ୍ୟାଣ ଦେଲି ଢାଳି ।
ଧର୍ମ ପଥରେ ବିଶ୍ୱବୁକୁରେ ଆଗେଇ ଯା' ପାଦ ଚାଳି ।।''

ଭକ୍ତବତ୍ସଳ ଭାବଗ୍ରାହୀ କରୁଣାସାଗର ପରମପ୍ରେମମୟ ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀ ଠାକୁରଙ୍କର ଗଳାଲାଗି ଆଶୀର୍ବାଦ ମାଳା ହିଁ 'କଲ୍ୟାଣ ଦେଲି ତୋତେ!' । ଜୀବନଦେବତା ଠାକୁରଙ୍କର ଶ୍ରୀହସ୍ତଲିଖିତ କଲ୍ୟାଣ ଝରିପଡ଼େ ଅବାରିତ ଧାରାରେ ଏହାରି ମାଧ୍ୟମରେ ଅଗଣିତ ଅନୁରକ୍ତ ଅନୁଗତ ଭକ୍ତ ଶିଷ୍ୟଶିଷ୍ୟାଙ୍କର ଭକ୍ତିପୂତ ନତମସ୍ତକରେ । ଆଶିର୍ବଚନ ମାଧ୍ୟମରେ ପ୍ରଭୁ ପ୍ରିୟଭକ୍ତବୃନ୍ଦଙ୍କର ସାଧନାର ପଥ ପରିଷ୍କାର କରନ୍ତି, ଆଲୋକିତ କରନ୍ତି, ହାତ ଧରି ଚଳାଇ ନିଅନ୍ତି ସର୍ବମଙ୍ଗଳମୟ ମାର୍ଗରେ, ବିଶ୍ୱକଲ୍ୟାଣକର ପଥରେ । ଏହା ପ୍ରତ୍ୟହ ପଠନୀୟ, ସର୍ବଦା ଓ ସର୍ବଥା ଅନୁସରଣୀୟ । ସକଳ ବିପଦ ଆପଦ, ଦୁର୍ବିପାକ ଆଦିରୁ ରକ୍ଷାପାଇବାର ଏହାହିଁ ସର୍ବୋତ୍ତମ ମହୋଷଧି । ଶ୍ରଦ୍ଧା, ପ୍ରେମ, ଭକ୍ତି ଓ ନିଷ୍ଠାର ସହିତ ଏହା ସର୍ବାଦୌ ପଠନୀୟ ଓ ଶ୍ରବଣୀୟ ।

## 'ଚରମ'ରେ, ଧନଟି ମୋର;

ମର୍ତ୍ତ୍ୟଧାମରେ ତୁ ନୂଆକରି ପ୍ରଥମପାଦଟି ପକାଇବା ଦିନୁ ମୁଁ ତୋତେ ବୁଝାଇ ଚେତାଇ କହିଛି ପରା ! ମନରୁ କ'ଣ ପାଶୋରି ଦେଲୁଣି ଧନ ! ଏହି ଜଗତରେ ବହୁ କଣ୍ଟା ଅଛି । କଣ୍ଟକିତ ପଥରେ ଥିରିଥିରି ପାଦ ପକେଇ ଚାଲିବାକୁ ହୁଏ । କପଟୀ ବ୍ୟକ୍ତି ନିଜକୁ ନିଜେ ସମ୍ମାନ ଖୋଜେ । ତା'ର ମୁହଁର ଭାବ ଓ ଅନ୍ତରର ଭାବ, ମୁହଁର କଥା ଆଉ ଅନ୍ତରର କଥା ସମାନ ନୁହେଁ । ସଂସାରରେ ପ୍ରତ୍ୟେକ ଜୀବ ଭିତରେ ସୃଷ୍ଟିକର୍ତ୍ତା ଭଲମନ୍ଦ ଉଭୟ ଦେଇଛନ୍ତି । ପ୍ରତ୍ୟେକଙ୍କର ଭଲକୁ ସବୁବେଳେ ଦେଖିବୁ । ମନ୍ଦକୁ ଦେଖିଲେ, ମନ୍ଦଗୁଣ ଆହରଣ କରି ତୁ ବି ମନ୍ଦ ହୋଇଯିବୁ ଯେ !!

ଦ୍ୱିତୀୟପାଦରେ ମୁଁ ତୋତେ ସୂଚେଇ କହିଥିଲି : 'ଚରମ'ରେ ମୋ ଆଖିରେ ଦେଖ । ତୋ ଆଖି ବୁଜିଦେ । ତୋ ଆଖିରେ ଦେଖିଲେ ଦେଖିବୁ କେବଳ ବିଷୟା, ବିଷୟ, ବିଷ । ବାହ୍ୟ ରୂପଦେଖି ଭଳି ଯିବୁ । ମୋ ଦୃଷ୍ଟିରେ ଦେଖିବୁ ପୀୟୁଷ ପଥ, ଅମୃତ ଜୀବନ, ଅନ୍ତଃସ୍ଥ ଆତ୍ମାର ଦିବ୍ୟସ୍ୱରୂପ । ଫଳରେ ବିଶ୍ୱର ବିଷୟ ବିଷବନ୍ଧନ ତ୍ୟାଗ କରି ଅମୃତତ୍ୱରେ ତଲ୍ଲୀନ ହୋଇଯିବୁ । ଚକ୍ଷୁରୁ ମାୟାପଟଳ ଖୋଲିଯିବ । ସେତେବେଳେ ଯାଇ ବୁଝିବୁ - ଆଜି ପର୍ଯ୍ୟନ୍ତ କେବଳ ଚଷୁ କୁଟୁଥିଲୁ, ଚାଉଳ ପାଉ ନ ଥିଲୁ । ଧାନ କୁଟିବୁ ତ ଚାଉଳ ପାଇବୁ । ତେଣୁ ମଂଜି ଧରି ଚାଲିବାକୁ ହେବ ସ୍ଥିର ଲକ୍ଷ୍ୟରେ ।।

ସର୍ବଦା ଶିଷ୍ୟ ଭାବ ନେଇ ରହିବୁ । ଶିଷ୍ୟଟିଏ ପରି ଧିର, ସ୍ଥିର, ଶାନ୍ତ, ଶିଷ୍ଟ, ମିତାଳାପି, ମିଷ୍ଟଭାଷୀ, ମିତାହାରୀ ହୋଇ କାଳ କାଟୁଥିବୁ । ସରଳ ଜୀବନଯାପନ ପାଇଁ ସର୍ବଦା ଚେଷ୍ଟା କରୁଥିବୁ । ଜଟିଳ ହେଲେ, ତୋ ଭିତରେ ସମସ୍ତ ଭାବରେ ଅହଂକାର ଭରପୁର ହୋଇଯିବ । ଯେତେ ସମ୍ଭବ ତ୍ୟାଗ ବୈରାଗ୍ୟ ପଥରେ ଧିରେ ଧିରେ ଆଗେଇ ଚାଲୁଥିବୁ ।

ମୁଁ ତୋତେ ପୂର୍ବରୁ କହିଛି, ଏବେ ପୁଣିଥରେ ସ୍ମରଣ କରାଇ ଦେଉଛି : ସମସ୍ତେ ମୋର ଅତିପ୍ରିୟ ଆଦରଣୀୟ ମାନସପୁତ୍ର । ଧର୍ମ ନନ୍ଦନ । ତୋରି ପରି । ତେଣୁ, ତୁ ନିଜେ ବୁଝି ଅନ୍ୟ ସମସ୍ତଙ୍କୁ ମୋ'ରି କଥା ବୁଝାଇଦେ – ତୁମମାନଙ୍କ ମଧ୍ୟରେ ନିଜକୁ ନିଜେ କ'ଣ ଗୋଟାଏ ହୋଇଯିବାର ମନୋବୃତ୍ତି କ'ଣ ଶୋଭାପାଏ ? ଈର୍ଷା, ପରଶ୍ରୀକାତରତା, ପରନିନ୍ଦା, ପ୍ରତିହିଂସା, ପ୍ରତିଶୋଧପରାୟଣତା କ'ଣ ପରମାର୍ଥ ଜୀବନର ଲକ୍ଷଣ ?

ଭାବିଦେଖ ତ ଥରେ ! ବଗିଚାରେ ଅନେକ ଫୁଲ ଅଛି । ପ୍ରତ୍ୟେକ ଫୁଲର ରଙ୍ଗ, ରସ, ରୂପ ଭିନ୍ନ ଭିନ୍ନ ହେଲେ ସୁଦ୍ଧା ପ୍ରତିଟି ଫୁଲ ଦେବଭୋଗ୍ୟ । ଦେବତା ପାଇଁ ଉପଯୁକ୍ତ । ସେଥିରେହିଁ ଫୁଲଜନ୍ମର ସାର୍ଥକତା । ସେହିପରି ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଚକ, ଅଖ ଠାରୁ ଆରମ୍ଭ କରି କେତେକେତେ ଅଂଶ ସବୁ ରହିଛି । ପୂର୍ଣ୍ଣାଙ୍ଗ ରଥଟିଏ ପାଇଁ ଏସବୁ ପ୍ରତ୍ୟେକ ଅଂଶର ଆବଶ୍ୟକତା ଅଛି । ପ୍ରତ୍ୟେକ ଅଂଶ ଛୋଟ ହେଉ ବା ବଡ଼ ହେଉ ପୂର୍ଣ୍ଣାଙ୍ଗ ରଥଟିଏ ଅପରିହାର୍ଯ୍ୟ । ଯେ ପର୍ଯ୍ୟନ୍ତ ଠାକୁରେ ରଥରେ ଅଛନ୍ତି, ରଥର ପ୍ରତ୍ୟେକଟି ଛୋଟବଡ଼ ଅଂଶରେ ତାଙ୍କରି ରୂପଗୁଣ ପ୍ରତିବିମ୍ବିତ ହେଉଛି । ତେଣୁ ସମସ୍ତେ ପୂଜ୍ୟ, କାରଣ ଠାକୁରଙ୍କ ସଂସ୍ପର୍ଶରେ ପ୍ରତ୍ୟେକ ଅଂଶହିଁ ଠାକୁର ପାଲଟି ଯାଆନ୍ତି । ଏଥର ବୁଝିଲୁତ କାହାପାଇଁ ? କାହାପାଇଁ ରଥ, ଚକ, ଅଖ, ଦଉଡ଼ି ଇତ୍ୟାଦି ଏତେ ସମ୍ମାନର ଅଧିକାରୀ ? ଠାକୁରେ ରଥରେ ବିଜେ ହେବା ପୂର୍ବରୁ ବା ରଥରୁ ରତ୍ନବେଦୀକୁ ଚାଲିଆସିବା ପରେ, ରଥର ସବୁଅଂଶ ତକ ଯେଉଁ କାଠକୁ ସେହି କାଠ ହୋଇ ରହିଯାଏ ନା ।

ଯଦି ରଥ ଚାଲିବା ବେଳେ କୌଣସି ଅଂଶ ଭାଙ୍ଗିରୁଜି ଯାଏ, ତେବେ ସାମୟିକ ଅସୁବିଧା ଅବଶ୍ୟ ଉପୁଜିଥାଏ । ମାତ୍ର ରଥବିଧାଣୀ ପୁନରାୟ ସେହି ଅଚଳ ଅଂଶଟିକୁ ବଦଳାଇ ନୂଆ ଅଂଶଟିଏ ଯୋଡ଼ି ମରାମତି କରିଦିଏ ନାହିଁକି ? ଠିକ୍ ସେହିପରି ବିଶ୍ୱବିଧାଣୀଙ୍କ ପକ୍ଷରେ ଏ ବିଶ୍ୱସଂସାରରୁ ସଜାଡ଼ିଦେବା କ'ଣ ଅସମ୍ଭବ ? ତାଙ୍କ ପକ୍ଷରେ ପରା ସବୁ ସମ୍ଭବ ! ତାଙ୍କରି ଇଚ୍ଛାରେ ପଥର ପର୍ବତ ବି ପାଣିରେ ଭାସିପାରେ, ଶୋଲ ବି ବୁଡ଼ିଯାଇ ପାରେ । ସେହି ମାଧବ ପରମାନନ୍ଦଙ୍କ କୃପାରୁ ମୁକ ବାଚାଳ ହୋଇପାରେ, ପଙ୍ଗୁ ଗିରି ଲଂଘି ପାରେ, ଦସ୍ୟୁରତ୍ନାକର ବାଲ୍ମୀକି ହୋଇପାରନ୍ତି, ଅସୁନ୍ଦରୀ କୁବୁଜା ମଧ୍ୟ ସୁନ୍ଦର ସୁଠାମ ରୂପ ଧରି ଅପରୂପା ଅନିନ୍ଦ୍ୟାସୁନ୍ଦରୀ ହୋଇପାରେ ।

ଧନରେ; ଅହଂଭାବ, ଅହଂକାରକୁ ଆଦୌ ମନମଧ୍ୟରେ ପ୍ରଶ୍ରୟ ଦେବୁ ନାହିଁ । ନିଜର ବୋଧଶକ୍ତି ଦ୍ୱାରା ନିଜକୁ ନିଜେ ସଂଯତ କରିବୁ, ପ୍ରକୃତିସ୍ଥ ହେବୁ । ଦଶମୋଦକକୁ ଅଭ୍ୟାସ କରି ଆପଣାର ଆଚରଣରେ ଫୁଟାଇବୁ । କର୍ମଯୋଗ ଠିକ୍‌ଭାବରେ ପାଳନ କରିବୁ । ଆବଶ୍ୟକ ସ୍ଥଳେ ମୋ ସହିତ ବିଚାର ଆଲୋଚନା କରି ସଂଘୀୟ କାର୍ଯ୍ୟ ବାହିନେବୁ । ଅନ୍ୟମାନଙ୍କୁ ଏହି କଥା ବୁଝାଇ କହିବୁ । ତୁମେମାନେ କେହି କାହାକୁ ସନ୍ଦେହ ନ କରି ମିଳିମିଶି ସଂଘୀୟ ଭାରକୁ ସମସ୍ତେ ଯଥାସାଧ୍ୟ ବହନ କରିବ । କାରଣ ଜଣକ ଉପରେ ବା ଗୋଟିଏ ଅଂଶରେ ସବୁଚାପ ଅତ୍ୟଧିକ ପଡ଼ିଲେ ତାହା ଅଚଳ ହୋଇଯିବ । ଚକ ସୁରୁଖୁରୁରେ ଗଡ଼ିବ କିପରି ? ମନେ ରଖିବ, ଏସବୁ କାର୍ଯ୍ୟ ମୋରି ଇଚ୍ଛାରେ ହେଉଛି, କରୁଛ କିନ୍ତୁ ତୁମେମାନେ । ତୁମେମାନେ ଅବାଧ ହେଲେ, ମୋ ଇଚ୍ଛାରେ ମୁଁ ଅନ୍ୟ କାହାଦ୍ୱାରା ମୋ କାମ କରେଇନେବି । ହେଲେ, ଭାବିଦେଖ, ତୁମର ଅବସ୍ଥା କ'ଣ ହେବ ତେଣିକି ? ସମର୍ପଣ ଭାବର ଲକ୍ଷଣ କ'ଣ ଅବାଧ ହେବା ? କେଉଁ ଶାସ୍ତ୍ରରେ, କେଉଁ ତତ୍ତ୍ୱରେ ଅଛି; କହିବୁଟି !!

ମଣିରେ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କୋଟି କୋଟି ପ୍ରାଣବିନ୍ଦୁକୁ ନେଇ ଗଠିତ । ସେହିପରି ଅତ୍ୟନ୍ତ ଗୁପ୍ତ ବ୍ରହ୍ମସଂଘ ମୋର ଚିର ପ୍ରାଣରୂପୀ ସନାତନ ଧର୍ମ ସ୍ପନ୍ଦନ । ଏହି ସଂଘ ଦ୍ୱାରା ବିଶ୍ୱବକ୍ଷରେ ନିତ୍ୟସତ୍ୟ ସନାତନ ମାନବିକ ଧର୍ମର ପୁନଃପ୍ରତିଷ୍ଠା କରିବା ପାଇଁ ମୁଁ ବଦ୍ଧପରିକର । କେବଳ ଏହି ଉଦ୍ଦେଶ୍ୟରେ ମୁଁ ଉଜ୍ଜ୍ୱଳମୟ ପୁରର ତୁଳିତଳ୍ପ ଶଯ୍ୟା ତେଜି ମର୍ତ୍ତ୍ୟଧାମରେ ଦଣ୍ଡାୟମାନ । ଚରମରେ, ମନେରଖ ଏବଂ ଅନ୍ୟ ସମସ୍ତଙ୍କୁ ପୁଣି ଥରେ ଭଲ ଭାବରେ ବୁଝାଇ ସ୍ମରଣ କରାଇଦେ- ଏହି ସଂଘର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବା ବା ଅସହଯୋଗ କରିବା ବା

ବିରୋଧ କରିବା ଅକ୍ଷମଣୀୟ ଅପରାଧ । ଏ ପ୍ରକାର ଅପରାଧରେ ଅପରାଧୀ ପାଇଁ ବ୍ରହ୍ମଦାବାନଳ ଦଣ୍ଡ ସୂକ୍ଷ୍ମରେ ଲାଗୁ ହୋଇଯାଏ, ଅପରାଧୀ ସ୍ଥୂଳରେ ତାହା ଭୋଗେ । ତେଣୁ, ଧନରେ ମୋର -ଏହି ଚରମ ଅନୁରୋଧଟିକୁ ଏଡ଼ାଇ ଦେବୁ ନାହିଁ । ଅକ୍ଷରେ ଅକ୍ଷରେ ଅବଶ୍ୟ ପାଳନ କରିବୁ । ଯେଉଁମାନେ ଏହା ବୁଝିପାରୁ ନାହାଁନ୍ତି, ସେମାନଙ୍କୁ କଅଁଳିଆ କଥାରେ ବୁଝାଇଶୁଝାଇ କହିବୁ । କହିବୁ, କହ : ମୋ କଥା ମାନି ଚଳନ୍ତୁ । ଅବାଧ ହୁଅନ୍ତୁ ନାହିଁ । ମନମୁଖୀ ହୁଅନ୍ତୁ ନାହିଁ । ଅଳସୁଆ ବା କୁଣ୍ଠିତ ହୁଅନ୍ତୁ ନାହିଁ । ପଦପଦବୀ ପାଇଁ ଜିଦ୍ ଧରି ଅଡ଼ିବସନ୍ତୁ ନାହିଁ । ସମସ୍ତ ଭେଦଭାବ ଭୁଲି, ଉତ୍ତମ ଚରିତ୍ର ଗଠନ କରନ୍ତୁ । ମୋର ବିଶ୍ୱକଲ୍ୟାଣକର ଇଚ୍ଛାପଥରେ ଗୋଟିଏ ଗୋଟିଏ ଫୁଲ ହୋଇ ଯୁଗ ଯୁଗ ପାଇଁ ରହିଥାଆନ୍ତୁ । ମନରେ ରଖିଥିବୁଟି !

ମୁଁ ତୋତେ କଲ୍ୟାଣ କରୁଛିରେ ଚରମ ! ତୁ ପ୍ରଥମେ ନିଜେ ନିଜକୁ ସଜାଡ଼ି ନେଇ ତୋର ଅଗଣିତ ଅସଜଡ଼ା ପ୍ରିୟ ଭାଇଭଉଣୀମାନଙ୍କୁ ସଜାଡ଼ି ଦେଇ ପୁରପଲ୍ଲୀ ସହରନଗର ସବୁଠି ଘରେ ଘରେ କାନେ କାନେ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମାର ବାର୍ତ୍ତା ପ୍ରଚାର କରିବୁ, ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସମ୍ବାଦ ଦେବୁ, କ୍ଷିତିଜ୍ୟୋତି ଆଶ୍ରମ ଏବଂ ଏହାର ଶାଖା ଗୁଡ଼ିକର ସନ୍ଦେଶ ବାଣ୍ଟି ଧର୍ମଧ୍ୱଜା ଉଡ଼ାଇ ପୁଣି ଥରେ ମୋର କଅଁଳିଆ କୋଳକୁ ଫେରି ଆସିବୁ । ମୁଁ ତୋର ଫେରନ୍ତା ପଥକୁ ଅନେଇ ରହିଲି ।।

ତୋର ଚିର ମଙ୍ଗଳାକାଂକ୍ଷୀ,

-ପିତା-

❁

କହୁଛ ଯାହା କରୁନ ତାହା
ଚରମେ ତୋର କେ ହେବ ସାହା ।
ବାହାବା ପାଇଁ ରହିଛି ଟାକି
ଅନ୍ତେ ଦୁର୍ଭୋଗ ରହିଛି ବାକି ।।

ଗୁରୁସେବା କିସ କରିବ କୁହ ?
ଗୁରୁମନ ବୁଝି ନୀରବ ରୁହ ।।
ଗୁରୁମୁଖୁ ଆଜ୍ଞା ପାଇ ମଉନ
ରହିଲେ ଚରମ ମିଳେକି ଧନ ??

ଗୁରୁଙ୍କ ଆଦେଶ ଶିରରେ ଧରି ।
ଚଲାପଥେ କର୍ମ ଯାଅରେ କରି ।।
କରମରେ ଯୋଗ ହୁଅଇ ସିଦ୍ଧ ।
ମୁକତିଲଭଇ ଏ ଜୀବ ବଦ୍ଧ ।।

# କେଶବ କୈବଲ୍ୟ କଣିକା

ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀ ପରମଦୟାଳୁ ଠାକୁରଙ୍କର ଶ୍ରୀରଙ୍ଗାଅଧରରୁ ଝରିପଡ଼େ ଅସଂଖ୍ୟ ଅସୁମାରୀ କୈବଲ୍ୟ କଣିକା । ପ୍ରତିଦିନର ଦିନଚର୍ଯ୍ୟା ନିମନ୍ତେ ଏଗୁଡ଼ିକର ଆବଶ୍ୟକତା ଯେପରି ସ୍ପୃହଣୀୟ, ଠିକ୍ ସେହିପରି ଭାବରେ ଅସଂଖ୍ୟ ସାଧକମାନଙ୍କର ଆଧ୍ୟାତ୍ମିକ ଜିଜ୍ଞାସା, ଅନୁସନ୍ଧିତ୍ସା, ସଂଶୟ, ସନ୍ଦେହ ଆଦି ମୋଚନ ନିମନ୍ତେ ଏ ଗୁଡ଼ିକର ଉପଯୋଗିତା ଅନସ୍ୱୀକାର୍ଯ୍ୟ । ଏତାଦୃଶ ଆବଶ୍ୟକତା ଓ ଉପଯୋଗୀତାକୁ ଲକ୍ଷ୍ୟରେ ରଖି 'ଚରମ'ର ପ୍ରତିଟି ପୃଷ୍ଠର ପ୍ରତ୍ୟେକ ପାଖୁଡ଼ାରେ କିଛି କିଛି ସୁନିର୍ବାଚିତ ଉପାଦେୟ କୈବଲ୍ୟବାଣୀ ପତ୍ରସ୍ଥ କରାଯାଉଛି । ଏହି ଅମୀୟ ବାଣୀଗୁଚ୍ଛ ନିତ୍ୟପାଠ୍ୟ, ଅନୁସରଣୀୟ ଓ ଆଚରଣରେ ପ୍ରସ୍ଫୁଟିତ ହେବା ବାଞ୍ଛନୀୟ । ପ୍ରିୟ ଦିବ୍ୟାତ୍ମା ଭାଇଭଉଣୀମାନେ, ଏ ଗୁଡ଼ିକୁ ପାଳନପୋଷଣ କରିପାରିଲେ, ଶ୍ରମ ସାର୍ଥକ ହେବ, ବିଶ୍ୱର କଲ୍ୟାଣ ମଧ୍ୟ ସମ୍ଭବ ହେବ ।

୧। ସ୍ଥୂଳ ବୋଧରେ ଅଭାବ ହେତୁ ଗୁରୁଙ୍କ ସହିତ ବହୁଳ ମିଳାମିଶା ସମ୍ଭବ ହୁଏ ନାହିଁ । (୧୦.୧.୯୩)

୨। ଯେଉଁ ସତ୍‌ସଙ୍ଗକୁ ତମକୁ ପ୍ରବଚକ ଭାବରେ ଡ଼କାଯିବ, ସେଠାକୁ ଆଉ କାହାକୁ କାହାକୁ ଡ଼କା ଯାଇଛି (ପ୍ରବଚକ ଭାବରେ), ପଚାରି ବୁଝିବ ଏବଂ ନିଜର ପ୍ରବଚନର ବିଷୟବସ୍ତୁ ନିର୍ଣ୍ଣୟ କରିନେବ । (୧୯.୫.୯୩)

୩। ତମେମାନେ ଆମ ପାଖକୁ ଆସୁଛ, ପାଖରେ ବସୁଛ; ଆମ ଉପରେ ରାଗୁଛ କି ? ତମେ ଯେଉଁଦିନ ଅତି ବେଶି ରାଗିବ, ସେଦିନ ତମକୁ ଯାହା ଦେବା କଥା ଦେବି । (୨୭.୫.୯୩)

୪। ତୁମେମାନେ କେବଳ ମୋ ଘର, ମୋ ସ୍ତ୍ରୀ, ମୋ ପିଲା, ମୋ ପରିବାର ବୋଲି ହେଉଛ; ଥରେ ତାଙ୍କୁ ଛାଡ଼ିଦେଇ ଦେଖ : ସେମାନେ ଚଳୁଛନ୍ତି କି ନାହିଁ । ସେମାନେ ଆତ୍ମନିର୍ଭରଶୀଳ ହୋଇଯିବେ । କାରଣ, ସେମାନଙ୍କଠାରେ ବଞ୍ଚିବା ବଢ଼ିବା ଦୁଇଟାଯାକ ଅଛି । (୨୯.୫.୯୩)

୫। ଏଠାରେ ସମସ୍ତେ ଅନେକ ପ୍ରସ୍ତାବ ଦେଇ ନିଷ୍ପତ୍ତି ମଧ୍ୟ ଦେଇଦେଉଛନ୍ତି । ବୁଝୁନାହାନ୍ତି ଯେ, ଏହା ଉପରେ ଏକ ଅଦୃଶ୍ୟଶକ୍ତି ନିଷ୍ପତ୍ତି ଦେବାପାଇଁ ରହିଛି । ତେଣୁ ସମସ୍ତଙ୍କର ସର୍ବଦା ପ୍ରସ୍ତାବ ଦେଇ ନିଷ୍ପତ୍ତି ପାଇଁ ଅପେକ୍ଷା କରିବା ଉଚିତ୍ । (୩୦.୫.୯୩)

୬। ଆଶୀର୍ବାଦ ଓ କୃପା କୌଣସି ଠୁଳବସ୍ତୁ ନୁହେଁ । ଏହା ଅବ୍ୟକ୍ତ । ଏଠାରେ ରହିଲେ ବା ଆନୁଗତ୍ୟ ପ୍ରକାଶ କଲେ ଯେ କୃପା ପାଇଯିବ, ତାହା ନୁହେଁ । କୃପା ପାଇବାକୁ ହେଲେ,ଭାବ ଦରକାର । ପାଣ୍ଡବ କୌରବ ତତ୍ତ୍ୱ ମନ ମଧ୍ୟରେ ମନ୍ଥନ କର, ସବୁ ବୁଝିପାରିବ । (୫.୬.୯୩)

୭। ସାଧନାରେ ସିଦ୍ଧିଲାଭ ବଳରୁ ସାଧକ ମଧ୍ୟ ନିଜ ଶରୀରରେ ବିଭିନ୍ନ ଚିହ୍ନ ଦେଖାଇ ପାରିବାର ସୂତ୍ର ଲାଭ କରି ଥାଆନ୍ତି । (୧୯.୬.୯୩)

୮। ହିରଣ୍ୟଗର୍ଭ ୧୦୩୨ ମଣ୍ଡଳ, ୨୩୪ କକ୍ଷଭୋଗ । ହନୁମାନ ଓ ଗରୁଡ଼ ୩୬ କକ୍ଷ ଅତିକ୍ରମ କରି ପାରିଲେ ନାହିଁ । ଭୂଷଣ୍ଡକାକର ରାମଲକ୍ଷ୍ମଣଙ୍କର ନାଗଫାଶ ବନ୍ଧନ ପରେ ଗୁଣକୀର୍ତ୍ତନ ପ୍ରସଙ୍ଗରେ ଅଛି; ପଢ଼ି ବୁଝିବ । (୨୨.୬.୯୩)

୯ । ସାଧନାର ପୂର୍ଣ୍ଣ ସିଦ୍ଧିପରେ ବ୍ରହ୍ମ ଭିତରେ ବ୍ରହ୍ମକୁ ଦେଖିପାରିବ; ଅର୍ଥାତ୍ ବ୍ରହ୍ମ ବ୍ରହ୍ମକୁ ଉପଲବ୍ଧ କରିପାରିବ । (୨୩.୬.୯୩)

୧୦। ଅନାଥାଶ୍ରମର ଅନାଥ ପିଲାମାନଙ୍କର ଦାୟିତ୍ୱ ଆମେ ନିଜେ ନଜର ଦେଇ ନେଇଛୁ । କୌଣସି ଅସୁବିଧା ହେବ ନାହିଁ । (୨୪.୬.୯୩)

୧୧। ଯୁଦ୍ଧବୀରଙ୍କର କଥା ଶ୍ରବଣକଲେ, ଭୟାଳୁ ବ୍ୟକ୍ତି ମଧ୍ୟବୀରତ୍ୱ ପ୍ରାପ୍ତ ହୁଏ । କର୍ମ ବିମୁଖ ଆଳସ୍ୟ ପରାୟଣ ବ୍ୟକ୍ତି ମଧ୍ୟ କର୍ମ ତତ୍ପର ହୋଇ ଉଠେ । ସାଧାରଣ ମଣିଷ ମାତ୍ରେ କର୍ମକ୍ଷେତ୍ରରେ ସର୍ବଦା ଜୟଯୁକ୍ତ ହୁଏ । (୬.୧.୯୪, ଗୁରୁବାର ସଂଧ୍ୟା, ଭୁବନେଶ୍ୱର)

୧୨। ସବିଦ୍ୟମାନେ ଚାରି ଶ୍ରେଣୀର : ଯଥା ଶସ୍ତ୍ର ସବିଦ୍ୟ, ଶାସ୍ତ୍ର ସବିଦ୍ୟ, ଲୌକିକ ସବିଦ୍ୟ ଏବଂ ଉପସବିଦ୍ୟ ।(୨.୨.୯୪)

୧୩। ଭଲକାମ କଲେ, ମଣିଷ ଭଲ ହେବ ସତ, ମାତ୍ର ତତ୍ତ୍ୱଜ୍ଞାନ ଲାଭ ହେବ ନାହିଁ । (୮.୨.୯୪)

୧୪। ବୀର ହୋଇ ବୁଦ୍ଧିହୀନ, ବୁଦ୍ଧିମାନ ହୋଇ ବୀର୍ଯ୍ୟହୀନ, ଜ୍ଞାନୀ ହୋଇ ଭୟାଳୁ ଓ ନିର୍ଭୀକ ହୋଇ ଜ୍ଞାନହୀନ ବ୍ୟକ୍ତି ସଂସାରରେ ପୂରି ରହିଛନ୍ତି । ବିଦ୍ୟା, ବୁଦ୍ଧି ଏବଂ ବୀରତ୍ୱ ଏକତ୍ର ଜଣେ ବ୍ୟକ୍ତିଠାରେ ଏକାନ୍ତ ବିରଳ ଅଟେ । ଯାହାଠାରେ ଏହାର ଏକତ୍ର ସମାବେଶ, ସେ ହିଁ ଦିବ୍ୟାତ୍ମା । (୧୭.୨.୯୪)

୧୫। ଜଣେ ପ୍ରକୃତ ଦିବ୍ୟାତ୍ମା ଖୋଜି ପାଇବା ଦୁଷ୍କର । ଯେ କାମ, କ୍ରୋଧ, ଲୋଭାଦିକୁ ସାଧନକରି ବଶୀଭୂତ କରିଥିବ; ନିଦ୍ରା, କ୍ଷୁଧା, ତୃଷା, ଆଳସ୍ୟ, ଅହଂକାର, ଲଜ୍ଜା, ଘୃଣା, କୁଣ୍ଠା, ଈର୍ଷା, ହିଂସା, ପରଶ୍ରୀକାତରତାକୁ ଦୂରେଇ ପାରିଥିବ, ପରଧନ ହରଣ କରୁ ନ ଥିବ, ପରସ୍ତ୍ରୀ ସମ୍ଭୋଗ କରୁ ନ ଥିବ; ଅନାଚାରୀ, ଭ୍ରଷ୍ଟାଚାରୀ ହୋଇ ନଥିବ; ସେହି ଆମ ବିଚାରରେ ପ୍ରକୃତ ଦିବ୍ୟାତ୍ମା । ଆମେ ତା' ହୃଦୟରେ ବିରାଜି ଦୟାକରି ଜ୍ଞାନ, ବୁଦ୍ଧି, ବିବେକ ଓ ନିର୍ଭୀକତା ତା'କୁ ପ୍ରଦାନ କରୁଁ; ନତୁବା ନୁହେଁ ।(୨୧.୨.୯୪, ସୋମବାର ସଂଧ୍ୟା)

୧୬। ମନୁଷ୍ୟର ଦେହ ନଷ୍ଟହୁଏ, ହେବ । ଏହା ସ୍ଥୁଳ ଦେହର କଥା । ସ୍ଥୁଳ ଧନଜନ ସବୁ ନଷ୍ଟ ହୋଇଯିବ; ସତ । ମାତ୍ର ସୂକ୍ଷ୍ମଶରୀର, ଉତ୍ତମଗୁଣ, ଆଚରଣ ଓ ଚରିତ୍ର ତଥା ସାଧନା ବା ସିଦ୍ଧି କେତେବେଳେ ନଷ୍ଟ ହୁଏ ନାହିଁ ।(୨୨.୨.୯୪)

୧୭। ସଦାସର୍ବଦା ପରିବର୍ତ୍ତନଶୀଳ ଯାହା, ତାହାହିଁ ମାୟା । ଏହି ଅନନ୍ତ ସୃଷ୍ଟି ସତତ ପରିବର୍ତ୍ତନଶୀଳ । ତେଣୁ ଏହି ସୃଷ୍ଟି ହିଁ ମାୟା ।। (୩.୫.୯୪)

୧୮। ସାମ୍ପ୍ରତିକ ସମାଜ ଓ ସଭ୍ୟତାର ସୂର୍ଯ୍ୟାସ୍ତ ଅନିବାର୍ଯ୍ୟ । ଏହାକୁ କେହି ନିବାରଣ କରିପାରେନା, କରି ପାରିବ ନାହିଁ ମଧ୍ୟ । ସେହି ଅବଶ୍ୟମ୍ଭାବୀ ଦୁର୍ଦ୍ଦିନ ସନ୍ନିକଟ । (୩.୫.୯୪)

୧୯। ସର୍ବଦା ସ୍ମରଣ ଥାଏ ଯେପରି: ଯାହାବି ହେଉଛି, ତାହା ସୃଷ୍ଟିର ମଙ୍ଗଳପାଇଁ ହେଉଛି, ହେବ ମଧ୍ୟ ଜଗତର କଲ୍ୟାଣ ପାଇଁ ।(୧୬.୧୧.୯୪)

୨୦। ପବନ (ବାୟୁ) ବାହିତ / ଚାଳିତ ରୋଗ ନିର୍ଣ୍ଣୟ କରିବା ସହଜ ସାଧ୍ୟ ନୁହେଁ । ଏପ୍ରକାର ରୋଗ ଗ୍ରହଦୋଷରୁ ସଂକ୍ରମଣ କରେ । (୧୬.୧୧.୯୪)

୨୧। ଆମ ନିଷ୍ପତ୍ତି ଉପରେ ତମେ ନିଷ୍ପତ୍ତି ଦେଉଛ । ତମର କ'ଣ ଏତେ ସମର୍ପଣ ଭାବ ଆସିଲାଣି ? (୨୧.୧୧.୯୪)

୨୨। ପରମାର୍ଥୀ ଜୀବନରେ ଯେତେ ଅଧିକ ଅନ୍ତର୍ମୁଖୀ ହେବ,ସେତେ ଅଧିକ ସ୍ୱାଦ ପାଇବ । ବହିର୍ମୁଖୀ ଭାବରେ ବାସ୍ତବ ସ୍ୱାଦ ପାଇପାରିବ ନାହିଁ । ମନନ, ଚିନ୍ତନ, ମାନସଜପ, ସ୍ମରଣ ଇତ୍ୟାଦି ଅନ୍ତର୍ମୁଖୀ ଭାବର ଅନ୍ତର୍ଗତ । (୨୧.୧୧.୯୪)

୨୩। ପ୍ରାରବ୍ଧର ସିଦ୍ଧି ନ ଥିଲେ, ଆଧ୍ୟାତ୍ମିକ କ୍ଷେତ୍ରରେ ଉନ୍ନତି କରିବା ବହୁ ସାଧନା ସାପେକ୍ଷ । ଯଥାର୍ଥ ସାଧନା ନ କଲେ, ଉନ୍ନତି କରିବ କିପରି ? (୨୪.୧୧.୯୪)

୨୪। ଅନ୍ୟର ବ୍ୟବହାର୍ଯ୍ୟ ଦ୍ରବ୍ୟ ବ୍ୟବହାର କରିବା, ଅନ୍ୟକୁ ମାଗିବା, ଅନ୍ୟଠାରୁ କିଛି ଗ୍ରହଣ କରିବା ଦ୍ୱାରା ପରମାର୍ଥୀ ଜୀବନରେ ଉନ୍ନତି ବାଧା ପ୍ରାପ୍ତ ହୁଏ । (୨୪.୧୧.୯୪)

୨୫। ତମକୁ ଯେତେ ବାଧିବ, ସେତେ ମଙ୍ଗଳ । କାରଣ ଏହାଦ୍ୱାରା ମନ ଛୋଟ ହୋଇ ସରଳ ହୋଇଯିବ । ସରଳତା ହିଁ ଆତ୍ମିକ ଉନ୍ନୟନର ପ୍ରକୃଷ୍ଟ ମାର୍ଗ । (୨୪.୧୧.୯୪)

ପ୍ରେକ୍ଷାଳୟରେ ଜଣେ ବ୍ୟକ୍ତି ଯନ୍ତ୍ର ସାହାଯ୍ୟରେ ତୁମକୁ ଚଳଚ୍ଚିତ୍ର ଦେଖାଉଛି । କିନ୍ତୁ ତୁମେ ଯଦି ସେ ସ୍ଥାନ ପରିତ୍ୟାଗ କରୁଛ କିମ୍ବା କୌଣସି ଯାନ୍ତ୍ରିକ ତ୍ରୁଟି ହେଉଛି, ଆଉ ଦେଖିପାରୁଛ କି ? ଏହା ସତ୍ୟ-ସେହି ଛବି ଦେଖିବା ସମୟରେ ତୁମେ ମଜ୍ଜିଯାଉଛ । ହଠାତ୍ ବାଧା ଆସିଲେ କ୍ରୋଧ ଓ ବିରକ୍ତି ଆସୁଛି । ମାତ୍ର କିଛି ସମୟ ପରେ ମନ ଆପେ ଆପେ ସେହି ଛବିରୁ ଦୂରେଇ ଯାଉଛି । ଠିକ୍ ସେହିପରି ମହାମାୟା ତୁମ ସମ୍ମୁଖରେ ସର୍ବଦା ବିଷୟାର ମିଥ୍ୟା ଚାକଚକ୍ୟ ଭରା ଲୋଭନୀୟ ଛବି ଦେଖାଇ ତୁମକୁ ମଜ୍ଜାଇ ଦେଉଛନ୍ତି । ଯଦି ଗୁରୁନିଷ୍ଠା, ଗୁରୁ ମନ୍ତ୍ର ମନନ, ଗୁରୁ ନିର୍ଦ୍ଦେଶ ପାଳନ ଆଦି କ୍ରିୟାଗୁଡିକ କରିବ, ତେବେ ତାଙ୍କର ସେ ଚିତ୍ର ପ୍ରଦର୍ଶନ ଯନ୍ତ୍ର ଅଚଳ ହୋଇଯିବ । ଆଉ ତୁମକୁ ସେ ବନ୍ଦୀ କରିପାରିବେ ନାହିଁ ।

ॐ ॐ - କୈବଲ୍ୟ କଣିକା -

## କୁମର ସଂହିତା : ଉନତ୍ରିଂଶ ଅଧ୍ୟାୟରୁ ଉଦ୍ଧୃତାଂଶର ସରଳ ସଂକ୍ଷିପ୍ତ ବ୍ୟାଖ୍ୟା :-

ନିରାଲମ୍ବ ସମାଧିଯୋଗର ଶୀର୍ଷରେ ଉପନୀତ ହୋଇ ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ନିରାକାର ବ୍ରହ୍ମଙ୍କ ସହିତ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ କରି କଳିକାଳରେ ଭବବନ୍ଧନରୁ ମୁକ୍ତି ପାଇବାର ଉପାୟ ପଚାରନ୍ତେ ନିରାକାର ପୁରୁଷ ସନ୍ତୁଷ୍ଟ ହୋଇ ନିମ୍ନମତେ ଅଚ୍ୟୁତଙ୍କୁ ସମ୍ବୋଧନ କରି ଯୋଗମାର୍ଗର ତତ୍ତ୍ୱ ପିଣ୍ଡମତରେ ପ୍ରକାଶ କରିଅଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ନିରାକାରଙ୍କର ଏହି ତାତ୍ତ୍ୱିକ ମତ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ସ୍ୱରଚିତ ଅମର କୁମର ବା କୁମର ସଂହିତାର ୨୯ ଅଧ୍ୟାୟ ଆରମ୍ଭରେ ଉଲ୍ଲେଖ କରିଅଛନ୍ତି ।

ଯୋଗୀର ଚିତରେ ଥିବା ସ୍ନାୟୁଗ୍ରନ୍ଥିର ଆଠଗୋଟି ଦ୍ୱାର ନାମ - (୧) ଉର୍ମି, (୨) ଧୂର୍ମି, (୩) ସ୍ୱଧୃତି, (୪) ଗୁର୍ଜହୀ, (୫) ନିର୍ଭାହ, (୬) ଶୁଣୁଣି, (୭) ହବିର୍ଣ୍ଣା ଏବଂ (୮) ରଣିପ୍ସା । ଏହି ଆଠଗୋଟି ସ୍ନାୟୁଦ୍ୱାରକୁ ଆଠଗୋଟି ମଠ ବୋଲି ପିଣ୍ଡତତ୍ତ୍ୱରେ ଯୋଗୀମାନଙ୍କର ଯୋଗଜ୍ଞାନ ସୁପକ୍ୱ କରିବା ପାଇଁ ନିରାକାର ଅଚ୍ୟୁତଙ୍କୁ ଉପଦେଶ ଦେଇଛନ୍ତି । ସେହିପରି ଚୈତନ୍ୟରେ ଥିବା ସ୍ନାୟୁଗ୍ରନ୍ଥିର ଆଠଗୋଟି ଦ୍ୱାରର ନାମ - (୧) ଗୁମ୍ୟ, (୨) ସୌମ୍ୟୟ, (୩) ନିରତା, (୪) ଔଜେନ୍ମ, (୫) ଶୁକର୍ଣ୍ଣ, (୬) ଆରଠି, (୭) ବାନାସ୍ୟ, ଏବଂ (୮) ଉରଶାବଃ । ଏହି ଆଠଗୋଟି ଚୈତନ୍ୟ ସ୍ନାୟୁଦ୍ୱାରକୁ ଅନ୍ୟ ଆଠଗୋଟି ମଠ ବୋଲି ପିଣ୍ଡତତ୍ତ୍ୱରେ ନିରାକାର ଅଚ୍ୟୁତଙ୍କ ମାଧ୍ୟମରେ ଯୋଗୀମାନଙ୍କର ଗୋଚରାର୍ଥେ ପ୍ରକାଶ କରିଛନ୍ତି । ହୃଦୟରେ ଥିବା ବାରଗୋଟି ସ୍ନାୟୁର ନାମ - (୧) ନିଦାୟ, (୨) କାନୁଶା, (୩) ଆକୁଶୀଖା, (୪) ଇଁନ୍ତରା, (୫) ଭୁକ୍ଷୀ, (୬) ଶାୟଁକ, (୭) ଶୌରାକ୍ଷ, (୮) ଭୋଧାଇ, (୯) ନୃମକ୍ଷ, (୧୦) ଅଶାଣୀକା, (୧୧) ଗୁର୍ଣ୍ଣ୍ୟ ଏବଂ (୧୨) ବାରୁବ । ଅନ୍ୟ ବାରଗୋଟି ସ୍ନାୟୁର ନାମ - (୧) ଅଦ୍ୟକି, (୨) ଆରିକ୍ଷି, (୩) ଇସୁଭ, (୪) ଇଶ୍ୱପକ୍ଷ, (୫) ଉରାନ, (୬) ଉଣାଶ୍ୱବ, (୭) ଐନ୍ନକ୍ୟ, (୮) ଏରଣ୍ଡ, (୯) ଓରତ, (୧୦) ଔଷରୀକା, (୧୧) ଅଇଁମାଶୀ ଏବଂ (୧୨) ଅଶ୍ୱରିପୁ । ଯୋଗୀ ଯୋଗମାର୍ଗରେ ଗତି କରିବା ଅବସ୍ଥାରେ ପ୍ରତି ନିଃଶ୍ୱାସପ୍ରଶ୍ୱାସରେ ଗୁଣି ହୋଇ ୧୨X୧୨=୧୪୪ ସ୍ନାୟୁର ଦୂଷିତ କ୍ରିୟା ପ୍ରଶ୍ୱାସ ପଥଦେଇ ତ୍ୟାଗ କରିବା ଦ୍ୱାରା କ୍ରମଶଃ ତାହାର କୂଟକପଟ ଭାବାଦି ଅନ୍ତଃସ୍ଥଳରୁ ଦୂରୀଭୂତ ହୋଇ ହୃଦୟ ସରଳ ଏବଂ ନିର୍ମଳ ହୁଏ । ଏହାଦ୍ୱାରା ଯୋଗୀର ଆତ୍ମଦର୍ଶନ ବା ବ୍ରହ୍ମଦର୍ଶନର ପଥ ଖୋଲିଯାଏ । ନିରାକାର ବ୍ରହ୍ମ ଏଠାରେ ଅଚ୍ୟୁତଙ୍କୁ ଏକଥା ଉପଦେଶ ଛଳରେ କହୁଛନ୍ତି । ତ୍ରିକୂଟକୁ ବ୍ରହ୍ମଦ୍ୱାର ବୋଲାଯାଏ । ପିଣ୍ଡତତ୍ତ୍ୱରେ ଅଲୌତ୍ରିକୂଟରେ ନିରାକାର ବ୍ରହ୍ମ ଅବସ୍ଥିତ ବୋଲି ଏଥିରୁ ଜଣାଯାଏ । ଚିତରେ ଥିବା ଆଠଗୋଟି ସ୍ନାୟୁ ସହିତ ଅନ୍ୟ ଚାରିଗୋଟି ସ୍ନାୟୁ - (୧) ଉର୍ଜା, (୨) ହଜ, (୩) ନିୟଁଜ, (୪) ଅର୍ମଜ - ମିଶିଲେ ଚୈତନ୍ୟକୁ ବାଟ ଖୋଲେ । ଏହି ବାଟ ଖୋଲିଗଲେ ସେଠାରେ ହରିଦ୍ରା ବର୍ଣ୍ଣର ଆଲୋକ ଦେଖାଯାଏ । ଓଁ - ଅଣଅକ୍ଷର ସଦାସର୍ବଦା ହରଣ ହୁଏ । ଏହାର ଅର୍ଥ ; ଜୀବର ଆଖିପିଛୁଳାକେ ଅଣଅକ୍ଷର ଦର୍ଶନ ଦେଇ ଛପିଯାଏ । ପୁଣି ପଲକମାତ୍ରେ ଦେଖାଯାଉଥାଏ । ବାରଗୋଟି ଘର - (୧) ଅନଟ, (୨) ବୃଝଟ, (୩) ଡ୍ରୀକ, (୪) ନାଶ୍ୟଫ, (୫) ଭୂଜାକ୍ଷା, (୬) ଶ୍ରାପ୍ୟ, (୭) ଆଧୋରୀ, (୮) ନିଫଣ, (୯) ଅଶ୍ୱିନୀ, (୧୦) ଭୁରାକ୍ଷା, (୧୧) ସୌକାଃ, ଏବଂ (୧୨) କ୍ଷୋକାନ୍ - ଏହି ଘରଗୁଡ଼ିକରେ ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଜ୍ୟୋତିଷ୍ମାନ ଅକ୍ଷର ଦେଖି ଅନୁଭବରେ ଆଣେ ଏବଂ ଜ୍ୟୋତିଃ ଆଲୋକରେ ସଦାସର୍ବଦା ବୁଡିରହେ । ଏହି ବାର ଘରର ଫଳ - ହ୍ରୌଁ-ଅଟେ । ଅନଟ ଘରେ ଏହା ଅବସ୍ଥାନ କରେ । (୧)

ପାଞ୍ଚମନ ସହିତ ଏକ ଚୈତନ୍ୟକୁ ଯୋଗୀ ଏକତ୍ର କଲେ ଲୟ ଏକ ହୁଏ । ଏକକୁ ଲୟ କରି ଜାଣିବାହିଁ ଜ୍ଞାନ ଏବଂ ଅନେକରେ ଲୟ ରଖି ଅନେକଙ୍କୁ ଜାଣିବାହିଁ ଅଜ୍ଞାନ । ଯୋଗୀ ଯୋଗପଥରେ ମନ ଚୈତନ୍ୟ ଏକ ଲୟରେ ସ୍ଥିର ରଖି ଯୋଗାରୂଢ଼ ଅବସ୍ଥାରେ ସମାଧିସ୍ତରରେ ଉପନୀତ ହେଲେ ନବଧାଭକ୍ତିର ସୃଷ୍ଟି ହୁଏ । ଫଳରେ ପାଞ୍ଚମନ+ଏକଚୈତନ୍ୟ x ନବଧାଭକ୍ତି =୫୪ଅର୍ଥାତ୍ ୨୭ ନକ୍ଷତ୍ର ଦ୍ୱିଗୁଣିତ । ଯୋଗୀ ପ୍ରାଣାୟାମ ସୂତ୍ରରେ ପୂରକ, କୁମ୍ଭକ, ରେଚକ ପ୍ରକ୍ରିୟାରେ ଚାନ୍ଦ୍ରାୟଣ ଓ ସୂର୍ଯ୍ୟାୟଣ ମତରେ ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ କରି ଷଡ଼ବୀଜ - ଓଁ, ହ୍ରାଂ, କ୍ଲାଂ, ଶ୍ରାଂ, ଧ୍ଲାଂ, ପ୍ଲାଂ - ମାତ୍ରା ଦେଇ ୧୬ନାମ ଅର୍ଥାତ୍ - ହରେ କୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ - କୁ ଯୋଗ କରି ଜପ କରନ୍ତି । ପ୍ରଥମ ତତ୍ତ୍ୱରେ ''ସୋଽହଂ'' ଏବଂ ୨ୟ ତତ୍ତ୍ୱରେ ''ହଂସଃ'' ସୂତ୍ର ଧରି ଯୋଗଯୁକ୍ତ ଅବସ୍ଥାରେ ଜପକଲେ ଚୈତନ୍ୟଦ୍ୱାରରେ ଅପାନ ବାୟୁ ପହଞ୍ଚି ତ୍ରିକୂଟ ପଥଦେଇ

ବ୍ରହ୍ମନାଡ଼ୀ ବା ସୁଷୁମ୍ନାରେ ପ୍ରବେଶ କରେ । ଯୋଗୀ ଏହି ଫଳକୁ ସୂକ୍ଷ୍ମସୂତ୍ରରେ ୨ୟ ଘରେ ଯତ୍ନର ସହିତ ସାଇତି ରଖେ । (୨)

ଆକାର ଘର ବକ୍ରତ୍ରିକୂଟ - ଏହା ନାଲି ବର୍ଣ୍ଣ ଓ ଏହାର ବୀଜ - ଅଂ । ସକାରଘର ରୁଦ୍ରତ୍ରିକୂଟ - ଏହା ନୀଳବର୍ଣ୍ଣ ଏବଂ ଏହାର ବୀଜ ସଂ । ଏହି ଦୁଇଟି ଅକ୍ଷର ନାମବୀଜ କ୍ଷରିତ ହୋଇ କ୍ଷର - ''ସୋଽହଂ'' ବା ''ହଂସଃ''ରେ ପରିଣତ ହୁଏ । ଏହି ଅକ୍ଷରବୀଜ ଓ କ୍ଷରବୀଜର ଗୁଣନ ଯୋଗୀର ଯୋଗପଥରେ ଅଣସୂତ୍ର ଘର ବା ଚିତ୍ତ ବୈଖାରୀୟ ଗୃହରେ ବତିଶ ଅକ୍ଷର ମହାମନ୍ତ୍ର ସ୍ୱର୍ଣ୍ଣାକ୍ଷରରେ ଜାଜ୍ୱଲ୍ୟମାନ ହୋଇଥିବାର ଯୋଗୀ ନିରୀକ୍ଷଣ କରେ । ଯୋଗୀ ତୃତୀୟ ଗୃହ ବା ଅଣସୂତ୍ର ନାଦଗୃହରେ ଓଁ କାର ଡ଼ାହାଣ ପଟେ ଲଲାଟରେ ଦର୍ଶନ କରେ । ଏହାର ବର୍ଣ୍ଣ ଧବଳ ଅଟେ । (୩)

ଲଲାଟର ବାମଭାଗରେ ତ୍ରିବେଣୀ ଝରର ସ୍ଥଳ ଅଟେ । ଏହାର ବର୍ଣ୍ଣ ନୀଳାଭ ଧୂସର । ଷୋଳଶୂନ୍ୟ ବୋଇଲେ ଷୋଳଅଣା । ଯୋଗୀ ଷୋଳଅଣା ବା ଏକଲୟରେ ଚୈତନ୍ୟର ପୂର୍ଣ୍ଣାଙ୍ଗ ଅବସ୍ଥାରେ ପହଞ୍ଚିଲେ ୪+୪=୮ମ ସୂତ୍ରୀଭବନ ପରି ଏହି ତ୍ରିବେଣୀଝରକୁ ଦର୍ଶନ କରେ । ସେଠାରେ ପ୍ରଥମ ୪=ଶ, ଅ, ଇ, ମ ଏବଂ ୨ୟ ୪ = ଶ, ଭ, ମ ଏବଂ କ - ଏହି ଆଠଗୋଟି ଅକ୍ଷରରେ ଦର୍ଶନ କରେ । ସପ୍ତମ ଯୋଗ ସୋପାନରେ ପାଦ ଦେଇ ଅଷ୍ଟମକୁ ଗତି କଲେ ଅଷ୍ଟାଙ୍ଗଯୋଗ ଶେଷରେ ଯୋଗୀ ନାଭିପଦ୍ମରେ କ୍ଷିତିକୁ ତ୍ୟାଗକରି ହୃଦପଦ୍ମରେ ଜଳ, ତେଜ, ବାୟୁ ଓ ଆକାଶକୁ ନିରୀକ୍ଷଣ କରେ ।(୪)

ଯୋଗୀ ଏକମନ କରି ଏକଲୟରେ ପାଞ୍ଚମନ ମଧ୍ୟରୁ ଅମନ ବା ଅବ୍ୟକ୍ତ ମନ ଅର୍ଥାତ୍ ଅନାହତ ପିଣ୍ଡଗୃହରେ ଭାବ ସଂଯୋଗ କରି ଗାୟତ୍ରୀ ମନ୍ତ୍ରରେ ଭଜନ କଲେ, ଗାୟତ୍ରୀ ଅକ୍ଷର ତତ୍ତ୍ୱର ମୂଳ ପିଣ୍ଡ ଉପଲବ୍ଧ କରେ । ନିର୍ବିକଳ୍ପ ସମାଧିର ପୂର୍ଣ୍ଣାଙ୍ଗ ଅବସ୍ଥାରେ ଯୋଗୀ ପରଂବ୍ରହ୍ମ ଦର୍ଶନ କରେ । (୫)

ତ୍ରିଗୁଣର ଅଙ୍କୁଶ ଗୁଡ଼ିକ ଅନାହତ ପିଣ୍ଡଗୃହରେ ଠୁଳରଖି ଚୈତନ୍ୟଶକ୍ତି ଦ୍ୱାରା ଷୋଳନାମ (ବତିଶ ଅକ୍ଷର) ଦ୍ୱାରା ଆଦିଶକ୍ତି ବା କାରଣଶକ୍ତିର ପ୍ରଭାବରୁ ଯୋଗୀର ମାୟାଜାଲ ଖୋଲିଯାଏ । ଏହିଠାରେ ଗୋଲହାଟ ବା ବୃନ୍ଦାବନ ଅବସ୍ଥିତ । ଲଲାଟଚକ୍ରରେ ଅପାନବାୟୁ ପ୍ରବେଶ କଲେ 'ରା-ସ୍ୱା-' ଅକ୍ଷର ନୀଳ ଓ ଧବଳ ବର୍ଣ୍ଣରେ ଅବସ୍ଥାନ କରୁଥିବାର ଦର୍ଶନ ହୁଏ । 'ରା' ବର୍ଣ୍ଣଟି ଧବଳ ଏବଂ 'ସ୍ୱା' ବର୍ଣ୍ଣଟି ନୀଳ ଅଟେ । ଏହିଠାରେ ଯୋଗୀ ଅକ୍ଷରତତ୍ତ୍ୱରେ ଏହି ଦୁଇ ଅକ୍ଷର ମଧ୍ୟରେ ରାଧାକୃଷ୍ଣଙ୍କୁ ଦର୍ଶନ କରେ ଏବଂ ରାହାସ ମଧ୍ୟ ଅନୁଭବ କରେ । ଯୋଗୀ ଯେତେ ସମୟ ପର୍ଯ୍ୟନ୍ତ ଏହି ଷୋଳମଠରେ ଲୟ ସ୍ଥିର କରି ରଖିଥାଏ, ସେତେ ସମୟ ପର୍ଯ୍ୟନ୍ତ ଏହି ଦିବ୍ୟଦୃଶ୍ୟ ଦର୍ଶନ କରୁଥାଏ । ଯୋଗୀର ଲୟ ନିତ୍ୟବୃନ୍ଦାବନରେ ଅବସ୍ଥାନ କଲେ, ସାଧନାପଥର ଯନ୍ତ୍ର, ତନ୍ତ୍ର, ମନ୍ତ୍ରର ଆଲୋକ ଅକ୍ଷରସୋପାନ ଅତିକ୍ରମ କରି କ୍ଷରାତୀତ ଅବ୍ୟକ୍ତ ବ୍ରହ୍ମାନନ୍ଦ ଉପଲବ୍ଧ କରେ । (୬)

ବୃନ୍ଦାବନ ବା ଲଲାଟଚକ୍ରରେ ଯୋଗୀର ଲୟ ପ୍ରବେଶ କଲେ ତାହା ପୁଣି କଟିଯାଏ । ଅନଟ ଘର ବାରସୂତ୍ର ୱ ଚିହ୍ନ ଅଟେ । ଏହି ଚିହ୍ନରେ ବୃନ୍ଦାବନରେ ବା ଲଲାଟଚକ୍ରରେ କ, ବ, ଶ ଅକ୍ଷର ଅବ୍ୟକ୍ତ ଅବସ୍ଥାରେ ଗୋପନରେ ଛପି ରହିଥାଏ । ଶାସ୍ତ୍ରତତ୍ତ୍ୱରେ ଏହାକୁ କୁହାଯାଇଛି - ''ବୃନ୍ଦାବନଂ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି ।'' କ, ବ, ଶ ଅକ୍ଷରତତ୍ତ୍ୱ ବୃନ୍ଦାବନ ବା ଲଲାଟଚକ୍ର ବ୍ୟତୀତ ଅନ୍ୟତ୍ର ଦର୍ଶନ କରିବା ସମ୍ଭବ ନୁହେଁ । ଏହି ଅକ୍ଷର ତିନୋଟିର ବର୍ଣ୍ଣ ଯଥାକ୍ରମେ ଗୈରିକ, ନୀଳ ଓ ଧବଳ ଅଟେ । ଯୋଗୀର ପ୍ରତିଟି ନିଃଶ୍ୱାସପ୍ରଶ୍ୱାସ ଓ ବିଶ୍ୱାସରେ ଏବଂ ସମାଧିରେ ଏହା ସବୁବେଳେ ପ୍ରାପ୍ତ ହେଉଥାଏ । ପିଣ୍ଡତତ୍ତ୍ୱରେ ଯୋବରା ବୋଇଲେ ଧ୍ୱନିଶାରୀୟ ସ୍ନାୟୁ ଅଟେ । ଏହିଠାରେ ଯୋଗୀ ଯୋଗସିଦ୍ଧିର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ ପୂର୍ଣ୍ଣଦୃଢ଼ ହୋଇଯାଏ । ଚୈତନ୍ୟର ପଞ୍ଚମଗୃହରେ ପହଞ୍ଚିଲେ ଏହା ସମ୍ଭବ ହୁଏ । (୭)

ଚୈତନ୍ୟର ପଞ୍ଚମ ଗୃହରେ ନୀଳପଦ୍ମ ଦେଖାଯାଏ । ଏହିଠାରେ ସତ୍ୟଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସମସ୍ତ ସାଧୁସନ୍ଥ ଭକ୍ତମାନଙ୍କର ସୂକ୍ଷ୍ମଆତ୍ମା ପଦ୍ମର ପ୍ରାଣାଧିକାରୀ ରୂପେ ଥାଆନ୍ତି । ସେମାନେ ନିରାକାର ବ୍ରହ୍ମଙ୍କର ପରମ ପ୍ରାଣାଧିକ ଆତ୍ମୀୟ ଅଟନ୍ତି ବୋଲି ନିରାକାର ପୁରୁଷ ଅଚ୍ୟୁତଙ୍କୁ କହିଅଛନ୍ତି । ହ୍ଲୀଂ କ୍ଲୀଂ ଶ୍ଲୀଂ ଏହି ତିନିବୀଜ ସାଧାରଣତଃ ସମସ୍ତେ ଚୈତନ୍ୟ ପଞ୍ଚମ ଗୃହରେ ଧରି ପାରନ୍ତି ନାହିଁ । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ନିରାଲମ୍ବ ସମାଧିପ୍ରାପ୍ତ ହେଲେ ଚୈତନ୍ୟର ଷଷ୍ଠପାଦ ଅତିକ୍ରମ କରି ତ୍ରିବୀଜ (ହ୍ଲୀଂ କ୍ଲୀଂ ଶ୍ଲୀଂ) ବ୍ରହ୍ମା ବିଷ୍ଣୁ ଶିବ (ବିଷ୍ଣୁ = ଜଗନ୍ନାଥ=ସତ୍ତ୍ୱ, ବ୍ରହ୍ମା=ସୁଭଦ୍ରା=ରଜ, ଶିବ=ବଳଭଦ୍ର=ତମ)ଙ୍କୁ ସୂକ୍ଷ୍ମରୂପରେ ଦର୍ଶନ କରେ । ତ୍ରିବୀଜ ବା ତ୍ରିମୂର୍ତ୍ତି ଦର୍ଶନତତ୍ତ୍ୱକୁ ଯୋଗ ପରିଭାଷାରେ ଅମରଝୁମର ରସ ବା ଗୁଜରୀ ବୋଲାଯାଏ ।

ମହାପୁରୁଷ ଅଚ୍ୟୁତଙ୍କର ଜିଜ୍ଞାସାର ଉତ୍ତର ଦେଇ ନିରାକାର ବ୍ରହ୍ମ କଳିକାଳରେ ଜୀବ ଭବବନ୍ଧନରୁ ମୁକ୍ତ ହୋଇ ତରିଯିବାର ଯୋଗମାର୍ଗ ଏଠାରେ ପ୍ରକାଶ କରିଅଛନ୍ତି । (୮)

***

# ପୁରାଣ ପୃଷ୍ଠାରୁ : ଗଳ୍ପାଂଶ (ମାରୀଚ ଉପାଖ୍ୟାନ)ର ମୀମାଂସା ଖଣ୍ଡ

ପିଣ୍ଡତତ୍ତ୍ୱରେ ସୂର୍ପଣଖା ହେଉଛି ସ୍ଥୁଳମାୟା । ସ୍ଥୁଳମାୟାର ନାସାକର୍ଣ୍ଣ ଛେଦନ ବୋଇଲେ ପିଣ୍ଡତତ୍ତ୍ୱ ମତାନୁସାରେ ସୁଗନ୍ଧ ଗ୍ରହଣ ଓ କୁକଥା (କୁବଚନ) ଶ୍ରବଣରୁ ନିବୃତ୍ତ କରିବା ହିଁ ବୁଝାଯାଏ । ତମଗୁଣର ଭାବ ହେଉଛି ରାବଣ । ଏଠାରେ ନିଶ୍ୱାପୂର୍ଣ୍ଣ ଗତିପଥକୁ ରାବଣ ବୋଲି ଆଖ୍ୟା ଦିଆଯାଇଛି । ଅନ୍ତଃସ୍ଥଳରେ ସତ୍‌ନିଷ୍ଠାରେ ବ୍ରହ୍ମଚାରଣ ଥାଇ ଉପରେ କ୍ରୋଧପୂର୍ଣ୍ଣ ଆଚରଣକୁ ମଧ୍ୟ ରାବଣ କୁହାଯାଏ । ସୀତା ହରଣର ଅର୍ଥ ସ୍ଥୁଳମାୟାରୁ ମୁକ୍ତ ହୋଇ ଜ୍ୟୋତିଃମାୟା ବା ଯୋଗମାୟାରୁ ଊର୍ଦ୍ଧ୍ୱକୁ ଉଠିବାର ସୋପାନ ଶ୍ରେଣୀ ଅତିକ୍ରମ କରିବାର ଶପଥ ।

**ଯୋଗୀ** ଯୋଗମାର୍ଗରେ ଅଗ୍ରଗତି କରିବା ଅବସ୍ଥାରେ ସ୍ଥୁଳମାୟାର ରଜପୂର୍ଣ୍ଣଭାବର କ୍ରିୟା ତାଙ୍କର ସାଧନମାର୍ଗରେ ବାଧା ସୃଷ୍ଟିକରେ । ସେତେବେଳେ ସ୍ଥୁଳମାୟାର ନାସାକର୍ଣ୍ଣ ଛେଦନ କରନ୍ତି ଯୋଗେଶ୍ୱର । ସ୍ଥୁଳମାୟାର ଦୁଇଟି ନାସା ଗୋଟିକରେ ସେ ସୁଗନ୍ଧ ଗ୍ରହଣ କରେ ଓ ଅନ୍ୟଟିରେ ସେ କୁତ୍ସିତ କଠୋର ଭାଷାରେ କୁବର୍ଣ୍ଣନ କରେ । ଏହା ଛେଦନ କଲେ ଏହି ଦୁଇଟି ବାଧାରୁ ଯୋଗୀ ବର୍ତ୍ତିଯାଏ । ସେହିପରି ଦୁଇଟି କର୍ଣ୍ଣ-ବାମକର୍ଣ୍ଣ ଦ୍ୱାରା ସ୍ନେହପୂର୍ଣ୍ଣ ବନ୍ଧନରେ ମଜ୍ଜିଯିବା ଏବଂ ଦକ୍ଷିଣକର୍ଣ୍ଣ ଦ୍ୱାରା ମାୟାର ପ୍ରେମପୂର୍ଣ୍ଣ ବନ୍ଧନରେ ବାନ୍ଧିହୋଇ ଜିଦ୍‌ଖୋର ଅବସ୍ଥାରେ ଉପନୀତ ହେବା ଦ୍ୱାରା ଯୋଗଭ୍ରଷ୍ଟ ହେବାର ଆଶଙ୍କା ଥିବାରୁ ଯୋଗେଶ୍ୱର ଏ ଦୁଇଟି କର୍ଣ୍ଣ ଛେଦନ କରି ଯୋଗମାର୍ଗରେ ଯୋଗୀଙ୍କୁ ରକ୍ଷା କରିଥାଆନ୍ତି ।

ତମଗୁଣର ପରିପୂର୍ଣ୍ଣଭାବ, କ୍ରୋଧାଗ୍ନିରେ ଜର୍ଜରିତ ଭାବ ସହିତ ନିଶ୍ୱାରେ ଗତି ପଥ ସମାନ ହୋଇଥାଏ ଏବଂ ଆସୁରୀଭକ୍ତର ଅନ୍ତରରେ ବ୍ରହ୍ମଚାରଣ ଓ ଭକ୍ତିଭାବ ଥିଲେ ମଧ୍ୟ ଉପରେ କ୍ରୋଧର ଜ୍ୱଳନ ଫୁଟି ଉଠୁଥାଏ । ଏତାଦୃଶ ଅବସ୍ଥାରେ ହିଁ ଯୋଗୀକୁ ରାବଣ ବୋଲି କୁହାଯାଏ ।

**ଯୋଗୀ** ଯେତେବେଳେ ସତ୍‌ଗୁଣ ଅବସ୍ଥାରୁ କିଛି ଅଂଶ ନେଇ ଯୋଗପଥରେ ଗତିକରେ, ମତିଗତି ସହିତ ପରିପାର୍ଶ୍ୱିକ ଅବସ୍ଥାରେ ଯୋଗମାୟା ଘେରି ରହିଥାଆନ୍ତି । ଯୋଗମାୟା ଯୋଗସ୍ଥଳରେ ପହଞ୍ଚିବାରେ ସାହାଯ୍ୟ କରନ୍ତି ।

**ରଜ**, ତମରୁ ଭାବ ତୋଳି ମାୟା ପାଞ୍ଚୋଟି ବାଟୀ ସୃଷ୍ଟି କରି ଚାରିପାଖରେ ଜଗୁଆଳ ଭାବରେ ଜଗି ରହିଥାଆନ୍ତି । ଏହାକୁ ପଞ୍ଚବଟୀ ବୋଲି କୁହାଯାଇଛି । ଏହି ପଞ୍ଚବଟୀର ପାଞ୍ଚୋଟି ବାଟୀ ହେଉଛି - (୧) ଉଗ୍ରଭାବ, (୨) ବ୍ୟଗ୍ରତା, (୩) ଛଳନା , (୪) ସନ୍ଦେହ ଏବଂ (୫) ସ୍ୱାର୍ଥହାସଲ ପାଇଁ ଜାଲକ ବିଦ୍ୟା । ଏହି ପଞ୍ଚବଟୀକୁ ରକ୍ଷୀ ବା ପ୍ରହରୀ ଭାବରେ ମାୟା ଜଗି ରହିଥାଏ ।

**କୁଟଚକ୍ରୀ** ମାୟା-ଯାହାକି ଦେହ ମଧ୍ୟରେ ସୁନ୍ଦରତାକୁ ରଖି ଯେ ଅନ୍ୟକୁ ଆକୃଷ୍ଟ କରି ନଷ୍ଟଭ୍ରଷ୍ଟ କରି ପକାଉଛି, ତାହାକୁ ମାରୀଚ କୁହାଯାଏ । ଦୁଷ୍ଟିକକୋଷକୁ ମାରୀଚ କୁହାଯାଇଛି । ମାରୀଚର ମୃଗରୂପ ଧାରଣର ଅର୍ଥ ହେଉଛି : ଯୋଗୀ ଯୋଗମାର୍ଗରେ ଅଗ୍ରଗତି କରି ସବିକଳ୍ପ ସମାଧିରେ ପାଦଦେଲେ, ହରିଦ୍ରାବର୍ଣ୍ଣର ଜ୍ୟୋତିଃ ଦର୍ଶନ କରନ୍ତି । ହରିଦ୍ରାବର୍ଣ୍ଣ ଜ୍ୟୋତିଃର ଦଶଗୋଟି ସୂକ୍ଷ୍ମସୂତ୍ରୀ ପଥ ଅଛି । ଏହାକୁ ଜ୍ଞାନପଥ ବୋଲାଯାଏ । ମାୟାମୃଗର ଚକ୍ଷୁ ଦୁଇଟି ଚନ୍ଦ୍ର ଓ ସୂର୍ଯ୍ୟ । ସମଗ୍ର ଶରୀର ଲାଲ-ଅର୍ଥାତ୍ ରଜ ଓ ତମ ମିଶ୍ରିତ ଗୁଣର ବର୍ଣ୍ଣ । ଏହି ମିଶ୍ରଣର ଶୁଦ୍ଧସ୍ୱରୂପ କ୍ରିୟାପୂର୍ଣ୍ଣ ଭାବରେ ସୌନ୍ଦର୍ଯ୍ୟରେ ଠୁଳ ହୋଇଥାଆନ୍ତି । ଚାରୋଟି ଖୁରା ହିଁ ଚାରିବେଦର ସୂକ୍ଷ୍ମସ୍ୱରୂପ । ମୂଳପିଣ୍ଡର ସୃଷ୍ଟିସ୍ୱରୂପରେ ଏହା ଦେଖାଯାଏ । ଦୁଇଟି ଶିଙ୍ଗ ହେଉଛି ପ୍ରତିଜ୍ଞା ଓ ଦୃଢ଼ତା । ଓଷ୍ଠ ଦୁଇଟି ହିଁ ଆଜ୍ଞାପାଳନ ଓ ନିଷ୍ଠାପର କାର୍ଯ୍ୟର ପ୍ରତୀକ ।

**ଯୋଗୀ** ଶରୀରର ଆତ୍ମା ହିଁ ରାମ ଅଟନ୍ତି । ରାମଙ୍କର କୁଟୀର ବୋଇଲେ ଯୋଗୀର ନିର୍ବିକଳ୍ପ ସମାଧିଯୋଗ ଅବସ୍ଥାରେ ଯୋଗମାୟାର କାର୍ଯ୍ୟକାରିତାକୁ ଆତ୍ମାର ସ୍ଥିତାବସ୍ଥା-ଯାହାର ଚାରିପାଖରେ ଯୋଗମାୟା ଘୂର୍ଣ୍ଣନ ଅବସ୍ଥାରେ ଅବସ୍ଥାନ କରି ଯୋଗୀର ପରମାର୍ଥ ପ୍ରାପ୍ତିରେ ଅକୁଣ୍ଠିତ ସହଯୋଗ କରିଥାଆନ୍ତି ।

ସୀତାଦେବୀ ହେଉଛନ୍ତି ବୈଷ୍ଣବୀ । ବୈଷ୍ଣବୀମାୟା ଯୋଗୀପିଣ୍ଡରେ ପ୍ରବେଶ କଲେ, ପ୍ରକୃତିରୂପିଣୀ ମାୟାରେ ପରିଣତ ହୋଇ ମୃଗର ସ୍ୱଭାବ ଚପଳତା ହେତୁ ସେହିପରି ଦ୍ରୁତଗାମୀ ହୋଇ ମନକୁ ଦୌଡ଼ାଏ । ଲକ୍ଷ୍ମଣ ବୋଇଲେ ଜୀବ । ଜୀବର ଆଚରଣ ମାୟାରେ ଘାଣ୍ଟି ହେବା; ମାତ୍ର ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଜୀବର ସାଧାରଣ ସ୍ୱଭାବ ତ୍ୟାଗ କରି ଚପଳତା ବଶରୁ ଦ୍ରୁତଗାମୀ ହୋଇ ମନକୁ ମାୟାପଥରୁ ଧାଇଁବାରେ ନିବୃତ୍ତ କରାଇଥାଏ । ବୈଷ୍ଣବୀ ମାୟା, କୂଟଚକ୍ରୀମାୟାର ସୌନ୍ଦର୍ଯ୍ୟ ପ୍ରତି ଆତ୍ମାକୁ ଆକୃଷ୍ଟ କରିବା ବେଳେ ଯୋଗୀର ଜୀବଭାବ ଅସାଧାରଣ ଯୋଗ ପ୍ରଭାବରୁ ବଳଶାଳୀ ହୋଇ ମାୟା ପଛରେ ନ ଧାଇଁବା ପାଇଁ ନିବେଦନ କରେ । ସେତେବେଳେ ଜୀବାତ୍ମା ପରମାତ୍ମାଙ୍କ ନିକଟବର୍ତ୍ତୀ ହୋଇଥିବାରୁ ମାୟାର ପ୍ରଭାବକୁ ପରାସ୍ତ କରି ବିନୟୀ ହୋଇ ବିଜୟୀ ହୁଏ ।

ଚର୍ମ ବୋଇଲେ ମୁହୂର୍ତ୍ତଭାବର ପରିବର୍ତ୍ତନ । ମୃଗର ଚର୍ମ ହେଉଛି ମାୟାବଶତଃ ମୁହୂର୍ତ୍ତଭାବର ପୁନଃପୁନଃ ପରିବର୍ତ୍ତନ । ପରମାତ୍ମା ଯୋଗୀର ଜୀବାତ୍ମାକୁ ବୈଷ୍ଣବୀମାୟାର ଦାୟିତ୍ୱ ଦେଇ କୂଟଚକ୍ରୀ ମାୟାର ସୌନ୍ଦର୍ଯ୍ୟ ସଂହାର ନିମନ୍ତେ ପ୍ରସ୍ତୁତ ହୋଇଯିବା ବେଳେ ଜୀବାତ୍ମାକୁ ଯୋଗପଥରେ ସମ୍ମୁଖୀନ ହେବାକୁ ଥିବା ନାନାଦି ଆପଦବିପଦ ପ୍ରତି ସଚେତନ ଓ ସତର୍କ କରାଇଦିଅନ୍ତି । ଅଚେତନ ଜୀବ ଏହା ବୁଝିପାରେ ନାହିଁ, ମାତ୍ର ଯୋଗୀମାନେ ସଚେତନ ଜୀବ ହୋଇଥିବାରୁ ତାହା ସ୍ପଷ୍ଟ ଉପଲବ୍ଧି କରିପାରନ୍ତି ଓ ପୂର୍ବରୁ ସତର୍କ ଓ ସାବଧାନ ହୋଇଯାଆନ୍ତି ।

ପିଣ୍ଡତତ୍ତ୍ୱ ମତରେ ରାବଣର ସୀତାହରଣ ସଂକଳ୍ପ ବୋଇଲେ, ସ୍ଥୂଳମାୟା ଯୋଗମାୟାକୁ ପାରି ହେବାର ଯେଉଁ ସଂକଳ୍ପ ଅବସ୍ଥା ତାହାକୁ ହିଁ ବୁଝିବାକୁ ହୁଏ । ବିଧିର ବିଧାନ ବୋଇଲେ ଅବ୍ୟକ୍ତସୂତ୍ର । ମାରୀଚର ଭାବନା ବୋଇଲେ, କୁଚିନ୍ତାବସ୍ଥା । ସ୍ଥୂଳରେ କୁଚିନ୍ତା ଅବସ୍ଥା ଜୀବର କୂଟଚକ୍ରୀ ମାୟା ପ୍ରଭାବରୁ ହୋଇଥାଏ । ଯୋଗମାର୍ଗ ଦେଇ କ୍ରମଶଃ ଗତିକଲେ, ସୂକ୍ଷ୍ମଅବସ୍ଥା ଉପନୀତ ହୁଏ ଓ ଶୁଦ୍ଧିସୂତ୍ର ଗ୍ରହଣ କରି ଯୋଗୀ ସମାଧିସ୍ତରରେ ବ୍ରହ୍ମଙ୍କର ନିକଟବର୍ତ୍ତୀ ହୁଅନ୍ତି ।

ଶ୍ରୀରାମଙ୍କର ମାରୀଚ ପଛରେ ଧାଇଁବା-ଯୋଗୀ ଯୋଗପଥରେ ଆତ୍ମାକୁ ଉପଲବ୍ଧି କରି ଆତ୍ମଦର୍ଶନର ଅପୂର୍ଣ୍ଣ ଅବସ୍ଥାରେ ମାରୀଚରୂପୀ କୂଟଚକ୍ରୀ ମାୟାର ସମ୍ମୁଖୀନ ହୁଏ । ଦିବାରାତ୍ର ୨୪ଘଣ୍ଟା ମଧ୍ୟରେ ମାତ୍ର ୫/୭ଘଣ୍ଟା ଆତ୍ମାବତୀର୍ଣ୍ଣ ଅବସ୍ଥାରେ ଅନୁଭବ କଲେ ମଧ୍ୟ, ବାକି ସମୟତକ ଅନ୍ୟାନ୍ୟ ସ୍ଥୂଳ ଅବସ୍ଥାରେ ମର୍ତ୍ତ୍ୟମଣ୍ଡଳର ମାୟାର ଘୂର୍ଣ୍ଣିପାକରେ ଘୂର୍ଣ୍ଣାୟମାନ ଅବସ୍ଥାରେ ଥାଏ । ସେତେବେଳେ ଆତ୍ମଜ୍ଞାନକୁ ବାଦ୍‌ଦେଇ ସ୍ଥୂଳ ଦେହଜ୍ଞାନ ଅବସ୍ଥାରେ କଥାବାର୍ତ୍ତା କରେ । ୨୪ଘଣ୍ଟା ଆତ୍ମାଜ୍ଞାନରେ ବୁଡ଼ି ରହିଲେ, ଦେହଜ୍ଞାନ ସଂପୂର୍ଣ୍ଣ ଭୁଲିଯାଏ । ଆତ୍ମା ବା ବ୍ରହ୍ମର ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ହୋଇଗଲେ, ଆତ୍ମା ବା ବ୍ରହ୍ମ ଲକ୍ଷଣମାନ ଦେଖାଯାଏ । ଏତିକି ବେଳେ ବ୍ରହ୍ମ ସହିତ ଯୋଗୀର ଯୋଗ ହୋଇଥାଏ ।

ଶ୍ରୀରାମଙ୍କର ଐଷିକବିଶିଖ ନାମକ ଶର ପ୍ରହାର ବୋଇଲେ, ପିଣ୍ଡତତ୍ତ୍ୱରେ ଯୋଗମତରେ ଇଡ଼ାନାଡ଼ିର ଅଂଶ ବୌଧିରୀ କୋଷର କାର୍ଯ୍ୟକୁ ବୁଝାଯାଏ । ଏହାର କାର୍ଯ୍ୟ ହେଉଛି ଯୋଗୀର ଅନୁଭବ ଅବସ୍ଥାକୁ ତୀକ୍ଷ୍ଣ କରିବା । ଏହା ଯେପରି ଶୁଦ୍ଧ, ଯୋଗାନୁଭୂତିରେ ମଧ୍ୟ ସେହିପରି ଲମ୍ବ ଅଟେ । ଏହା ହେଉଛି ଐଷିକ । ବିଶିଖ ହେଉଛି – ସୁଷୁମ୍ନାର ଅଂଶ, ପିସ୍ତୁରିକା କୋଷ । ଏହାର କାର୍ଯ୍ୟ ହେଉଛି, ପିଣ୍ଡ ଓ ବ୍ରହ୍ମାଣ୍ଡର ସମସ୍ତ ଜ୍ଞାନକୁ ଏକ ସରଳରେଖାରେ ଯୋଗୀର ଅନୁଭବରେ ସ୍ପଷ୍ଟ ଆଣିଦେବା । ଏହି ଅବସ୍ଥାରେ ଜ୍ଞାନର କ୍ଷରଣ ମଧ୍ୟ ହୋଇଥାଏ । ଯୋଗୀର ସମାଧି ଅବସ୍ଥାରେ ମହାଶୂନ୍ୟର ଜ୍ଞାନମଣ୍ଡଳରୁ ଶିବଲୋକ ଦେଇ ମର୍ତ୍ତ୍ୟମଣ୍ଡଳକୁ ଜ୍ଞାନକୋଷ ମାନ ଖସିଥାଏ ।

ମାରୀଚରୂପୀ କୂଟଚକ୍ରୀମାୟାର ଆସୁରିକ କ୍ରିୟାରୁ ଯୋଗୀ ଯୋଗମାର୍ଗରେ ସାଧନା ଦ୍ୱାରା ସାତ୍ତ୍ୱିକଭାବ ଧାରଣ କରେ । ଜୀବବ୍ରହ୍ମ ପରଂବ୍ରହ୍ମ ସହିତ ସମାଧିର ସର୍ବୋଚ୍ଚ ସ୍ତରରେ ଯୋଗ ହୋଇ 'ରାମ ରାମ' ବା ପରମାତ୍ମାଙ୍କୁ ସମ୍ବୋଧନ କରି ସ୍ୱର ଉତ୍ତୋଳନ କରେ । ଫଳରେ ମାୟାବିଧ୍ୱଂସ ହୁଏ ଓ ଜୀବର ପରମ ସହିତ ସଂଯୋଗ ସ୍ଥାପନ ହୁଏ । ଯେ ପର୍ଯ୍ୟନ୍ତ ଜୀବ ପରମ ସହିତ ସଂଯୁକ୍ତ ହୋଇ ନ ଥାଏ, ସେ ପର୍ଯ୍ୟନ୍ତ ମାୟା ପରମାତ୍ମାଙ୍କର ସ୍ୱର ଉତ୍ତୋଳନ କରୁଥାଏ ।

ଯୋଗୀର ଭକ୍ତିଭାବ ପ୍ରଗାଢ଼ ହୋଇଗଲେ, ଆତ୍ମାର କମ୍ପନ ସୃଷ୍ଟିହୁଏ । ସାଧାରଣତଃ ବ୍ରାହ୍ମମୁହୂର୍ତ୍ତରେ ବା ସେହି ସମୟରେ ଆତ୍ମାର କମ୍ପନ ଗାଢ଼ ହୋଇଥାଏ ।।

❋❋❋




''ଗୋବିନ୍ଦ ଗୋବିନ୍ଦ ହରେ ମୁରାରେ
ଗୋବିନ୍ଦ ଗୋବିନ୍ଦ ମୁକୁନ୍ଦକୃଷ୍ଣ
ଗୋବିନ୍ଦ ଗୋବିନ୍ଦ ରଥାଙ୍ଗ ପାଣେ
ଗୋବିନ୍ଦ ଦାମୋଦର ମାଧବେତି ।।''

ଜଣେ ପୂର୍ଣ୍ଣାଙ୍ଗ ବୟଃପ୍ରାପ୍ତ ମନୁଷ୍ୟ ଶରୀରରେ ସର୍ବମୋଟ ୧ରେ ଷୋଳ ଗୋଟି ଶୂନ୍ୟ ଦେଲେ ଯେତିକି ସଂଖ୍ୟା ହେବ ଅର୍ଥାତ୍ ଦଶକୋଟି କୋଟି (୧,୦୦୦୦୦୦୦୦,୦୦୦୦୦୦୦୦) କୋଷ ଥାଏ । ପ୍ରତି ମିନିଟ୍‌ରେ ଜୀବ ଶରୀରର ୩୦କୋଟି କୋଷ ନଷ୍ଟ ହୁଅନ୍ତି ଓ ସେହି ୩୦କୋଟି ନୂତନ କୋଷ ସୃଷ୍ଟି ମଧ୍ୟ ହୁଅନ୍ତି । ଏହି ହିସାବରୁ ସ୍ପଷ୍ଟ ଜଣାଯାଏ ଯେ, ଜଣେ ପୂର୍ଣ୍ଣାଙ୍ଗ ବୟଃପ୍ରାପ୍ତ ଜୀବ ୨୪/୨୫ ବର୍ଷ ବୟସରେ ଧର୍ମଧାରା ଧରି କର୍ମଯୋଗ ଅଭ୍ୟାସ ଦ୍ୱାରା ଶରୀର ବା କୋଷସାଧନ ପ୍ରକ୍ରିୟା ବିଧିବଦ୍ଧ ଭାବରେ ନିତ୍ୟନୈମିତ୍ତିକ କରି ଚାଲିଲେ ତାଙ୍କର ପୂର୍ଣ୍ଣଶରୀର ସାଧନ ନିମନ୍ତେ ଅତିକମ୍‌ରେ ୬୪ ବର୍ଷ, ୩ ମାସ, ୧୮ଦିନ, ୩ ଘଣ୍ଟା, ୩୩ମି: ଲାଗିବ ଅର୍ଥାତ୍ ସେ ୮୮ ବା ୮୯ ବର୍ଷ ବୟସରେ ହିଁ ଶରୀର ସାଧନରେ ସଫଳ ହେବେ । ପୁଣି ଏହି ସାଧନପ୍ରକ୍ରିୟା ଯଥାଯଥ ଭାବରେ ପ୍ରତିଦିନ ସଂଜ ସକାଳେ ନିୟମିତ କରୁ ନ ଥିଲେ ବା କରିପାରୁ ନ ଥିଲେ ଅଥବା ଅବହେଳା କରୁଥିଲେ ତାଙ୍କପାଇଁ ଆହୁରି ଅଧିକ ସମୟ ଲୋଡ଼ା ହୋଇପାରେ । ଏ ଘୋର କଳିକାଳରେ ଜୀବର ପରମାୟୁ ବା କେତେ ? ପୁଣି ସଂସାରରେ ବିଷୟାଜଂଜାଳରେ ପଡ଼ି ଏହି ସାଧନ ନିମନ୍ତେ ନିଜକୁ ସର୍ବଦା ଏବଂ ସର୍ବଥା ଯୋଗ୍ୟ ଓ ପ୍ରସ୍ତୁତ କରି ରଖିବା କ'ଣ ଏତେ ସହଜ ? ହୁଏତ ଏ ଜନ୍ମରେ ଶରୀରର ସାଧନ ସମ୍ଭବ ମଧ୍ୟ ହୋଇ ନ ପାରେ ।

ଏଥିକୁ ଉପାୟ କ'ଣ ? ସର୍ବୋତ୍ତମ ଉପାୟ ହେଉଛି - ସାତ / ନଅବର୍ଷ ବୟସରୁ ଧାରା ନେଇ କର୍ମଯୋଗ ଅଭ୍ୟାସ କରିଚାଲିଲେ ୭୧/୭୨ ବର୍ଷ ବୟସ ବେଳକୁ ଶରୀରସାଧନ କ୍ଷେତ୍ରରେ ସଫଳ ହୋଇ କୋଷସିଦ୍ଧିରେ ଉପନୀତ ହେବା ସମ୍ଭବ, ନଚେତ୍ ନୁହେଁ । ତମମାନଙ୍କ ମଧ୍ୟରୁ ଅନେକେ ଜୀବନର ଅପରାହ୍ନରେ ବା ମଧ୍ୟାହ୍ନରେ ଧାରା ନେଇ ଅଭ୍ୟାସ କର୍ମଧାରା ନିଷ୍ଠା ଓ ବିଶ୍ୱାସର ସହିତ ନ କରି ଆମକୁ ଡକେଇ ରହିଛ ହଠାତ୍ ଫଳପ୍ରାପ୍ତି ପାଇଁ । ନୁହେଁ କି ? ଆମ ତୁମ ମନକଥା ବୁଝୁଛୁ । ଜାଣୁଛୁ ତୁମର ଅନ୍ତରର ବେଦନା । କିନ୍ତୁ ଆମର ବା ଉପାୟ କ'ଣ ଅଛି ? ତୁମକୁ ଯାହା ଦେବାପାଇଁ ସ୍ଥିର କରିଛୁ, ତୁମେ ସିନା ତାହା ନେବାପାଇଁ ନିଜକୁ ଯୋଗ୍ୟ ଏବଂ ପ୍ରସ୍ତୁତ କରି ରଖିଲେ ହୁଅନ୍ତା ! ତାହା ନ କରି ତୁମେ ଆମ ପଥ ଛାଡ଼ି ତୁମ ପଥରେ ମାଡ଼ି ଚାଲିଛ । ଆମ କଥା ପଦୁଟିଏ ବି ଶୁଣୁ ନାହଁ । ଯେତେବେଳେ ଯାହା ଚାହିଁଛ - ସବୁ ସେହି ସଂସାର ପାଇଁ, ବିଷୟା ପାଇଁ, ବିଷପାଇଁ । ପୀୟୁଷପଥରେ ପାଦଦେଇ ମଧ୍ୟ ବିଷପଥକୁ ମୁରୁଛି ପାରୁନାହଁ ।

ତଥାପି ଆମେ ନିର୍ଭର ପ୍ରତିଶ୍ରୁତି ଦେଉଛୁ : ବିଶ୍ୱାସ ରଖ, ଦୃଢ଼ ବିଶ୍ୱାସ ରଖ; ବୀଜମନ୍ତ୍ରର ମାନସଜପ କରି ଚାଲିଥିଲେ, ମୃତ୍ୟୁ ବେଳକୁ ଅବଶ୍ୟ ଆମକୁ ସୂକ୍ଷ୍ମରେ ଦର୍ଶନ କରି ଚରମପ୍ରାପ୍ତି ଲାଭ କରିବ ହିଁ କରିବ । ଏହା ଧ୍ରୁବ ସତ୍ୟ । ଯଦି ଏତକ କରି ନ ପାରୁ ଥାଅ, ମନେରଖ ସବୁ ଅପ୍ରାପ୍ତ ରହିଯିବ ।

ତୁମେମାନେ ସମସ୍ତେ ଘରସଂସାର କରିଛ, ପରିବାର ଚଳାଉଛ, ତୁମ ପୁଅଝିଅ, ନାତିନାତୁଣୀଙ୍କୁ ନେଇ ଭବିଷ୍ୟତ କଳ୍ପନାଜଳ୍ପନା କରିଚାଲିଛ । ଯଦି ପ୍ରକୃତରେ ସେମାନଙ୍କର ଭବିଷ୍ୟତ ମଙ୍ଗଳ କାମନା କରୁଥାଅ, ତେବେ ସେମାନଙ୍କର ସାତ / ଆଠ ବର୍ଷ ବୟସରୁ ଧାରା ଦେବାର ବ୍ୟବସ୍ଥା କର । କର୍ମଯୋଗ କରିବାରେ ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଦିଅ । ତମ ବୟସରେ ସେମାନେ ପହଞ୍ଚିବା ବେଳକୁ ଯେପରି କୋଷସିଦ୍ଧି ଲାଭ କରିପାରିବେ ତାହାର ସୁବ୍ୟବସ୍ଥା କର, ପଥ ଖୋଲିଦିଅ ସେମାନଙ୍କର କଲ୍ୟାଣ ନିମିତ୍ତ । ତା'ନହେଲେ ତମେ ଯେପରି ଅନ୍ଧାରରେ ପଡ଼ି ରହିଛ, ସେମାନେ ବି ସେହିପରି ଅନ୍ଧାରରେ ସଡ଼ି ଯିବେ ଯେ ! ସେମାନଙ୍କୁ ଆଲୋକର ସନ୍ଧାନ ଦିଅ । ତମର ପ୍ରିୟ ଦାୟାଦମାନଙ୍କୁ ପୀୟୁଷପଥରେ ଚଳେଇ ନେବାର ଦାୟିତ୍ୱ ଯେ ତୁମର । ଏକଥା ଭୁଲିଗଲେ ଚଳିବଟି ! !

କର୍ମଯୋଗ ପାଇଁ ଧର୍ମଧାରା ଧରିବା ନିମନ୍ତେ ଜ୍ଞାନର ଆବଶ୍ୟକତା ରହିଛି । ପୁଣି କର୍ମଯୋଗର ଶେଷ ପର୍ଯ୍ୟାୟରେ ଜ୍ଞାନର ସ୍ତର ବା ସୋପାନ ଗୁଡ଼ିକ କହୁଛି ଶୁଣ, ମନେରଖ ଓ ସେହି ଅନୁସାରେ କର୍ମ କର । ଜ୍ଞାନର ଦୁଇଟି ସ୍ତର- (୧) ସାଧକରୂପା, (୨) ସିଦ୍ଧରୂପା । ସାଧକରୂପା ଜ୍ଞାନସ୍ତରର ତିନୋଟି ସୋପାନ - (କ) ଶୁଭେଚ୍ଛା, (ଖ) ବିଚାରଣା ଏବଂ (ଗ) ତନୁମନଷା । ଏହି ତିନି ସୋପାନରେ ଜୀବ ସାଧକ ଭୂମିକାରେ ସାଧନା ଚାଲୁରଖେ । ସିଦ୍ଧରୂପା ଜ୍ଞାନସ୍ତରର ଚାରିଗୋଟି ସୋପାନ । ଏହି ସୋପାନରେ ସାଧକ ସିଦ୍ଧିଲାଭ କରିଥାଆନ୍ତି । ସେଗୁଡ଼ିକ ହେଉଛି - (କ) ଆତ୍ମସ୍ଥିତି, (ଖ) ଅସଂସକ୍ତି (ଗ) ପଦାର୍ଥୀ ଭାବିନୀ ଏବଂ (ଘ) ତୁରୀୟ ।

ଜ୍ଞାନର ଶେଷ ସ୍ତରରେ ଭକ୍ତି ଉଦୟ ହୁଏ । ପ୍ରଥମତଃ ଏହି ଭକ୍ତି ଜ୍ଞାନ ସହିତ ମିଶ୍ରିତ ହୋଇଥାଏ । ଏହାକୁ ଜ୍ଞାନମିଶ୍ରା ଭକ୍ତି କୁହାଯାଏ । ଏ ସ୍ତରରେ ସାଧକର ମନର ପ୍ରାଧାନ୍ୟ ଥାଏ । ଯେପରି -

''ମନ ଭାଗବତ, ମନ ତୋ ଗୀତା ।
ମନ ନ ବୁଝିଲେ, ଅମୃତ ପିତା ।।''

ଦେବଳକୃତ ଯାଜ୍ଞବଲ୍କ୍ୟ ସ୍ମୃତି ଟୀକାରେ ସ୍ପଷ୍ଟ ଉଲ୍ଲେଖ ଅଛି -

''ଏତେ ସାଂଖ୍ୟଯୋଗୋ ଚାଧିକୃତ୍ୟ ଯୈର୍ଯୁକ୍ତିତଃ
ସମୟତଶ୍ଚ ପୂର୍ବପ୍ରଣିତାନି ବିଶାଳାନି ଗମ୍ଭୀରାଣି ତନ୍ତ୍ରାଣୀହ ସଂକ୍ଷିପ୍ୟ
ଉଦ୍ଦେଶତୋ ବକ୍ଷତନ୍ତ୍ର ।'' (୬/୧୦୧)

ଭକ୍ତି ପାଚିଗଲେ ତାହା ସୁଧାଭକ୍ତିରେ ରୂପାନ୍ତରିତ ହୁଏ । ସେତେବେଳେ ମନ ବା ଚିତ୍ତର ପ୍ରାଧାନ୍ୟ ଲୋପପାଏ । ଭକ୍ତ ଦାସ ଆପଣାର ମନଟିକୁ ପ୍ରଭୁଭଗବାନଙ୍କର ପବିତ୍ର ଶ୍ରୀପାଦପଦ୍ମରେ ସମର୍ପଣ କରି ଦେଇଥାଏ । ବିଶୁଦ୍ଧ ନିର୍ମଳ ପ୍ରେମରେ ଭକ୍ତର ହୃଦସ୍ଥଳ ସତତ ପବିତ୍ର ଥାଏ । ''ଶ୍ରୀଚୈତନ୍ୟଚରିତାମୃତ''ରେ ଏ ସଂପର୍କରେ କଥିତ ଅଛି -

''ଗୋପୀଗନେର୍ ପ୍ରେମଅଧିରୂଢ଼ ଭାବ ନାମ୍ ।
ବିଶୁଦ୍ଧ ନିର୍ମଲ ପ୍ରେମ୍ କଭୁନହେ କାମ୍ ।।'' (ଆଦି ଲୀଳା, ୪ର୍ଥ ପରିଚ୍ଛେଦ, ୫ମ ପୃଷ୍ଠା)

ତେଣୁ କହୁଛି - ସର୍ବ ବିଷୟରେ ଥାଇ ନାମ (ବୀଜମନ୍ତ୍ର) ଜପ କର । ଗୁଣ କୀର୍ତ୍ତନ କର । ଲୀଳା ପ୍ରସଙ୍ଗ ଆଲୋଚନା କର । ତୁମର ଚିନ୍ତା, ବାକ୍ୟ, କର୍ମାଦି ସର୍ବସ୍ୱ ସମର୍ପଣ କର । ଭକ୍ତକବି ମଧୁସୂଦନଙ୍କର ଏହି ପଦୁଟିଏ ସର୍ବଦା ଓ ସର୍ବଥା ସ୍ମରଣରେ ରଖ -

''ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ ।
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ଅନୁକ୍ଷଣେ ।।''

**'ନୀଳଚକ୍ର'ରେ ''ଚରମ''** ର ଚତୁର୍ଥପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ ସଂଖ୍ୟାରୁ ସଂଘସମ୍ବାଦ ଶୀର୍ଷକରେ ଆଶ୍ରମ ପରିଚିତି (କ୍ଷିତିଜ୍ୟୋତିଃ ଆଶ୍ରମର ଶାଖା ପରିଚିତି) ପତ୍ରସ୍ଥ ହୋଇ ବେଲରପା ଶାଖା ଓ କଟିକଟା ଶାଖା ସଂପର୍କରେ ପରିଚିତି ପ୍ରକାଶ ପାଇଛି । ଷୋଡ଼ଶ ସଂଖ୍ୟାରେ କେତେକ ଅନିବାର୍ଯ୍ୟ କାରଣ ବଶତଃ ଶାଖା ପରିଚିତି ପତ୍ରସ୍ଥ ହୋଇପାରି ନାହିଁ । ଏହି ସପ୍ତଦଶ ସଂଖ୍ୟାରେ ମଧ ଶାଖା ପରିଚିତି ପ୍ରକାଶକୁ ସଂପାଦନା ସ୍ଥଗିତ ରଖିବାର ଅଭିପ୍ରାୟ ପ୍ରକାଶ କରୁଛନ୍ତି ।

ତା ୨୨/୫/୯୭ ରିଖ : ବୃଷ ଦି୯ନ, ଜ୍ୟେଷ୍ଠ ଦି୧ନ, ଗୁରୁବାର, ବିଶାଖା ନକ୍ଷତ୍ର, ବିଛାଚନ୍ଦ୍ର, ପବିତ୍ର ଚନ୍ଦନ ପୂର୍ଣ୍ଣିମା ତିଥି - ଉତ୍କଳର ପଞ୍ଚଦଶ ଶତାବ୍ଦୀର ସିଦ୍ଧସାଧକ ପଞ୍ଚସଖା ସ୍ମୃତି ଯଜ୍ଞ ଦିବସ । ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମର ପବିତ୍ର ପରିବେଶରେ ଯଜ୍ଞାନୁଷ୍ଠାନରେ ସିଦ୍ଧସାଧକ ମହାପୁରୁଷ : ମଭବଳରାମ ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଏବଂ ଶିଶୁଅନନ୍ତ ଦାସଙ୍କ ସ୍ମୃତିରେ ଯଜ୍ଞକୁଣ୍ଡରେ ଅଗ୍ନି ଆବାହନ ଓ ସ୍ଥାପନାନ୍ତେ ଗବ୍ୟଘୃତାହୁତି ନିବେଦନ କରାଯାଇଛି । ଏହି ପବିତ୍ର ଆଧାତ୍ମିକ ଅନୁଷ୍ଠାନ ଉପଲକ୍ଷେ ''ଚରମ''ର ଚତୁର୍ଥ ପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟାରେ ଶାଖା ପରିଚିତି ସ୍ଥାନରେ ସଂପାଦନାର ଭକ୍ତିପୂତ ଅର୍ଘ୍ୟ -

## ପଞ୍ଚସଖା : ପଞ୍ଚ ଅନିର୍ବାଣ ଦୀପଶିଖା

ନେବା ଓ ଆଣିବା, ଦେବାନେବା ଆଦି ଧର୍ମ ଓ ଆଧାତ୍ମିକ ଇତିହାସରେ ସୃଷ୍ଟିର ଆବହମାନ କାଳରୁ ଲାଗିରହିଛି । ଲାଗିରହିଥିବ । ଧର୍ମ ଜୀବନ୍ତ ଓ ଚଳମାନ । କିନ୍ତୁ ମନୋନିବେଶ ରୀତିରେ ଆଧାର ନିରୂପଣ ହିଁ ସବୁଠାରୁ ବଡ଼କଥା । ଯିଏ ନେବ ତା' ଭିତରେ ସର୍ବପ୍ରଥମେ ଯଥୋଚିତ ଯୋଗ୍ୟ ଆଧାର ପ୍ରସ୍ତୁତ ହେବା ଆବଶ୍ୟକ । ଯଥାଯୋଗ୍ୟ ଭାବରେ ସେ ତା'ର ଆକାଂକ୍ଷାର ନିମନ୍ତ୍ରଣ ପଠାଇ ପରମ ଆସ୍ପଦ ଚରମ ସମ୍ପଦକୁ ମହାଶୂନ୍ୟର ସର୍ବୋତ୍ତମ, ସର୍ବଶ୍ରେଷ୍ଠ, ସର୍ବୋଚ୍ଚ, ପରମ ଓ ଚରମ ଗୋପନୀୟ ମଣ୍ଡଳ ହିରଣ୍ୟଗର୍ଭରୁ ଜଗତକଲ୍ୟାଣ ନିମନ୍ତେ ଧରାଧାମକୁ ଉତ୍ସାରିତ କରିଆଣିବ ହିଁ ଆଣିବ ।

ଆମର ଏହି ଓଡ଼ିଶାରେ ନାନା ଧର୍ମ, ନାନା ମତ, ନାନା ପଥର ଐତିହ୍ୟ ଓ ପରମ୍ପରା ରହିଆସିଛି । ଏହି ମାଟିରେ ବେଦବେଦାନ୍ତ ଉପନିଷଦାଦିର ସ୍ତବଗାନ ହୋଇଛି, ଏ ପବିତ୍ର ଭୂମିରେ ଶିବ ଏବଂ ଶକ୍ତିର ପୂଜା କରାଯାଇଛି । ଏହି ମାଟିରୁ ପ୍ରେରଣା ପାଇ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଦେଶବିଦେଶର କୋଣଅନୁକୋଣରେ ବୌଦ୍ଧ ସଂଘ ପ୍ରତିଷ୍ଠା କରିଯାଇଛନ୍ତି । ଶଙ୍କରାଚାର୍ଯ୍ୟ,. ନିମ୍ବାକାଚାର୍ଯ୍ୟ, ମାଧବାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ଏପରିକି ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ଏହି ଭୂମିକୁ ଆସି ଜ୍ଞାନ, ପ୍ରେମ ଧର୍ମରେ ବୈଷ୍ଣବ ମତରେ ସମସ୍ତ ପ୍ରାନ୍ତକୁ ପ୍ଲାବନ କରିଯାଇଛନ୍ତି ।

ନିତ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରରେ ନୀଳକନ୍ଦର ମଧରେ ତାନ୍ତ୍ରିକ ଉପଚାର, ବୌଦ୍ଧତ୍ରିରତ୍ନ, ବୈଷ୍ଣବ କୀର୍ତ୍ତନ ଓ ଶୈବଶାକ୍ତ ପଦ୍ଧତିର ଅପୂର୍ବ ସମନ୍ୱୟ ଓ ମିଳନ ଘଟିଛି । ଏହି ମହାପୁଣ୍ୟ ମିଳନପୀଠରେ ପୁରାତନ ମଧରୁ ମନୋନୀତ ଓ ସୁନିର୍ବାଚିତ ନାନା ଆଚାର ଆଚରଣ ଗ୍ରହଣ କରି ତା'କୁ ନୂଆ ବ୍ୟଞ୍ଜନା ଦେଇ ଯୁଗନୀତି ନିତ୍ୟନୂତନ ହୋଇ ଚାଲିଛି । ଧର୍ମ ଓ ଆଧାତ୍ମିକ ଜଗତର ଇତିହାସରେ ଏହି ନୂତନମୁଖୀ ବିବର୍ତ୍ତନ ମଧରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ କେବଳ ତାନ୍ତ୍ରିକ, ବୌଦ୍ଧ, ବୈଷ୍ଣବ ବା ଶାକ୍ତ କହିଲେ, ତାହା ହୁଏତ ଠିକ୍ ହୋଇ ନ ପାରେ । ଯୁଗଯୁଗଧରି ଦେଶ ଓ ଦଶର ମନୋଭାବର ବିଗ୍ରହ ହିଁ ମହାପ୍ରଭୁ ଜଗନ୍ନାଥ । ଏହାହିଁ ସଂକ୍ଷେପରେ ଓଡ଼ିଶାର ଧର୍ମଧାରାର ସଂକ୍ଷିପ୍ତ ଇତିହାସ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଧର୍ମର ବର୍ଦ୍ଧିଷ୍ଣୁ ପ୍ରତୀକ, ଓଡ଼ିଶାର ଧର୍ମ ପରମ୍ପରା ହିଁ ଜଗନ୍ନାଥ ଧର୍ମ । ସଂକ୍ଷିପ୍ତତମ ଭାଷାରେ ଏହି ଜଗନ୍ନାଥ ଧର୍ମ ହିଁ ପଞ୍ଚସଖା ଧର୍ମ ।।

ପଞ୍ଚସଖାଙ୍କର ଧର୍ମ ସାହିତ୍ୟରେ ରହିଛି ଅଦ୍ୱୈତବାଦ, ଶୂନ୍ୟନିରଂଜନଙ୍କର କଳ୍ପନା ମଧ ରହିଛି । ପୁଣି ଯନ୍ତ୍ର, ତନ୍ତ୍ର, ମନ୍ତ୍ର ଓ ଯୋଗର ତାନ୍ତ୍ରିକ ସୁଗନ୍ଧ ମଧ ବାରି ହୋଇପଡୁଛି । ତଥାପି ସ୍ୱତଃ ମନରେ ଏହି ପ୍ରଶ୍ନର ଉଦୟ ହୁଏ : ତେବେ ସେମାନେ କେଉଁ ଦଳର ??

**ଶ୍ରୀ**ଚୈତନ୍ୟଦେବଙ୍କର ପ୍ରଶଂସା ବର୍ଣ୍ଣନାରେ ପଞ୍ଚସଖା ଧର୍ମ ସାହିତ୍ୟ ଋଦ୍ଧିମନ୍ତ । କଳିର କଲ୍ମଷ ଧୋଇ ପଖାଳି ମର୍ତ୍ତ୍ୟଧାମରେ ଜୀବର ଉଦ୍ଧାର ନିମିତ୍ତ ସ୍ୱୟଂ ଶ୍ରୀକୃଷ୍ଣ ନଦିଆ ନଗରରେ ଚୈତନ୍ୟ ଦେହ ଧାରଣ କରି ଆବିର୍ଭୂତ ହୋଇଥିଲେ ବୋଲି ସିଦ୍ଧଯୋଗୀ ମହାପୁରୁଷ ଅଚ୍ୟୁତାନନ୍ଦ ସ୍ୱରଚିତ ଗୁରୁଭକ୍ତିଗୀତା ଓ ତତ୍ତ୍ୱବୋଧିନୀରେ ଉଲ୍ଲେଖ କରିଛନ୍ତି ।

**ଶ୍ରୀ**ଚୈତନ୍ୟଦେବ ମହାପ୍ରଭୁଙ୍କର ପୁରୀ ଅବସ୍ଥାନ କାଳରେ ପଞ୍ଚସଖା (ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ) ତାଙ୍କଠାରୁ ଦୀକ୍ଷାମନ୍ତ୍ର ଗ୍ରହଣ କରିଥିବାର ସ୍ପଷ୍ଟ ପ୍ରମାଣ ପଞ୍ଚସଖା ସାହିତ୍ୟ ଅନୁଶୀଳନରୁ ଜାଣିବାକୁ ମିଳେ । ତେବେ ସେମାନେ କ'ଣ ଗୌଡ଼ୀୟ ବୈଷ୍ଣବ ଧର୍ମର ସ୍ତାବକ କେବଳ ଥିଲେ ?? ତା' ହୋଇଥିଲେ, ଅଚ୍ୟୁତଙ୍କ ନେମାଳ ଗାଦି, ଯଶୋବନ୍ତଙ୍କ ଅଡ଼ଙ୍ଗ ଗାଦି, ଜଗନ୍ନାଥଙ୍କ ସାତଲହଡ଼ୀ ମଠ, ବଳରାମଙ୍କ ସମଗରା ଗନ୍ଧର୍ବମଠ ଏବଂ ଅନନ୍ତଙ୍କ ବାଲିପାଟଣାସ୍ଥ ଶିଶୁ ଅନନ୍ତ ମଠ ହୁଏତ ଆଜକୁ ଗୌଡ଼ୀୟ ମଠରେ ଲୀନ ହୋଇ ଥାଆନ୍ତା । ସେମାନଙ୍କର ସୃଷ୍ଟିତତ୍ତ୍ୱ, ମନ୍ତ୍ର, ତନ୍ତ୍ର, ଯନ୍ତ୍ର ଓ ଯୋଗ ସାଧନ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ନାଦ ବ୍ରହ୍ମ, ନିରାକାର ଶୂନ୍ୟଭଜନ ତତ୍ତ୍ୱ, ନିତ୍ୟରାସ ତତ୍ତ୍ୱ ଆଦି ସେମାନଙ୍କୁ ଓଡ଼ିଶାର ଧର୍ମ ଇତିହାସ ଓ ପରମ୍ପରାରେ ଏକ ନୂତନ ସ୍ୱତନ୍ତ୍ର ଆସନ ଦେଇଛି । ସେହି ସ୍ୱତନ୍ତ୍ରତା ଓ ନୂତନତା ଜ୍ଞାନମିଶ୍ରା ଭକ୍ତି ଓ ସୁଧା ଭକ୍ତି (ରାଗାନୁଗାଭକ୍ତି ବା ପ୍ରେମଭକ୍ତି) ରେ ଅଭିବ୍ୟଞ୍ଜିତ । ଭକ୍ତିର ପ୍ରତ୍ୟେକ ଜଗନ୍ନାଥ ଓ ଜଗନ୍ନାଥ ଧର୍ମ । ଏ ସକଳ ଷଡ଼ ଦର୍ଶନ ମଧ୍ୟରେ ରହିଛି ।

**ପଞ୍ଚ**ସଖାଙ୍କର ଇଷ୍ଟଦେବ ହିଁ ଶ୍ରୀଜଗନ୍ନାଥ । ଶ୍ରୀ ଜଗନ୍ନାଥ ହିଁ ଜ୍ଞାନମିଶ୍ରାଭକ୍ତି କଳ୍ପବୃକ୍ଷ । ପଞ୍ଚସଖା ସେହି ବୃକ୍ଷର ପାଞ୍ଚୋଟି ଶାଖା ମାତ୍ର । ଏ ସକଳ ଦୃଷ୍ଟିରୁ ନିରପେକ୍ଷ ବିଚାର କଲେ ପଞ୍ଚଶାଖାଙ୍କୁ ପଞ୍ଚସଖା କହିବା ଅଧିକ ଯୁକ୍ତିଯୁକ୍ତ । 'ଚରମ' ଦୃଷ୍ଟି କିନ୍ତୁ ସତ୍ୟ, ନିତ୍ୟ, ଶାଶ୍ୱତ ଓ ସନାତନ, ନିତ୍ୟ ନୂତନ । 'ଚରମ' ଦୃଷ୍ଟିରେ ଏହି ପୁଣ୍ୟଶ୍ଳୋକ, ନିତ୍ୟ ପ୍ରାତଃସ୍ମରଣୀୟ ସିଦ୍ଧଯୋଗୀ ମହାପୁରୁଷ ପଞ୍ଚସଖା କେବଳ ପଞ୍ଚଶାଖା ନୁହଁନ୍ତି, ଓଡ଼ିଶା ଧର୍ମଜୀବନର ଧର୍ମପୁରୁଷ, ଶ୍ରୀଜଗନ୍ନାଥଙ୍କର ରତ୍ନବେଦୀ ପ୍ରାନ୍ତର ପଞ୍ଚ ଅନିର୍ବାଣ ଦୀପଶିଖା ।।

## ପଞ୍ଚସଖା : ପଞ୍ଚଶାଖା : ପଞ୍ଚ ଅନିର୍ବାଣ ଦୀପଶିଖା-ସଂକ୍ଷିପ୍ତ ବିବରଣୀ :

| ପଞ୍ଚସଖାଙ୍କ ନାମ : | ଆବିର୍ଭାବ: | ଗୁରୁ: | ସମ୍ପ୍ରଦାୟ: | ମନ୍ତ୍ରନାମ: | ଜପିତ ମନ୍ତ୍ର: | ଇଷ୍ଟଦେବ: | ଦୀକ୍ଷା: | ଯୋଗ: |
|---|---|---|---|---|---|---|---|---|
| ବଳରାମ - | ୧୪୭୩ | ହୃଦୟାନନ୍ଦ<br>ଗୋସ୍ୱାମୀ | ବଳରାମ<br>ସମ୍ପ୍ରଦାୟ | କୃଷ୍ଣ ମନ୍ତ୍ର,<br>ରାମତାରକ ମନ୍ତ୍ର<br>ହରେରାମ କୃଷ୍ଣ ମହାମନ୍ତ୍ର | ଅଜପାମନ୍ତ୍ର, | ଶ୍ରୀଜଗନ୍ନାଥ | ବ୍ରହ୍ମଜ୍ଞାନ | ସମାଧି<br>ଯୋଗ |
| ଜଗନ୍ନାଥ - | ୧୪୭୭<br>ଅଗଷ୍ଟ ୧୪ ତାରିଖ<br>ଭାଦ୍ରଶୁକ୍ଳ ଅଷ୍ଟମୀ,<br>ବୁଧବାର ଅନୁରାଧା ନକ୍ଷତ୍ର,<br>ବିଛାରାଶି, ମାହେନ୍ଦ୍ର ବେଳା, | ବଳରାମ ଦାସ, | ଅତିବଡ଼ୀ | ରାଧାମନ୍ତ୍ର-<br>ଷୋଡ଼ଶ ନାମ,<br>୩୨ ଅକ୍ଷର ପ୍ରେମ ବା ମନ୍ତ୍ର, | ଅଣାକାର | ଶ୍ରୀଜଗନ୍ନାଥ | ବ୍ରହ୍ମଜ୍ଞାନ | ଜ୍ଞାନଯୋଗ |
| ଅଚ୍ୟୁତାନନ୍ଦ - | ୧୪୮୯<br>ମାଘମାସ<br>ଶୁକ୍ଳପକ୍ଷ ଏକାଦଶୀ | ଶ୍ରୀ ସନାତନ ଗୋସ୍ୱାମୀ | ନିମ୍ବାର୍କ | ମନ୍ତ୍ରରାଜ<br>ପ୍ରେମଷୋଡ଼ଶୀ,<br>ବ୍ରହ୍ମ ଏକାକ୍ଷର,<br>ନିରାକାରଭଜନ | ଶୂନ୍ୟମନ୍ତ୍ର | ଶ୍ରୀଜଗନ୍ନାଥ | ବ୍ରହ୍ମଜ୍ଞାନ | ତୂରୀୟ |
| ଅନନ୍ତ - | ୧୪୭୫ | ଭାସ୍କର ମୁନି, | ଶିଶୁ | ସୂର୍ଯ୍ୟଏକାକ୍ଷର<br>ଗୋପାଳମନ୍ତ୍ର, | ଏକାକ୍ଷର | ଶ୍ରୀଜଗନ୍ନାଥ | ବ୍ରହ୍ମଜ୍ଞାନ | ଧ୍ୟାନସମାଧି |
| ଯଶୋବନ୍ତ - | ୧୪୭୭ | ପ୍ରକାଶପଟ୍ଟୀ, | ଯଶୋବନ୍ତ<br>ବିଷ୍ଣୁସ୍ୱାମୀ | ବା ଶ୍ୟାମମନ୍ତ୍ର,<br>ପ୍ରେମପଞ୍ଚାକ୍ଷର | ଅବକାମନ୍ତ୍ର | ଶ୍ରୀଜଗନ୍ନାଥ | ବ୍ରହ୍ମଜ୍ଞାନ | ସମସମାଧି<br>ଯୋଗ |

## ପଞ୍ଚସଖାଙ୍କର ରଚନାବଳୀର ଶ୍ରେଣୀ ବିଭାଗ :

| | | | |
|---|---|---|---|
| (୧) ପୁରାଣ | (୨) ଗୀତା | (୩) ସଂହିତା | (୪) ମାଳିକା |
| (୫) ଓଗାଳ | (୬) ସ୍ତୁତି | (୭) କୋଇଲି | (୮) ବୋଲି |
| (୯) ଟୀକା | (୧୦) ପଟଳ | (୧୧) ଭଜନ ଓ ଜଣାଣ | (୧୨) ରାସ / ରାହାସ ।। |

# ଆଶ୍ରମ ସନ୍ଦେଶ

ତା ୨୦।୨।୯୭ ରିଖ, ଗୁରୁବାର - କେନ୍ଦୁଝର ଜିଲ୍ଲାର ପୁଟୁଗାଁ ଶାଖା ଅନ୍ତର୍ଭୁକ୍ତ କାଉଁରୀକଳା ଗ୍ରାମର ଗୁରୁଭାଇ ଗଙ୍ଗାଧର ପାତ୍ରଙ୍କର ଦେହାନ୍ତ ହୋଇଯାଇଛି ।

ତା ୨୧।୨।୯୭ରିଖ, ଶୁକ୍ରବାର -କଟିକଟା ଶାଖା ଅନ୍ତର୍ଭୁକ୍ତ କୋଇଲ ଗ୍ରାମର ଗୁରୁଭାଇ ବିଜୟ କୁମାର ନନ୍ଦଙ୍କର ଦେହାନ୍ତ ହୋଇଯାଇଛି ।

ତା ୨୨।୨।୯୭ ରିଖ, ଶନିବାର-ଗୋବିନ୍ଦପୁର ଶାଖା ଅନ୍ତର୍ଭୁକ୍ତ ଗୁରୁଭାଇ ଶ୍ରୀ କୈଳାସ ଚନ୍ଦ୍ର ଯେନାଙ୍କ ବାସଗୃହରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।

ତା ୨୩।୨।୯୭ ରିଖ, ରବିବାର-ବେଲରପା ଶାଖା ବାଲିକଣ ଗ୍ରାମର ଗୁରୁଭାଇ ଶ୍ରୀ ରମେଶ ଚନ୍ଦ୍ର ରାଉତରାୟଙ୍କର ବାର୍ଷିକ ନାମ ଓ ସାହାପୁର ବାଲିପଡିଆ ଗ୍ରାମର ଗୁରୁଭାଇ ଶ୍ରୀ ଶ୍ୟାମସୁନ୍ଦର ଦାଶଙ୍କର ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା ୧।୩।୯୭ରିଖ, ଶନିବାର - ବେଲରପାର ଗୁରୁଭାଇ ଶ୍ରୀ ଚନ୍ଦ୍ରମଣି ତିୱାରୀଙ୍କ ବାସଭବନରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା ୨।୩।୯୭ରିଖ, ରବିବାର - କାଉଁରୀକଳା ଗ୍ରାମରେ ଗୁରୁଭାଇ ୰ଗଙ୍ଗାଧର ପାତ୍ରଙ୍କ ଉଦେଶ୍ୟରେ ତିଳତର୍ପଣ କାର୍ଯ୍ୟକ୍ରମ ଓ ବେଲରପାର ଗୁରୁଭାଇ ଶ୍ରୀ ଗୋବିନ୍ଦ ବହିରାଙ୍କ ବାସଗୃହରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ସ୍ଥାୟୀ କାର୍ଯ୍ୟାଳୟ ଉନ୍ମୋଚିତ ହୋଇଛି ।

ତା ୫।୩।୯୭ ରିଖ, ବୁଧବାର - ବେଲରପାର ଗୁରୁଭାଇ ଶ୍ରୀ ନଟବର ଯେନାଙ୍କର ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା ୬।୩।୯୭ରିଖ, ଗୁରୁବାର-ମହାଜନପୁର ଗ୍ରାମରେ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

ତା୭।୩।୯୭ରିଖ, ଶୁକ୍ରବାର - କେନ୍ଦୁଝର ଜିଲ୍ଲାର ସିଲଦାଠାରେ କେତନୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ଆଚାର୍ଯ୍ୟ ଶ୍ରୀ ବିରଞ୍ଚିନାରାୟଣ ମିଶ୍ରଙ୍କ ଦ୍ୱାରା ସିଲଦାର ନୂତନ ଶାଖା ଉନ୍ମୋଚନ ଘୋଷଣାପତ୍ର ପଠିତ ହୋଇଅଛି ।

ତା୧୧।୩।୯୭ରିଖ, ମଙ୍ଗଳବାର-ଭରତପୁର ପ୍ରସ୍ତାବିତ ଶାଖାର ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ଓ ପୁରୁଷୋତ୍ତମପୁର ଗୁରୁଭାଇ ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତିଙ୍କର ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।

ତା ୧୨ ।୩।୯୭ରିଖ, ବୁଧବାର - ପ୍ରହରାଜପୁର ଶାଖା ଅନ୍ତର୍ଭୁକ୍ତ ବଡ଼କ୍ଷୀର ଗ୍ରାମର ଗୁରୁଭଉଣୀ ରଙ୍ଗଲତା ସାମଲଙ୍କ ଦେହାନ୍ତ ହୋଇଯାଇଛି ।

ତା୧୩।୩।୯୭ରିଖ, ଗୁରୁବାର-ମାଳଶାସନରେ ଅଣଆନୁଷ୍ଠାନିକ ଶାଖାର ବାର୍ଷିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ନିରାଡ଼ମ୍ବର ଭାବରେ ପାଳିତ ହୋଇଛି ।

ତା୧୫।୩।୯୭ରିଖ, ଶନିବାର - ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଆଗାମୀ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠାନ ନିମନ୍ତେ ପ୍ରତ୍ୟେକ ଶାଖା / ପ୍ରସ୍ତାବିତ ଶାଖା / ଅଣଆନୁଷ୍ଠାନିକ ଶାଖାର ଗୁରୁଭାଇ ଭଉଣୀଙ୍କର ଶ୍ରମଦାନ କାର୍ଯ୍ୟର ଶୁଭାରମ୍ଭ ତଥା ପିଠାପଡ଼ା ଅଣଆନୁଷ୍ଠାନିକ ଶାଖାର ବାର୍ଷିକ ସତ୍‌ସଙ୍ଗ ଅନୁଷ୍ଠାନ ମହା ସମାରୋହରେ ପାଳିତ ହୋଇଯାଇଛି ।।

ତା୧୬।୩।୯୭ରିଖ, ରବିବାର - ଆଶ୍ରମ ଅନ୍ତେଃବାସିନୀ ଗୁରୁଭଉଣୀ ସୀତାଦେବୀଙ୍କର ଦେହାନ୍ତ ହୋଇଯାଇଛି ।

ତା ୧୮ ।୩।୯୭ରିଖ, ମଙ୍ଗଳବାର-ବେଲରପା ଶାଖାର ବାର୍ଷିକ କେତନୀ ସତ୍‌ସଙ୍ଗ ଓ ଅଧିବେଶନ ଯଥାରୀତି ସର୍ବ ସାଫଲ୍ୟରେ ଅନୁଷ୍ଠିତ ହୋଇଅଛି ।

ତା ୨୨ ।୩।୯୭ ରିଖ, ଶନିବାର-ବଡ଼କ୍ଷୀରଗ୍ରାମରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ତରଫରୁ ଗୁରୁଭଉଣୀ ୰ରଙ୍ଗଲତାଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଅନୁଷ୍ଠିତ ହୋଇଛି ।।

ତା ୨୪ ।୩।୯୭ରିଖ, ସୋମବାର-ଠାକୁରେ ହୋଲି ଉତ୍ସବରେ ଯୋଗଦେବା ପାଇଁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସିପୁରାର ଗୁରୁଭାଇ ଶ୍ରଦ୍ଧେୟ ଶ୍ରୀ କାଶୀନାଥ ଯେନାଙ୍କ ବାସଭବନକୁ ଗମନ କରିଥିଲେ ।

ତା ୨୫।୩।୯୭ରିଖ, ମଙ୍ଗଳବାର - ପବିତ୍ର ହୋଲି ଉତ୍ସବ । ସିପୁରାଠାରେ କାଶୀଭାଇଙ୍କ ବାସଭବନରେ ଠାକୁରଙ୍କ ସଦୟ ଉପସ୍ଥିତିରେ ଭାଇଭଉଣୀମାନେ ମହାନନ୍ଦରେ ହୋଲି ଖେଳିଛନ୍ତି ।

ତା ୨୬।୩।୯୭ରିଖ, ବୁଧବାର - ଆଶ୍ରମ ଅନ୍ତେଃବାସିନୀ୰ସୀତାଦେବୀଙ୍କର ତିଳତର୍ପଣ ଆଶ୍ରମରେ / ଜରିଆ ପୁଳିନରେ ଯଥାରୀତି ଅନୁଷ୍ଠିତ ହୋଇଯାଇଛି ।

ତା୨୭ ।୩।୯୭, ଗୁରୁବାର-ସୁନ୍ଦରଗଡ଼ ଜିଲ୍ଲାର ଟେନ୍‌ସାଠାରେ କେତନୀ ବାର୍ଷିକୋତ୍ସବ ନିରାଡ଼ମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଛି ।

ତା୨୯ ।୩।୯୭ରିଖ, ଶନିବାର-କେନ୍ଦୁଝର ଜିଲ୍ଲାର ପଦ୍ମପୁର ଠାରେ କେତନୀ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି ।

ତା୩୧ ।୩।୯୭ରିଖ, ସୋମବାର-ବାଉରିପଦାଠାରେ କେତନୀ ବାର୍ଷିକୋତ୍ସବ ଯଥାରୀତି ଅନୁଷ୍ଠିତ ହୋଇଛି ।

ତା୧ ।୪।୯୭ରିଖ, ମଙ୍ଗଳବାର-ବାଲିଆଗୋଡ଼ାଠାରେ କେତନୀ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ତା୩।୪।୯୭ରିଖ, ଗୁରୁବାର-ପୁଟୁଗାଁ ଶାଖାର କେତନୀ ବାର୍ଷିକୋତ୍ସବ ପ୍ରତିକୂଳ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଯଥାରୀତି ପାଳିତ ହୋଇଛି ।

ତା୫।୪।୯୭ରିଖ, ଶନିବାର-ମୟୂରଭଂଜ ଜିଲ୍ଲାର ଶକ୍ତିପୀଠ ଖିଚିଂଠାରେ ଖିଚିଂ ଶାଖାର କେତନୀ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି